ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, March 31/2025 Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 125 | ମୂଲ୍ୟ ₹୭/-



## Be Single-Minded, Be YUVODAYAN.

Future cannot be predicted, but it can be invented. All you need is staunch nurturance which can turn your dreams into reality. YUVODAYA knows it all – how to bridge the dreams with skills. YOUR DECISION TODAY BUILDS YOUR LIFE TOMORROW.

STATE NEET & AIIMS TOPPER - 2019 ASHUTOSH AIIMS BHUBANESWAR | STATE PCM TOPPER (CHSE) - 2018 LAULESH IIT GUWAHATI PCM: 297/300 | WESTERN ODISHA TOPPER - 2021 SOUMESH AIIMS BHUBANESWAR 690 | WESTERN ODISHA TOPPER - 2021 JYOTI IIT MADRAS (JEE-ADV.) | WESTERN ODISHA NEET TOPPER - 2023 SATYAM AIIMS BHUBANESWAR 680 | WESTERN ODISHA NEET TOPPER - 2024 ARYAN AIIMS DEOGHAR 692

## CBSE XI - XII (Science) with IIT & Medical Coaching

BHUBANESWAR : NEW AIRPORT SQUARE, UNIT 6, EKAMRA MARG 9937438936 / 9040064200
BERHAMPUR : NEAR INCOME TAX OFFICE, AMBAPUA 9777765444 / 8658265444
BALANGIR : HATISAL PADA, NEAR TREASURY OFFICE 9777884488 / 9938086842

TOP RANKERS OF YUVODAYA IN CBSE 12TH BOARD EXAMINATION - 2024

90% ABOVE - 17 | 80% ABOVE - 107 | 70% ABOVE - 243 | AVG. SCORE: 76.39%

## ADMISSIONS OPEN

YUVEDGE advanced batches — Start Early, Stay Ahead

Session: 2025-2026 DIRECT ADMISSIONS without waiting for 10th Results

For 10th Board appeared students (CBSE, ICSE, BSE)

BATCH START DATE: CBSE - 2ND APRIL / CHSE - 31ST MARCH

## JEE(M) Phase - I (2025)

| Percentile | > 99 | > 98 | > 97 | > 96 | > 95 | > 94 | > 93 | > 92 | > 91 | > 90 |
|---|---|---|---|---|---|---|---|---|---|---|
| OVERALL | 3 | 11 | 24 | 35 | 51 | 61 | 73 | 80 | 90 | 97 |
| PHYSICS | 19 | 30 | 38 | 46 | 58 | 71 | 78 | 83 | 87 | 95 |
| CHEM | 13 | 22 | 40 | 54 | 64 | 73 | 76 | 82 | 87 | 90 |
| MATH | 2 | 7 | 12 | 15 | 16 | 16 | 16 | 18 | 18 | 20 |
| TOTAL | 34 | 59 | 90 | 115 | 138 | 160 | 170 | 183 | 192 | 205 |

IIT & NIT DREAMS SECURED : 200+ students scored more than 90 %tile

99.19 SWAYAM SUNDAR MEHER | 99.18 AYUSH PATEL | 99.03 SUBHANKAR NANDA

## CHSE +2 SCIENCE with IIT & Medical Coaching

Admission Office: HATISAL PADA, BALANGIR 9777884488 / 9938086842

+2 SCIENCE STATE TOPPERS IN CHSE BOARD EXAMINATION - 2024

560 PRAJNA PARIMITA PADHAN | 560 RACHIT KUMAR PADHAN | 557 PRAGNYA PANDA | 557 AYUSH MEHER | 557 SWAPNIL KUMAR SAHU

## TOP IITians

## TOP AIIMSonians

## Reach your full potential to crack IIT-JEE (Advanced) & AIIMS.

YUVODAYA NON-NEGOTIABLE ACADEMICS

## NEET - 2024: SUCCESS RATE SUPREMACY IN ODISHA RETAINED

CENTRE OF EXCELLENCE — MEDICAL / IIT-JEE — YUVODAYA — EXCLUSIVE CENTRE FOR ONE-YEAR PREPARATION

Admissions open for One Year Course for 12th appeared students (HOSTEL SEATS ARE BEING FILLED UP FAST)

NEET - 2025 Crash Course available only in Bhubaneswar

JEE / NEET

BHUBANESWAR CENTRE - Jayadev Vihar, Biju Pattnaik College Road 7381064208 / 7077983222 / 7381013202 www.yuvodaya.in yuvodaya_odisha

BALANGIR CENTRE - Shantipada, Opp. Shiv Temple, Balangir, Admission Office: Hatisal Pada, Balangir 9777884488 / 9938086842 / 9437367867

## 2025: JEE Phase-I boomed. Watch out for the BLAST in JEE Adv., NEET & Board Results.

## ସଂକ୍ଷେପରେ

### ପାକ୍ ସେନାର ଡ୍ରୋନ୍ ଆକ୍ରମଣ

## ୧୨ ଆତଙ୍କବାଦୀ, ୯ ନାଗରିକ ମୃତ

**ପେଶାୱର,୩୦।୩ (ପି.ଟି.)**

ପାକିସ୍ତାନର ଖାଇବର ପଖ୍ତୁନ୍ଖ୍ୱା ପ୍ରଦେଶରେ ଆତଙ୍କବାଦୀମାନଙ୍କ ଗୁପ୍ତ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି ସେନା ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏଥିରେ ୧୨ ଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ୯ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ମର୍ଦାନ ଜିଲାର କାଟଲାଙ୍ଗ ପାର୍ବତ୍ୟାଞ୍ଚଳରେ ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରି ଶନିବାର ସକାଳୁ ଆକ୍ରମଣ ଆରମ୍ଭ ହୋଇଥିଲା। ଜିଲା ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ମର୍ଦାନ-ସ୍ୱାତ ମୋଟରୱେର ଆକ୍ରମଣ ସ୍ଥଳରୁ ୭ ଜଣ ପୁରୁଷ ଓ ୨ ମହିଳାଙ୍କୁ ମର୍ଦାନ ମେଡିକାଲ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯାଇଛି। ମୃତକମାନେ ସ୍ୱାତ୍ ଜିଲାର ମେଷପାଳକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ହିମାଚଳରେ ଭୂସ୍ଖଳନ: ୬ ମୃତ

**ଶିମ୍ଲା,୩୦।୩**

ହିମାଚଳପ୍ରଦେଶର କୁଲ୍ଲୁରେ ରବିବାର ଅପରାହ୍ନ ୫ଟାରେ ଭୂସ୍ଖଳନ ଘଟି ୩ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ଭୂସ୍ଖଳନରେ କେତେଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଜିଲାର ଶୀର୍ଷ ଅଧିକାରୀ ଏବଂ ଉଦ୍ଧାରକାରୀ ଟିମ୍ ପହଞ୍ଚିଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୋକେ ରାସ୍ତା ପାର୍ଶ୍ୱରେ ବସିଥିବାବେଳେ ଏକ ବଡ଼ ଗଛ ଉପୁଡ଼ିବା ସହ ମାଟି ଅଡ଼ା ସେମାନଙ୍କ ଉପରେ ପଡ଼ିଯାଇଥିଲା। ଗଛ ପଡ଼ି କେତେକ ଗାଡ଼ି ଭାଙ୍ଗିରୁଜି ଯାଇଛି। ମୃତକଙ୍କ ମଧ୍ୟରେ ଜଣେ ହକର, ଜଣେ କାର୍ ଡ୍ରାଇଭର ଏବଂ ୩ ଜଣ ପର୍ଯ୍ୟଟକ ରହିଛନ୍ତି।

## ମସ୍‌ଜିଦରେ ବିସ୍ଫୋରଣ, ୨ ଗିରଫ

**ବିଡ୍, ୩୦।୩**

ମହାରାଷ୍ଟ୍ରର ବିଡ୍ ଜିଲାସ୍ଥିତ ତାଲାୱାଡ଼ା ଅଞ୍ଚଳରେ ଥିବା ଏକ ମସ୍‌ଜିଦରେ ରବିବାର ବିସ୍ଫୋରଣ ଘଟିଥିବାର ଏକ ମାମଲା ସାମ୍ନାକୁ ଆସିଛି। ଇଦ୍‌ର ଠିକ୍ ଦିନକ ପୂର୍ବରୁ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ପୋଲିସ ଏହି ମାମଲାକୁ ନେଇ ୨ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଏହି ବିସ୍ଫୋରଣ ଜିଲେଟିନ୍ ଷ୍ଟିକ୍‌ରେ ହୋଇଥିବା ନେଇ ପୋଲିସ କହିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ପଛପଟ ରାସ୍ତାରେ ମସ୍‌ଜିଦରେ ପ୍ରବେଶ କରିଥିଲେ। ସେ ମସ୍‌ଜିଦ ମଧ୍ୟରେ ଜିଲେଟିନ ଷ୍ଟିକ୍ ସହାୟତାରେ ବିସ୍ଫୋରଣ ଘଟାଇଥିଲେ। ଏହି ବିସ୍ଫୋରଣରେ ମସ୍‌ଜିଦ ଭିତରର ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

# ଭୂକମ୍ପ ସତ୍ତ୍ୱେ ବିଦ୍ରୋହୀଙ୍କୁ ସେନାର ଆକ୍ରମଣ

**ବ୍ୟାଙ୍କକ୍,୩୦।୩**

ମ୍ୟାନ୍‌ମାରରେ ପ୍ରଳୟଙ୍କରୀ ଭୂକମ୍ପରେ ୧,୭୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଏଭଳି ବିପର୍ଯ୍ୟୟ ସମୟରେ ମଧ୍ୟ ଦେଶର ସାମରିକ ସରକାର ବିଦ୍ରୋହୀଙ୍କ ଉପରେ ବୋମାମାଡ଼ ଜାରି ରଖିଛି। ଭୂକମ୍ପ ପରବର୍ତ୍ତୀ ଏୟାରଷ୍ଟ୍ରାଇକ୍‌ରେ ୭ ବିଦ୍ରୋହୀ ଯୋଦ୍ଧାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମ୍ୟାନ୍‌ମାରରେ ଦୀର୍ଘ ୪ ବର୍ଷ ହେଲା ଗୃହଯୁଦ୍ଧ ଲାଗି ରହିଥିବାବେଳେ ବିଦ୍ରୋହୀ ଏବଂ ଜାତିଆଣ ସଂଖ୍ୟାଲଘୁ ସଶସ୍ତ୍ର ଗୋଷ୍ଠୀକୁ ଦମନ କରିବା ପାଇଁ ମ୍ୟାନ୍‌ମାର ସେନା ଏୟାରଷ୍ଟ୍ରାଇକ୍‌କୁ ଜୋର୍‌ଦାର କରିଛି। ଭୂକମ୍ପରେ ଅନେକ ହଜାର ଘର ମାଟିରେ ମିଶିଥିବାବେଳେ ଦେଶର ଏହି ସଙ୍କଟ ସମୟରେ କେତେକ ସଶସ୍ତ୍ର ଗୋଷ୍ଠୀ ଆକ୍ରମଣକୁ ସ୍ଥଗିତ ରଖିଛନ୍ତି। ସେନା ଏହାର ଫାଇଦା ଉଠାଇବାକୁ ଉଦ୍ୟମ କରୁଛି।

ଭୂକମ୍ପ ପରେ ଆକାଶମାର୍ଗରୁ ବୋମାମାଡ଼ରେ ସେମାନେ କ୍ଷତିଗ୍ରସ୍ତ ହୋଇଥିବା ଉତ୍ତର ଭାଗ ଶାନ୍ ରାଜ୍ୟରେ ସକ୍ରିୟ ଥିବା ସଂଖ୍ୟାଲଘୁ ସଶସ୍ତ୍ର ଗୋଷ୍ଠୀ ତାନୁ ପିପୁଲ୍ସ ଲିବରେଶନ ଆର୍ମିର ଯୋଦ୍ଧାମାନେ କହିଛନ୍ତି। ନାଉଙ୍ଗ୍‌ଚୋ ସହରରେ ଥିବା ସେମାନଙ୍କ ଘାଟି ଉପରେ ୫ଟି ସାମରିକ ବିମାନରୁ ଆକ୍ରମଣ ହେବାରୁ ୭ ଜଣ ଯୋଦ୍ଧା ପ୍ରାଣ ହରାଇଥିବା ସେମାନଙ୍କର ଜଣେ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିମାନ ଶବ୍ଦ ଶୁଣି ଯୋଦ୍ଧାମାନେ ବଙ୍କର ମଧ୍ୟକୁ ଚାଲିଯାଇଥିଲେ। ତେବେ ଏକ ବଡ଼ ବୋମା ମାଡ଼ରେ ଗୋଟିଏ ବଙ୍କର ଭାଙ୍ଗିଯିବାରୁ ଘଟଣାସ୍ଥଳରେ ୫ ମହିଳା ଯୋଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଗତ ଦେଢ଼ ବର୍ଷରେ ସେନା ଯୁଦ୍ଧକ୍ଷେତ୍ରରେ ପରାଜିତ ହେବା ସହ ଅନେକ ଅଞ୍ଚଳ ଉପରୁ ନିୟନ୍ତ୍ରଣ ହରାଇଛି। ଏହାର ସ୍ଥଳସେନା ସଂଘର୍ଷ ଜାରି ରଖିଥିବାବେଳେ ରୁଷିଆରୁ ପାଇଥିବା ଯୁଦ୍ଧବିମାନ ସହାୟତାରେ ଆକାଶମାର୍ଗରୁ ଆକ୍ରମଣରେ ନିଜର ସାମର୍ଥ୍ୟ ବୃଦ୍ଧି କରିଛି।



ମ୍ୟାନ୍‌ମାର ସେନା ପକ୍ଷରୁ ବୋମାମାଡ଼ କରାଯାଇଛି।

ଏକ ଅଣଲାଭଦାୟକ ସଂଗଠନ ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ ଇଭେଣ୍ଟ ଡାଟା (ଏସିଏଲ୍‌ଇଡି)ର ତଥ୍ୟ ଅନୁଯାୟୀ, ୪ ବର୍ଷର ଗୃହଯୁଦ୍ଧରେ ସେନାର ଆକାଶମାର୍ଗରୁ ଆକ୍ରମଣ ବୃଦ୍ଧି ପାଇଛି। ୨୦୨୪ରେ ମ୍ୟାନ୍‌ମାର ସେନା ସାଧାରଣ ନାଗରିକଙ୍କ ଉପରେ ପାଖାପାଖି ୮୦୦ ଥର ଏୟାରଷ୍ଟ୍ରାଇକ୍ କରିଛି। ପୂର୍ବ ବର୍ଷଗୁଡ଼ିକଠାରୁ ଏହା ୩ ଗୁଣରୁ ଅଧିକ। ସ୍ଥଳସେନା ଉପରେ ଚାପ ବଢ଼ୁଥିବାରୁ ଆଗକୁ ସାମରିକ ସରକାର ଏୟାରଷ୍ଟ୍ରାଇକ୍ ଜାରି ରଖିବ ବୋଲି ଏସିଏଲ୍‌ଇଡି ଅନୁମାନ କରିଛି। ଜୁଣ୍ଟାର କ୍ରମାଗତ ଏୟାରଷ୍ଟ୍ରାଇକ୍‌କୁ ଜାତିସଂଘର ସ୍ୱତନ୍ତ୍ର ଦୂତ ଏବଂ ଅଧିକାର ସଂଗଠନଗୁଡ଼ିକ ସମାଲୋଚନା କରିଛନ୍ତି। ଯେକୌଣସି ପ୍ରକାରେ ଗୃହଯୁଦ୍ଧରେ ଜିତିବା ପାଇଁ ସାମରିକ ଶାସକ ଚାହୁଁଥିବାରୁ ପ୍ରଳୟଙ୍କରୀ ଭୂକମ୍ପ ସତ୍ତ୍ୱେ ଆକ୍ରମଣ ଜାରି ରଖିଥିବା ହ୍ୟୁମ୍ୟାନ୍ ରାଇଟ୍ସ ୱାଚ୍‌ର ଏସିଆ ନିର୍ଦ୍ଦେଶକ ଏଲଶଇନ୍ ପିଅର୍ସନ କହିଛନ୍ତି। ତୁରନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ଅସ୍ତ୍ରବିରତି ଘୋଷଣା କରିବାକୁ ଜାତିସଂଘର ସ୍ୱତନ୍ତ୍ର ଦୂତ ଟମ୍ ଆଣ୍ଡ୍ରୁସ୍ ସାମରିକ ସରକାରଙ୍କୁ ନିବେଦନ କରିଛନ୍ତି। ଭୟାବହ ଭୂକମ୍ପ ପରେ ସେନା ଲୋକଙ୍କ ଉପରେ ବୋମାମାଡ଼ କରିବା ଅବିଶ୍ୱସନୀୟତାଠାରୁ କିଛି କମ୍ ନୁହେଁ ବୋଲି ସେ କହିଛନ୍ତି।

## ମାଣ୍ଡଲେ: ଫସିଥିବା ଲୋକେ ବଞ୍ଚିବା ଆଶା କ୍ଷୀଣ

**ମାଣ୍ଡଲେ,୩୦।୩**

### ମ୍ୟାନ୍‌ମାର ବିପନ୍ନଙ୍କ ପାଖରେ ପହଞ୍ଚିପାରୁନି ସହାୟତା

ମ୍ୟାନ୍‌ମାରର ଦ୍ୱିତୀୟ ସର୍ବବୃହତ୍ ସହର ମାଣ୍ଡଲେର ରାସ୍ତାଘାଟରେ ଗଳିତ ମୃତଦେହର ଗନ୍ଧ। ଉକ୍ତ ଅଞ୍ଚଳ ଏକ କବରସ୍ଥଳରେ ପରିଣତ ହୋଇଛି। ପ୍ରଳୟଙ୍କରୀ ଭୂକମ୍ପର ୨ ଦିନ ପରେ ଭଗ୍ନାବଶେଷ ତଳେ ରହିଯାଇଥିବା ଲୋକଙ୍କ ବଞ୍ଚିବା ଆଶା କ୍ଷୀଣ ହେବାରେ ଲାଗିଛି। ଏହା ସତ୍ତ୍ୱେ ଲୋକେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ଜୀବିତ ପାଇବା ଆଶାରେ ହାତରେ ଭଗ୍ନାବଶେଷ ଖୋଳୁଥିବା ଦେଖିବାକୁ ମିଳିଛି। ୭.୭ ତୀବ୍ରତାର ଭୂକମ୍ପରେ ୧,୭୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ମାଟିତଳେ ପୋତିହୋଇ ରହିଯାଇଛନ୍ତି। ମାଣ୍ଡଲେ ନିକଟରେ ଭୂକମ୍ପର କେନ୍ଦ୍ରସ୍ଥଳ ହୋଇଥିବାବେଳେ ସେଠାରେ ବହୁସଂଖ୍ୟାରେ ବିଲ୍ଡିଂ ଓ ଅନ୍ୟାନ୍ୟ ଭିତ୍ତିଭୂମି ଧ୍ୱଂସ ହୋଇଯାଇଛି। ରାସ୍ତାଗୁଡ଼ିକ ଦବିଯିବା ସହ ଅନେକ ବ୍ରିଜ୍ ଭୁଶୁଡ଼ି ପଡ଼ିଥିବାରୁ କ୍ଷତିଗ୍ରସ୍ତଙ୍କ ନିକଟରେ ରିଲିଫ ସହାୟତା ପହଞ୍ଚାଇବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକେ ସାମିଲ ହୋଇଥିବାବେଳେ ଖନନ ଉପକରଣ ଓ ଗାଡ଼ି ଅଭାବରୁ ଲୋକେ ୪୧ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ହାତରେ ଭଗ୍ନାବଶେଷ ଉଠାଉଛନ୍ତି। କ୍ୱଚିତ୍ ଏକ୍ସାଭେଟର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି। ଭୂକମ୍ପ ପରେ ପଶ୍ଚାତ୍ କମ୍ପନ ଲାଗିରହିଥିବାରୁ ବାସହରା ଲୋକେ ରାସ୍ତାଘାଟରେ ଉଜାଗର ରହୁଛନ୍ତି। ଥାଇଲାଣ୍ଡରେ ମଧ୍ୟ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୭ରେ ପହଞ୍ଚିଛି। କ୍ଷତିଗ୍ରସ୍ତଙ୍କ ପାଖରେ ଏପର୍ଯ୍ୟନ୍ତ ଉଦ୍ଧାରକାରୀ ଟିମ୍ ଓ ରିଲିଫ୍ ସାମଗ୍ରୀ ପହଞ୍ଚି ପାରିନାହିଁ। ଭଗ୍ନାବଶେଷ ତଳେ ରହିଯାଇଥିବା ଲୋକଙ୍କ ବଞ୍ଚିବା ଆଶା ୧ ପ୍ରତିଶତରୁ କମ୍ ବୋଲି ବ୍ୟାଙ୍କକ୍ ପୋଲିସ କହିଛି। ଆବଶ୍ୟକ ଉପକରଣ ସତ୍ତ୍ୱେ ସେମାନେ ଜଣେ ହେଲେ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିପାରି ନାହାନ୍ତି। ଭଗ୍ନାବଶେଷକୁ କାଢ଼ିବା ପାଇଁ ଅନ୍ୟୂନ ୨ ମାସ ଲାଗିଯିବ ବୋଲି ସ୍ଥାନୀୟ ପ୍ରଶାସନ କହିଛି।

## ଆଜି ଭାରତରେ ଇଦ୍ ପାଳନ

**ନୂଆଦିଲ୍ଲୀ,୩୦।୩(ପି.ଟି.)**

ରବିବାର ସନ୍ଧ୍ୟାରେ ଚନ୍ଦ୍ର ଦେଖାଦେଇଥିବାରୁ ସୋମବାର ଭାରତରେ ଭ୍ରାତୃତ୍ୱ ଏବଂ ସଦ୍‌ଭାବନାର ପର୍ବ ଇଦ୍-ଉଲ୍-ଫିତର ପାଳନ କରାଯିବ। ପବିତ୍ର ରମଜାନ ମାସର ଶେଷ ସ୍ୱରୂପ ଇଦ୍ ପାଳନ କରାଯାଇଥାଏ। ରୁଏତ୍-ଇ-ହିଲାଲ କମିଟି ବିଭିନ୍ନ ଅଞ୍ଚଳ ସହ ଯୋଗାଯୋଗ କରିଥିଲା। ବିଭିନ୍ନ ସ୍ଥାନରେ ଚନ୍ଦ୍ର ଦୃଶ୍ୟମାନ ହୋଇଥିବା ସେମାନେ ଜାଣିବାକୁ ପାଇଛନ୍ତି। ତଦନୁଯାୟୀ ସୋମବାର ଇଦ୍ ପାଳନ ହେବ ବୋଲି ଫତେପୁରୀ ମସ୍‌ଜିଦ ଇମାମ୍ ମୁଫ୍‌ତି ମୁକାରାମ୍ ଅହମଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଟୋଙ୍ଗାରେ ଭୂକମ୍ପ ପରେ ସୁନାମି ସତର୍କତା ଜାରି

**ନୁକୁଆଲୋଫା,୩୦।୩**

ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶ ଟୋଙ୍ଗାରେ ରବିବାର ୭.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ପରେ ସୁନାମି ସତର୍କ ସୂଚନା ଜାରି କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ପକ୍ଷରୁ କୁହାଯାଇଛି। ୧ ମିଟର ଉଚ୍ଚରେ ସମୁଦ୍ର ଜୁଆର ଅନ୍ୟତମ ଦ୍ୱୀପଦେଶ ନିଉ ପର୍ଯ୍ୟନ୍ତ ଆସିବା ନେଇ ଆମେରିକା ସୁନାମି ୱାର୍ନିଂ ସିଷ୍ଟମ୍ ସତର୍କ କରାଇଥିବାରୁ ଉପକୂଳଠାରୁ ଦୂରେଇ ରହିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି। ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ ଟୋଙ୍ଗା ଜାତୀୟ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ କହିଛି।



ହିନ୍ଦୁ ନବବର୍ଷର ଆରମ୍ଭ ଅବସରରେ ରବିବାର ମୁମ୍ବାଇରେ ଗୁଡ଼ି ପଡ଼ୱାଲ ପାଳନ ବେଳେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ମଣିପୁର, ନାଗାଲାଣ୍ଡ, ଅରୁଣାଚଳରେ ୬ ମାସ ପାଇଁ ବଢ଼ିଲା ଏଏଫ୍‌ଏସ୍‌ପିଏ

**ନୂଆଦିଲ୍ଲୀ, ୩୦ ।୩**

ଉତ୍ତରପୂର୍ବ ଭାରତରେ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରବିବାର ୩ ରାଜ୍ୟ ମଣିପୁର, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶରେ ଆର୍ମଡ୍ ଫୋର୍ସେସ୍ ସ୍ପେଶାଲ ପାୱାର ଆକ୍ଟ (ଏଏଫ୍‌ଏସ୍‌ପିଏ)କୁ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ରବିବାର ମଣିପୁରର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସମୀକ୍ଷା କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ତେବେ ଏଏଫ୍‌ଏସ୍‌ପିଏରୁ ମଣିପୁରର ୧୩ଟି ଥାନାର ଅଞ୍ଚଳଗୁଡ଼ିକୁ ଦୂରେଇ ରଖାଯାଇଛି। ସେହିପରି ଅରୁଣାଚଳ ପ୍ରଦେଶର ତୀରପ, ଚାଙ୍ଗଲାଙ୍ଗ, ଲୋଙ୍ଗଡିଙ୍ଗ୍ ଜିଲା ସହ ୩ଟି ପୋଲିସ ଥାନାକୁ ଛାଡ଼ି ଅନ୍ୟ ସମସ୍ତ ଅଞ୍ଚଳରେ ଏଏଫ୍‌ଏସ୍‌ପିଏକୁ ୬ ମାସ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଅନ୍ୟପକ୍ଷରେ, ନାଗାଲାଣ୍ଡର ୮ ଜିଲାରେ ଏଏଫ୍‌ଏସ୍‌ପିଏକୁ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ଅନ୍ୟ ୫ ଜିଲାରେ ଏଏଫ୍‌ଏସ୍‌ପିଏକୁ ନୂତନ ଭାବେ କାର୍ଯକାରୀ କରାଯାଇଛି।

## ଛତିଶଗଡ଼ରେ ୩୩,୭୦୦ କୋଟିର ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ବିଳାସପୁର,୩୦।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଛତିଶଗଡ଼ରେ ୩୩,୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବିଳାସପୁର ଜିଲାର ମୋହଭଟ୍ଟା ଗ୍ରାମରେ ଏକ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ଅଭନପୁର-ରାଇପୁର ମଧ୍ୟରେ ଏମ୍‌ଇଏମ୍‌ୟୁ ଟ୍ରେନ୍ ସେବା ଉଦ୍‌ଘାଟନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣରେ ହିତାଧିକାରୀଙ୍କୁ ଘର ଚାବି ହସ୍ତାନ୍ତର କରିଛନ୍ତି।

## ଅଫିସରଙ୍କୁ ଗୋଟିଏ ସ୍ଥାନରେ ଅଧିକ ଦିନ ରଖିବା ଦୁର୍ନୀତି ବଢ଼ାଇଥାଏ: ସଂସଦୀୟ କମିଟି

**ନୂଆଦିଲ୍ଲୀ, ୩୦।୩**

ଅଫିସରମାନଙ୍କୁ ଗୋଟିଏ ସ୍ଥାନରେ ଦୀର୍ଘଦିନ ରଖିବା ଦ୍ୱାରା ଦୁର୍ନୀତି ବଢ଼ିଥାଏ। ସେମାନେ ଯେପରି କୌଣସି ମନ୍ତ୍ରଣାଳୟରେ ନିର୍ଦ୍ଧାରିତ ସମୟସୀମାଠାରୁ ଅଧିକ ଦିନ ନ ରହିବେ, ସେଥିପାଇଁ ପଦକ୍ଷେପ ନିଆଯିବା ଉଚିତ ବୋଲି ଏକ ସଂସଦୀୟ କମିଟି କେନ୍ଦ୍ର ସରକାରଙ୍କୁ କହିଛି। ସବୁ ଅଫିସରଙ୍କ ପାଇଁ ସ୍ଥାନାନ୍ତରଣ ନୀତି ରହିଆସିଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଉ ନ ଥିବା କାର୍ମିକ, ଜନ ଅଭିଯୋଗ, ଆଇନ ଓ ନ୍ୟାୟ ବିଭାଗର ସଂସଦୀୟ ସ୍ଥାୟୀ କମିଟି ଏହାର ୧୪୫ତମ ରିପୋର୍ଟରେ କହିଛି। କେତେକ ଅଫିସରଙ୍କୁ ସେମାନଙ୍କ ପ୍ରିୟ ମନ୍ତ୍ରଣାଳୟରେ ୮ରୁ ୯ ବର୍ଷ କିମ୍ବା ତା'ଠାରୁ ଅଧିକ ଦିନ ରଖାଯାଉଛି। ଅର୍ଥ ଏବଂ ଅନ୍ୟ ସମ୍ବେଦନଶୀଳ ମନ୍ତ୍ରଣାଳୟରେ ଅଫିସରମାନେ ଦୀର୍ଘଦିନ ରହିଯାଉଛନ୍ତି। ଏପରିକି କେତେଜଣ ଅଫିସରଙ୍କ ସମୁଦାୟ କ୍ୟାରିୟର ଗୋଟିଏ ମନ୍ତ୍ରଣାଳୟରେ କଟିଯାଉଛି। ବିଳମ୍ବ ନ କରି ଏଭଳି ତ୍ରୁଟି ସୁଧାରିବା ଜରୁରୀ ବୋଲି ରିପୋର୍ଟରେ କୁହାଯାଇଛି। କେନ୍ଦ୍ରୀୟ ସଚିବାଳୟ ସେବା, କେନ୍ଦ୍ରୀୟ ସଚିବାଳୟ ଷ୍ଟେନୋଗ୍ରାଫର ସେବାର କାର୍ଯ୍ୟ ସମୀକ୍ଷା ବେଳେ ଏହା କମିଟି ଦୃଷ୍ଟିକୁ ଆସିଥିଲା।

## ବିବିଧତା ମଧ୍ୟରେ ଏକତା ପ୍ରଦର୍ଶନ କରେ ଉତ୍ସବ

**ନୂଆଦିଲ୍ଲୀ,୩୦।୩ (ପି.ଟି.)**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ନରେନ୍ଦ୍ର ମୋଦି

ଆମେ ପାଳନ କରୁଥିବା ଉତ୍ସବଗୁଡ଼ିକ ଭାରତର ବିବିଧତା ମଧ୍ୟରେ ଏକତାର ପ୍ରଦର୍ଶନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିବା ସହ ଜନସାଧାରଣ ସେମାନଙ୍କ ଭାବନାକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ କହିଛନ୍ତି, ରବିବାର ଅନେକ ରାଜ୍ୟରେ ପାରମ୍ପରିକ ନବବର୍ଷ ପାଳନ କରାଯାଉଥିବାବେଳେ ଆଗାମୀ ଦିନରେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ଉତ୍ସବ ପାଳନ କରାଯିବ। ରବିବାର କର୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାରେ ଉଗାଡ଼ି ପର୍ବ ଖୁବ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଇଛି। ମହାରାଷ୍ଟ୍ରରେ ଗୁଡ଼ି ପଡ଼ୱା ମଧ୍ୟ ଧୁମ୍‌ଧାମରେ ପାଳିତ ହୋଇଛି। ଆଗାମୀ ଦିନରେ ଆସାମରେ ରଙ୍ଗୋଲି ବିହୁ, ପଶ୍ଚିମବଙ୍ଗରେ ପୋଇଲା ବୈଶାଖ, କଶ୍ମୀରରେ ନଭରେହ ଉତ୍ସବ ଏବଂ ଇଦ୍ ପାଳନ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଭିନ୍ନ ଅଞ୍ଚଳରେ ପାଳିତ ହେଉଥିବା ଉତ୍ସବ ଭାରତର ବିବିଧତାକୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ।

କ୍ୟାଚ୍ ଦି ରେନ୍ ଅଭିଯାନ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଗତ ୭/୮ ବର୍ଷରେ ୧୧ ବିଲିୟନ ଘନମିଟରରୁ ଅଧିକ ଜଳ ସଂରକ୍ଷିତ ହୋଇପାରିଛି। ବର୍ଷାଜଳକୁ ସଂରକ୍ଷିତ କରି ଆମେ ପାଣିକୁ ନଷ୍ଟ ହେବାରୁ ରକ୍ଷା କରିପାରିବା। ଯୋଗ ଦିବସକୁ ଆଉ ୧୦୦ ଦିନରୁ କମ୍ ସମୟ ରହିଛି। ଆପଣମାନେ ଯଦି ଯୋଗକୁ ଏପର୍ଯ୍ୟନ୍ତ ନିଜ ଜୀବନଶୈଳୀରେ ସାମିଲ କରିନାହାନ୍ତି, ଏବେ ସାମିଲ କରିବା ପାଇଁ ମୋଦି ପରାମର୍ଶ ଦେଇଛନ୍ତି। ବିଦେଶରେ ଯୋଗ ସମେତ ଆୟୁର୍ବେଦ ପ୍ରତି ଆଦର ବଢ଼ୁଛି। ଦକ୍ଷିଣ ଆମେରିକୀୟ ଦେଶ ଚିଲିରେ ଆୟୁର୍ବେଦ ଦ୍ରୁତ ଲୋକପ୍ରିୟ ହେବାରେ ଲାଗିଛି। ସ୍ପେନ୍‌ରେ ବହୁବର୍ଷ ହେଲା ଯୋଗ ଏବଂ ଆୟୁର୍ବେଦର ପ୍ରଚାରପ୍ରସାର ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଦିବାସୀମାନେ ସଂଗ୍ରହ କରୁଥିବା ମହୁଆ ଫୁଲ କଥା କହିଛନ୍ତି। ଏବେ ଏହି ଫୁଲର ଗୁରୁତ୍ୱ ବଢ଼ିଛି। ମଧ୍ୟପ୍ରଦେଶର ଛିନ୍ଦୱାରା ଜିଲାରେ ଏଥିରୁ କୁକିଜ୍ ପ୍ରସ୍ତୁତ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

## ଭାଇରାଲ ହେଉଛି ଘିବ୍‌ଲି ଶୈଳୀ ଏଆଇ ଆର୍ଟ

**ନୂଆଦିଲ୍ଲୀ**

ଚାଟ୍‌ଜିପିଟିରେ ଏକ ନୂତନ ଫିଚର 'ଷ୍ଟୁଡିଓ ଘିବ୍‌ଲି ଶୈଳୀ' ଜରିଆରେ ସମ୍ପ୍ରତି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ବିଭିନ୍ନ ମିମ୍ସ, ଫଟୋ ଆଦିରେ ଭରି ହୋଇରହୁଛି। ସୋସିଆଲ ମିଡିଆ ୟୁଜର୍ସଙ୍କ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ପ୍ରଭାବଶାଳୀ ବ୍ୟକ୍ତି, ସେଲିବ୍ରିଟି, ରାଜନୈତିକ ଦଳ ଓ ନେତାମାନେ ମଧ୍ୟ ଏବେ ଏହି ଟ୍ରେଣ୍ଡ୍‌ରେ ସାମିଲ ହେବା ଆରମ୍ଭ କରିଛନ୍ତି। ଜାପାନିଜ୍ ଷ୍ଟୁଡିଓଜ୍ ଲଞ୍ଚ କରିଥିବା 'ଷ୍ଟୁଡିଓ ଘିବ୍‌ଲି ଆର୍ଟ' ଦ୍ୱାରା ପେଷ୍ଟେଲ, ମ୍ୟୁଟେଡ୍ କଲର ପ୍ୟାଲେଟ୍ ଥିବା ଫଟୋଗୁଡ଼ିକୁ ଏହାର ଏକ ନୂତନ ରୂପ ମିଳିଥାଏ।

ଚାଟ୍‌ଜିପିଟିର ନିର୍ମାତା ଓପନ୍‌ଏଆଇ ପକ୍ଷରୁ ଏହି ଏଆଇ ଇମେଜ୍‌ଜେନେରେଶନ ସୁବିଧାକୁ ମାଗଣା ବ୍ୟବହାରକାରୀଙ୍କ ପାଇଁ ଆରମ୍ଭ କରାଯାଇଛି। ଚାଟ୍‌ଜିପିଟି ଏବଂ ସୋରା ସଫ୍ଟୱେରର ସମସ୍ତ ପ୍ଲସ୍, ପ୍ରୋ, ଟିମ୍ ଏବଂ ମାଗଣା ବ୍ୟବହାରୀଙ୍କ ପାଇଁ ଉକ୍ତ ସୁବିଧା ଆରମ୍ଭ ହୋଇଛି। ଷ୍ଟୁଡିଓ ଘିବ୍‌ଲି ଆର୍ଟ ଚାଟ୍‌ଜିପିଟିରେ ଏକ ନୂତନ ଅପଡେଟ୍ ବୋଲି ଓପନ୍‌ଏଆଇ କହିଛି। ଏହି ସୁବିଧା ସହ ୟୁଜର୍ସମାନେ ଅତି ସହଜରେ ଷ୍ଟୁଡିଓ ଘିବ୍‌ଲିର ଇମେଜ ଜେନେରେଶନ ସୁବିଧାକୁ ବ୍ୟବହାର କରି ନିଜର ପ୍ରକୃତ ଫଟୋକୁ ଆନିମେଟେଡ୍ ଘିବ୍‌ଲି ଶୈଳୀର ଫଟୋରେ ପରିବର୍ତ୍ତନ କରିପାରୁଛନ୍ତି। ଓପନ୍‌ଏଆଇ ସିଇଓ ସାମ୍ ଅଲ୍‌ଟମ୍ୟାନ କହିଛନ୍ତି, ବହୁ ସଂଖ୍ୟାରେ ୟୁଜର୍ସ ଚାଟ୍ ଜିପିଟିରେ ଏହି ସୁବିଧା ବ୍ୟବହାର କରୁଥିବାରୁ ତାଙ୍କ କମ୍ପାନୀର ଗ୍ରାଫିକ୍ସ ପ୍ରୋସେସିଙ୍ଗ ୟୁନିଟ୍(ଜିପିୟୁ)କୁ କ୍ଷତି ସହିବାକୁ ପଡୁଛି। ଲୋକମାନେ ନିଜ ଫଟୋର ପରିବର୍ତ୍ତିତ ରୂପ ଦେଖିବାକୁ ଭଲ ପାଉଛନ୍ତି। ଏହି କୌଶଳକୁ ଅଧିକ ଦକ୍ଷ କରିବା ପାଇଁ ଖୁବ୍‌ଶୀଘ୍ର କମ୍ପାନୀ ପକ୍ଷରୁ ସାମୟିକ ଭାବେ କିଛି ନିର୍ଦ୍ଦିଷ୍ଟ ଦର ଲାଗୁ କରାଯିବ ବୋଲି ସେ କହିଛନ୍ତି।

ମାଗଣା ବ୍ୟବହାରକାରୀମାନଙ୍କୁ ଷ୍ଟୁଡିଓ ଘିବ୍‌ଲି ଶୈଳୀର ଫଟୋ ପାଇବା ପାଇଁ ପ୍ରଥମେ ଚାଟ୍‌ଜିପିଟି ୱେବ୍‌ସାଇଟରେ ଲଗ୍‌ଇନ୍ କରିବାକୁ ପଡ଼ିବ। ଏହାପରେ ନିଉ ଚାଟ୍ ବଟନକୁ କ୍ଲିକ୍ କରାଯିବ ଏବଂ '+' ଚିହ୍ନକୁ ମାରି ଏକ ଫଟୋ ଅପ୍‌ଲୋଡ କରାଯାଇପାରିବ। ଏହାପରେ ୟୁଜର୍ସମାନେ ଚାଟ୍‌ଜିପିଟିକୁ ନିଜ ଇନ୍‌ପୁଟ ଦେବେ। 'ଘିବ୍ଲିଫାଇ ଦିସ୍' କିମ୍ବା 'ଟର୍ନ ଦିସ୍ ଇମେଜ ଇନ୍ ଷ୍ଟୁଡିଓ ଘିବ୍‌ଲି ଥିମ୍' ଟାଇପ୍ କରିବାକୁ ପଡ଼ିବ। ଫଳରେ ଘିବ୍‌ଲି ଷ୍ଟାଇଲର ମନ ମୁତାବକ ପ୍ରତିଛବି ଡାଉନ୍‌ଲୋଡ୍ କରାଯାଇପାରିବ।



ଅଭିନେତ୍ରୀ କାଜଲ ଓ ଅଭିନେତା ଶାହରୁଖ ଖାନ୍‌ଙ୍କ ଏକ ଦୃଶ୍ୟକୁ ଷ୍ଟୁଡିଓ ଘିବ୍‌ଲି ଆର୍ଟ ମାଧ୍ୟମରେ ନୂତନ ରୂପ ଦିଆଯାଇଛି।

## ଟ୍ରେଣ୍ଡକୁ ଗୁରୁତ୍ୱ ଦେବା ଛାଡ଼ି ଦେଇଛି: ଜାହ୍ନବୀ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ରବିବାର ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି, ଫ୍ୟାଶନକୁ ନେଇ ସେ ଲୋକଙ୍କ ମତକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଫ୍ୟାଶନ ଶୋ'ରେ ସେ ନିଜ ପସନ୍ଦଯୋଗ୍ୟ ପୋଷାକ ପରିଧାନ କରନ୍ତି, ଯାହା ତାଙ୍କୁ ଭଲ ଏବଂ ଆରାମଦାୟକ ମନେ ହୋଇଥାଏ। ଶନିବାର ରାତିରେ ହୋଇଥିବା ଲକ୍‌ମେ ଫେଶନ ୱିକ୍ କାର୍ଯ୍ୟକ୍ରମରେ ଜାହ୍ନବୀ ପ୍ରସିଦ୍ଧ ଡିଜାଇନର ରାହୁଲ ମିଶ୍ରାଙ୍କ ବ୍ରାଣ୍ଡ 'ଏ ଫ୍ୟୁ'ର 'ଦି ସିଲ୍କ ରୁଟ୍ କଲେକ୍ସନ' ପାଇଁ ର୍‌ୟାମ୍ପ୍ ୱାର୍କ କରିଥିଲେ। ଗତ କିଛିବର୍ଷ ମଧ୍ୟରେ ଫ୍ୟାଶନକୁ ନେଇ ତାଙ୍କର ଚିନ୍ତାଧାରା ବଦଳିଛି କି ବୋଲି ପଚରାଯିବାରୁ ଜାହ୍ନବୀ କହିଛନ୍ତି, ସେ ଏବେ ଟ୍ରେଣ୍ଡ୍‌କୁ ଗୁରୁତ୍ୱ ଦେବା ଛାଡ଼ି ଦେଇଛନ୍ତି। ଏକାଧିକବାର କୌଣସି ପୋଷାକକୁ ପିନ୍ଧିବାରେ ଏବେ ସେ ପୂର୍ବପରି ଅସହଜ ମନେ କରନ୍ତି ନାହିଁ। ଆତ୍ମ ବିଶ୍ୱାସୀ ଦେଖାଯିବାକୁ ଏବଂ ଆରାମଦାୟକ ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତି ବୋଲି ଜାହ୍ନବୀ କହିଛନ୍ତି। ତାଙ୍କର ଫ୍ୟାଶନ ସେନ୍ସକୁ ନେଇ ଲୋକମାନେ କ'ଣ ଭାବନ୍ତି ସେନେଇ ସେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ। ସେ କେବଳ ଖୁସିରେ ରହିବାକୁ ଚାହାଁନ୍ତି ବୋଲି ଜାହ୍ନବୀ କହିଛନ୍ତି।



ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୧/୨୦୨୫ | Bhubaneswar, Monday, March 31/2025


# ପୁଣି ଟ୍ରେନ୍ ଲାଇନ୍‌ଚ୍ୟୁତ

**ଓଡ଼ିଶାରେ ପୁଣି ଏକ ରେଳ ଦୁର୍ଘଟଣା ରବିବାର ଘଟିଛି। ୨୦୨୩ ଜୁନ ୨ତାରିଖରେ ବାଲେଶ୍ୱର ବାହାନଗାରେ ଘଟିଥିବା ରେଳ ଦୁର୍ଘଟଣାରେ ୨୯୬ଜଣଙ୍କ ଜୀବନ ଯାଇଥିବାବେଳେ କ୍ରମାଗତ ଭାବେ ନିୟମିତ ବ୍ୟବଧାନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଘଟଣାମାନ ଦେଖିବାକୁ ମିଳୁଛି। ବିଶେଷକରି ଗତ ୨ବର୍ଷ ମଧ୍ୟରେ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ କାହିଁକି ବାରମ୍ବାର ରେଳ ଦୁର୍ଘଟଣା ଘଟୁଛି, ସେନେଇ ତଥ୍ୟାଭିଜ୍ଞ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏହା ରେଳ ମନ୍ତ୍ରଣାଳୟର ଅବହେଳାର ପରିଣାମ ନା କୌଣସି ଷଡ଼ଯନ୍ତ୍ର, ସେନେଇ ବିଭିନ୍ନ ଆଲୋଚନା ଶୁଣିବାକୁ ମିଳୁଛି। ମନ୍ତ୍ରଣାଳୟ ପକ୍ଷରୁ ହାଇସ୍ପିଡ୍ ଟ୍ରେନ ଚଳାଚଳ, 'କବଚ' ଭଳି ଅତ୍ୟାଧୁନିକ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା, ଏପରି କି ଉନ୍ନତମାନର ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ସୁଦ୍ଧା ଟ୍ରେନ୍ ଦୁର୍ଘଟଣାକୁ ରୋକି ହେଉନାହିଁ। ରବିବାର କଟକ ନିକଟରେ ବେଙ୍ଗାଲୁରୁ-କାମାକ୍ଷା ଏକ୍ସପ୍ରେସର ୧୧ଟି ବଗି ଲାଇନଚ୍ୟୁତ ହୋଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ଜଣ ଆହତ ହୋଇଥିବା ଜଣାପଡ଼ିଛି। ଯାତ୍ରୀମାନେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ ସହ ପ୍ରଶ୍ନ କରୁଛନ୍ତି, ଓଡ଼ିଶାରେ କାହିଁକି ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଘଟୁଛି।**

## ଟ୍ରାକ୍‌ରୁ ଖସିଲା କାମାକ୍ଷା ଏକ୍ସପ୍ରେସ୍‌ର ୧୧ ବଗି , ଜଣେ ମୃତ



କଟକ ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ରବିବାର ଲାଇନଚ୍ୟୁତ୍ ହୋଇଥିବା କାମାକ୍ଷା ଏକ୍ସପ୍ରେସ୍। **(ଫଟୋ-ରାଜକିଶୋର)**

କଟକ/ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୩୦।୩ (କାର୍ତ୍ତିକ ସାହୁ/ଶିଳ୍ପା ପ୍ରିୟଦର୍ଶିନୀ/ ମାନସ ସାମଲ/ଆଶୁତୋଷ ଦାସ)

ବେଙ୍ଗାଲୁରୁରୁ କାମାକ୍ଷା ଅଭିମୁଖେ ଯାଉଥିବା କାମାକ୍ଷା ଏକ୍ସପ୍ରେସ୍ କଟକ ଜିଲା ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ରବିବାର ପୂର୍ବାହ୍ନରେ ଲାଇନ୍‌ଚ୍ୟୁତ ହୋଇଛି। ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ବାହାରି ଯାଇଛି। ଏହି ଦୁର୍ଘଟଣାରେ ୧୬ଜଣ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସେଠାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ଅଲିପୁରଦୋର ଅଞ୍ଚଳର ଶୁଭଙ୍କର ରାଏ(୨୩)। ସାମାନ୍ୟ ଆହତ ଯାତ୍ରୀମାନେ ନିଜ ସୁବିଧା ଅନୁସାରେ ଅନ୍ୟ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳକୁ ପଠାଇବା ପାଇଁ ରେଲୱେ ପକ୍ଷରୁ ଏକ ସ୍ପେଶାଲ ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଟ୍ରାକ୍ ମରାମତି କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। କେତେକ ଟ୍ରେନ୍ ନରାଜ ଦେଇ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଏହି ରୁଟ୍‌ରେ ୨୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ପୂର୍ବତଟ ରେଳପଥ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ☞ପୃଷ୍ଠା-୨

# ଓଆଇଏସ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

କଟକ,୩୦।୩(କାର୍ତ୍ତିକ ସାହୁ)

## ସ୍ୱୀକାର କଲେ ଓପିଏସ୍‌ସି କର୍ତ୍ତୃପକ୍ଷ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ପାଇଁ ରବିବାର ଅନୁଷ୍ଠିତ ଓଡ଼ିଶା ଇନ୍‌ଫରମେଶନ୍ ସର୍ଭିସ (ଓଆଇଏସ୍) ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ ହୋଇଛି। ସାମ୍ବାଦିକତା ଓ ଗଣ ଯୋଗାଯୋଗ ପ୍ରଶ୍ନରେ ପୂର୍ଣ୍ଣସଂଖ୍ୟା ୧୦୦ ଥିବାବେଳେ ୯୪ ନମ୍ବରର ପ୍ରଶ୍ନ ଆସିଛି। ତେବେ ୬ ନମ୍ବର ପ୍ରଶ୍ନ କମ୍ ଥିବା ନେଇ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପରୀକ୍ଷାର୍ଥୀଙ୍କ ଏପରି ଅଭିଯୋଗକୁ ଓପିଏସ୍‌ସି ସ୍ୱୀକାର କରିଛି। ଏହା ମୁଦ୍ରଣଜନିତ ତ୍ରୁଟି ଏବଂ ଖୁବ୍‌ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ** ଆରପଟେ ଚାଇନା

SIKSHA 'O' ANUSANDHAN
SAAT-2025
Empowering students for a brighter future
EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2024
- 14th Best in University Category
- 26th Best in Engineering Category
INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025
To apply for admission through SAAT, Please visit: www.soa.ac.in

**ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ**

# ସମସ୍ତ ଗରିବଙ୍କୁ ମିଳିବ ପକ୍କାଘର: ମୁଖ୍ୟମନ୍ତ୍ରୀ

**ଆଜି ମଧ୍ୟ ମୁଣ୍ଡ ଗୁଞ୍ଜିବା ପାଇଁ ଅନେକଙ୍କ ପାଖରେ ଘର ଖଣ୍ଡିଏ ନାହିଁ। ୧୯୭୦ ଦଶକରୁ ଅଦ୍ୟାବଧି ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ହୋଇ ରହିଛି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ସମସ୍ତ ଗରିବଙ୍କୁ ପକ୍କାଘର ଯୋଗାଇଦେଇ ଏହି ଦୀର୍ଘ ସମସ୍ୟାର ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସବୁ ଗରିବଙ୍କୁ ପକ୍କାଘର ମିଳିବ। ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ କରାଯିବ ବୋଲି ରବିବାର କଳାହାଣ୍ଡି ଜିଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଯୋଜନାର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ୬୦ ହଜାର କାର୍ଯ୍ୟାଦେଶ ବଣ୍ଟନ କରିବା ସହ ଏହା ଯୋଗାଇଦେବା ବେଳେ ପାତରଅନ୍ତର କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।**

ଭବାନୀପାଟଣା (ଉତ୍ତମ କୁମାର ଦାଶ)/ ଭୁବନେଶ୍ୱର (ରବିନାରାୟଣ ଜେନା),୩୦।୩

## କଳାହାଣ୍ଡିରେ ୬୦ ହଜାର କାର୍ଯ୍ୟାଦେଶ ବାଣ୍ଟିଲେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କଳାହାଣ୍ଡିରୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଭବାନୀପାଟଣା ରଷିଗାଁ ଶ୍ରୀକୃଷ୍ଣନଗର ପଡ଼ିଆରେ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଜିଲାର ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ ଓ ଶହୀଦ ପରିବାରଙ୍କୁ ଘର ମିଳିବ ବୋଲି ସେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏଥିରେ ରାଜ୍ୟର ୬୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ୩ ବର୍ଷରେ ୭,୫୫୦ କୋଟି ଟଙ୍କା ବିନିଯୋଗ ହେବ। ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ କାମ କଲେ ୨୦ ହଜାର ଟଙ୍କା ଅଧିକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ଏହି ଯୋଜନାରେ କଳାହାଣ୍ଡି ଜିଲାର ୩,୬୭୬ ହିତାଧିକାରୀ ଉପକୃତ ହେବେ। ସେହିପରି ମୁଖ୍ୟମନ୍ତ୍ରୀ ୬ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ କରିଛନ୍ତି। ଏଥିରେ ୩୫୩.୮୫ କୋଟି ☞ପୃଷ୍ଠା-୨

DSPL-439



ପବିତ୍ର ଇଦ୍-ଉଲ୍-ଫିତର -୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)



ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଇଦ୍ ମୁବାରକ !

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0465/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର ଗ୍ୟାଲେରୀ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ଆନୁକୂଲ୍ୟରେ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।
- ଶିଳାଶ୍ରୀ ବିଷୁବ ସଂଖ୍ୟା ଓ ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଇଦ୍-ଉଲ-ଫିତର ନମାଜ, ସ୍ଥାନ: ଇଦ୍‌ଗାହ୍‌ ଜମାତ୍ ଅହମ୍ମଦିୟା, ପଙ୍କାଳ, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଶ୍ରୀରାମ ଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ,ସମୟ: ପୂର୍ବାହ୍ନ ୭ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ,ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଇଦ୍ ପର୍ବ ପାଳନ, ସ୍ଥାନ:ହବିବ ନଗର ବସ୍ତି, ଖଗଡ଼ାପାଳ ପରିସର, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀ ଗଣେଶ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ:ଗଣ୍ଡିବେଡ଼, ଖଇରା,ସମୟ:ଅପରାହ୍ନ ୩ଟା।

## ଭଦ୍ରକ

- ବାଲ୍ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: ଘଣ୍ଟେଶ୍ୱର ପଡ଼ିଆ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ, ପ୍ରବଚନ, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଇଦୁଲ ଫିତର ପର୍ବ ପାଳନ, ସ୍ଥାନ: ଢେଙ୍କିକୋଟ ଓ ସାନ୍ତରାପୁର ମୁସଲିମ ବସ୍ତି, ସମୟ: ସକାଳ ୮ଟା।
- ସରାସପଶି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି, ସମୟ: ସକାଳ ୯ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ପାରିଆକୁଲି ଓ କାନ୍ଦଣା ଗ୍ରାମ,ମୋରଡ଼ା,ସମୟ:ରାତି ୯ଟା।

## ଗଞ୍ଜାମ

- ଘୁମୁସର ଗବେଷଣା ପ୍ରତିଷ୍ଠାନର ବୈଠକ, ସ୍ଥାନ: ଭଞ୍ଜନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ବାଲିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଆରତାର ପକ୍ଷରୁ ନାଟକ 'ରାଧେୟ', ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୭ଟା।

## ଜଗତ୍‌ସିଂହପୁର

- ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦୁଲ ଫିତର ଉପଲକ୍ଷେ ସମବେତ ପ୍ରାର୍ଥନା, ସ୍ଥାନ: ଜାମା ମସ୍‌ଜିଦ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ ଟା।
- ଆନ୍ତର୍ଜାତିକ କିନ୍ନର ଦିବସ, ସ୍ଥାନ: ପାରାଦୀପ ପୌରପରିଷଦ କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଇଦ୍ ଉଲ୍ ଫିତର ପାଇଁ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ଅଲ ସଲଫିୟା ଇଦଗାହ, ସମୟ: ସକାଳ ୭ଟା ୩୦ ମି., ଫକୀରାବାଦ ମସଜିଦ, ସମୟ: ସକାଳ ୮ଟା, ରସୁଲାବାଦ ମସଜିଦ, ଗୌଡଗୋପ, ସମୟ: ସକାଳ ୮ଟା ୧୫ ମି., ପୁରୁଣା ଇଦଗାହ, ସମୟ: ସକାଳ ୮ଟା ୩୦ମି., ନୂଆ ଇଦଗାହ, ସମୟ: ସକାଳ ୯ଟା।
- ପୂର୍ବତନ ଆଳି ବିଧାୟକ ଡା. ଦେବେନ୍ଦ୍ର ଶର୍ମାଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ନିଆଳ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ତୃତୀୟ ଲିଙ୍ଗୀ ଦିବସ ଉପଲକ୍ଷେ କର୍ମଶାଳା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା ୩୦ ମିନିଟ, ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କମାଗଡ଼ ହେଙ୍ଗୁଳା ଯଜ୍ଞ ,ସ୍ଥାନ:ଧର୍ମଶାଳା ବ୍ଲକ କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ସକାଳ ୬ଟା।

## ନୟାଗଡ଼

- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ସୂର୍ଯ୍ୟପୂଜା, ଗୋପୂଜା, ସାଲା ପୂଜା ଓ ଚଣ୍ଡୀହବନ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ, ସ୍ଥାନ: ଶରଣକୁଳ ଭିକାରୀପଡା, ସମୟ: ସକାଳ ୮ଟା।
- ଇଦ୍‌ଲୁଫିତର, ସ୍ଥାନ: ସିନ୍ଦୁରିଆ ଇଦ୍‌ଗା ପଡିଆ, ସମୟ: ସକାଳ ସାଢ଼େ ୮ଟା।
- ଇଦ୍‌ଲୁଫିତର, ସ୍ଥାନ: ସିନ୍ଦୁରିଆ ଛୋଟ୍ ମସ୍‌ଜିଦ୍, ସମୟ: ସକାଳ ସାଢ଼େ ୮ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ୩ୟ ଦିବସ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ଟା।
- ୧୫ ଦିନିଆ ଦଣ୍ଡପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ଦଶଦୋଳ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ: ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଧନୁ ଭଗ୍ନ ଓ ସିତା ବିବାହ ଉତ୍ସବ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଆନ୍ତର୍ଜାତୀୟ କିନ୍ନର ଦିବସ ପାଳନ, ସ୍ଥାନ: କୋଲନରା ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ,ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର

- ଜନ ସମ୍ପର୍କ ଶିବିର, ସ୍ଥାନ: କର୍ଲାପଡ଼ା, ଝରିଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଇଦୁଲ ଫିତର ପାଳନ, ସ୍ଥାନ: ପରଜା ସାହିସ୍ଥିତ ଇଦଗା, କୋରାପୁଟ, ସମୟ: ସକାଳ ୯ଟା ୩୦।
- ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଡିପି ଏକାଡେମୀ, ଆଦର୍ଶ ନଗର, ଜୟପୁର, ସମୟ: ଅପରାହ୍ନ ୧ଟା।
- ବିକ୍ରମଦେବ ବର୍ମାଙ୍କ ସ୍ମୃତିଚାରଣ ଉତ୍ସବ, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ଅପରାହ୍ନ ୫ଟା ୩୦।

## ମାଲକାନଗିରି

- ଜିଲାସ୍ତରୀୟ ଟ୍ରାନ୍ସଜେଣ୍ଡର ଦିବସ, ସ୍ଥାନ: ଡିପିଆରସି ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଇଦଗା କମିଟି ଆୟୋଜନରେ ସାମୂହିକ ନମାଜ ପାଠ, ସ୍ଥାନ : ସାକ୍ଷୀପଡା ସ୍ଥିତ ଇଦଗା, ସମୟ : ସକାଳ ୭ଟା ୧୫ ।
- କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ,ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା, ସମୟ: ସକାଳ ୭ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ଗୋହରୀ ପୋଖରୀ, ଶନି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠ ସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରିବାଞ୍ଜି ଗ୍ରାମରେ ଇଦୁଲ ଫିତର ପର୍ବ, ସ୍ଥାନ: ଅନ୍ଧାରିବାଞ୍ଜି ମୁସଲିମ୍ ବସ୍ତି, ସମୟ: ସକାଳ ୯ଟା।
- ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା ।
- ହିନ୍ଦୁ ନବବର୍ଷ ପାଳନ ଉପଲକ୍ଷେ ବନ୍ଦିତା ନାୟକଙ୍କ ଦ୍ୱାରା ସୁନ୍ଦରା କାଣ୍ଡ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିପଡା ଯଜ୍ଞବେଦୀ ନିକଟ, ସମୟ: ସନ୍ଧ୍ୟା ୬ଟା ।
- ହେଲପିଙ୍ଗ ଫର ହେଲ୍ପଲେସ ପିପୁଲ ଫାଉଣ୍ଡେଶନ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ଅଗ୍ରେସନ ଭବନ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଓ ଆଳତି, ସ୍ଥାନ: କୋମନା ବ୍ଲକ ମିଛାପାଲି ଗାଁ, ସମୟ: ପ୍ରାତଃ ୪ଟା ୩୦।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଡୁମେରଢିପ ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଦୁର୍ଗା ମନ୍ଦିରରେ ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଏ ସ୍କୋୟାର ଡାକ୍ତରଖାନାର ଉଦ୍‌ଘାଟନ, ସ୍ଥାନ: ତାଳପଟିଆ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ହେତୁ ଦୂରଯାତ୍ରା କିମ୍ବା ବିବାଦରେ ପଶିବା ଠିକ୍ ହେବନାହିଁ। ପରିବାରକୁ ସୁଧାରିବା ସକାଶେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ଦ୍ୱିଜା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବୃଷ** ଆଜି କର୍ମକ୍ଷେତ୍ରରେ ସମ୍ମାନ ପାଇବେ। ସାମାଜିକ ସ୍ତରରେ କଳା, କ୍ରୀଡା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ। ମୃଗଶିରା ନକ୍ଷତ୍ର ବନ୍ଧୁ ପରିଜନକୁ ନେଇ ସମସ୍ୟା ସୃଷ୍ଟି ହୋଇପାରେ। ନିର୍ମାଣ, ବାଣିଜ୍ୟ, ପରିବହନ, ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍ ସାଙ୍ଗକୁ ମାଲିମକଦ୍ଦମା ପ୍ରଭୃତିରେ ସଫଳତା ହାସଲ କରିବେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ଉପରିସ୍ଥଙ୍କ ଆଦେଶାନୁସାରେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆର୍ଦ୍ରା ନକ୍ଷତ୍ର ନିଜ ପରିସରରେ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିବେ। ବାଣିଜ୍ୟ, ପରିବହନ, ଜମିଜମା, କଳ, କାରଖାନା ଓ ଧାତୁ ଅଳଙ୍କାର କାମରୁ ଲାଭବାନ ହେବେ।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଅନୁକମ୍ପାରୁ କାର୍ଯ୍ୟ ହାସଲ କରିବେ। ସମସ୍ୟା ସମାଧାନରେ ଅତିପ୍ରିୟ ବନ୍ଧୁଙ୍କ ପରାମର୍ଶରୁ ମାନସିକ ସାନ୍ତ୍ୱନା ମିଳିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତିରେ ବନ୍ଧୁମାନଙ୍କ ସହ ଆଜିର ଆଲୋଚନା ଫଳପ୍ରଦ ହୋଇ ନ ପାରେ।

**ସିଂହ** ଉତ୍ତରା ଫାଲଗୁନୀ ନକ୍ଷତ୍ର ସହକର୍ମୀମାନଙ୍କ ପିଠି ଥାପୁଡ଼େଇ କାମ ହାସଲ କରିବେ। ମାତ୍ର ପୁରାତନ ରୋଗର ପୀଡା ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଆଖିରେ ନ ଦେଖି କେବଳ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ପ୍ରତିବନ୍ଧକ କାରଣରୁ ସଫଳତା ହାସଲ କରିପାରିବେ ନାହିଁ।

**କନ୍ୟା** ଆନୁଷଙ୍ଗିକ ସମସ୍ତ ସୁବିଧା ଥିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହେବ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି । ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ଯୋଗୁ ପ୍ରତ୍ୟେକ କଥାରେ ବିରକ୍ତିବୋଧ ଅନୁଭବ କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ତରତର ହେଲେ କାମ ବିଗିଡ଼ିଯାଇପାରେ। ପରୋକ୍ଷ ଶତ୍ରୁତା ଥିଲେ ମଧ୍ୟ ଦିନ ଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବିଶାଖା ନକ୍ଷତ୍ର ଭିନ୍ନ କ୍ଷେତ୍ରରୁ ନିଜ ଲୋକମାନଙ୍କ ବିରୋଧରେ ଅଭିଯୋଗ ଆସିପାରେ। ମନେ ମନେ ଭାବୁଥିବା ବିଷୟଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ବିଛା** ପ୍ରତ୍ୟେକ ପରିସ୍ଥିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ। ଅନୁରାଧା ନକ୍ଷତ୍ର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିବ। ବହୁତ ଦିନରୁ ଆଶା କରିଥିବା ସରକାରୀ ସ୍ତରରୁ ପ୍ରତିକ୍ଷିତ ଖବର ପାଇ ଖୁସି ହେବେ। କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି।

**ଧନୁ** ଆଜିର ପ୍ରତ୍ୟାବର୍ତ୍ତନ ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କଠିନ ଶ୍ରମ ଓ ଅନିଦ୍ରାଜନିତ ଅସୁସ୍ଥି ଅନୁଭବ କରିବାର ସୂଚନା ରହିଛି। ବନ୍ଧୁଙ୍କ ପାରିବାରିକ ସମସ୍ୟା ସମ୍ପର୍କରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ମୂଳା ନକ୍ଷତ୍ର ବହୁତ ଦିନରୁ ଅଟକି ରହିଯାଇଥିବା କାମ ହାସଲ କରିବାରେ ସମର୍ଥ ହେବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। କର୍ମକ୍ଷେତ୍ରରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି। ଅର୍ଥ ସଙ୍କଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ସ୍ୱାର୍ଥ ହାସଲ ନ କରିପାରିବାରୁ ନିଜ ଲୋକଟି ଶତ୍ରୁତା କରିବାକୁ ପଛାଇବ ନାହିଁ। ପ୍ରାପ୍ୟଧନରେ ବାଧା ସୃଷ୍ଟି କାରଣରୁ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି । ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଶତଭିଷା ନକ୍ଷତ୍ର ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସଫଳ ହେବେ। ପ୍ରତିଯୋଗିତା, କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ମାଲିମକଦ୍ଦମାରେ ମଧ୍ୟ ସଫଳତା ହାସଲ କରିବେ। ପରିବାରର କୌଣସି ବ୍ୟତିକ୍ରମକୁ ସୁଧାରିବାର ଉପକ୍ରମ କରିପାରନ୍ତି। ରେବତୀ ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ମାର୍ଚ୍ଚ ୩୧ ତାରିଖ, ଆର୍ଥିକବର୍ଷ ଶେଷ, ଇଦ୍-ଉଲ୍-ଫିତର, ଚୈତ୍ର ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର। ରାଶି ନକ୍ଷତ୍ର- ଅଶ୍ୱିନୀ/ମେଷ, ଦିବା ଘ.୦୧।୪୫ ଗତେ, ଦ୍ୱିଜା ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ଗତେ, ଘ.୦୭।୧୬ ମଧ୍ୟେ, ଘ.୧୦।୩୭ ଗତେ, ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୬ ଗତେ, ଘ.୦୮/୪୭ ମଧ୍ୟେ ରାହୁକାଳ।

# ଖରାରେ ଶିଝିଲେ ଯାତ୍ରୀ

## ■ ନରାଜ ଦେଇ ଆସିଲା ନୀଳାଚଳ ଏକ୍ସପ୍ରେସ ■ ବାଙ୍ଗାଲୋର-କାମାକ୍ଷା ଏସି ସୁପରଫାଷ୍ଟ ଟ୍ରେନ୍ ଲାଇନ୍‌ଚ୍ୟୁତ

ଯାଜପୁର,୩୦।୩(ହର୍ଷବର୍ଦ୍ଧନ ବେହେରା) : ପୂର୍ବତଟ ରେଳପଥ ଅଧୀନସ୍ଥ କଟକ-ନିର୍ଗୁଣ୍ଡି ରେଳଷ୍ଟେଶନ ନିକଟରେ ବାଙ୍ଗାଲୋର-କାମାକ୍ଷା ଏସି ସୁପରଫାଷ୍ଟ ରବିବାର ପୂର୍ବାହ୍ନ ୧୧ଟା୫୪ ମିନିଟରେ ଲାଇନ୍‌ଚ୍ୟୁତ ହୋଇଛି। ଫଳରେ ଏହି ଟ୍ରେନରେ ଯାତ୍ରା କରୁଥିବା ଶତାଧିକ ଯାତ୍ରୀ ୪୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଡହଳବିକଳ ହୋଇଥିବାର ଦେଖିବାକୁ ମିଳିଥିଲା। ଦୁର୍ଘଟଣା ପରେ ୨୪ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ଦୁର୍ଘଟଣାସ୍ଥଳରେ ଫସିରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବାରେ ରେଳ ବିଭାଗ ଏକପ୍ରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ୭ ଟା ୫୮ ମିନିଟରେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ଦେଇ କେତେଜଣ ଯାତ୍ରୀଙ୍କୁ ସିକନ୍ଦରାବାଦ-ହାଓଡା ଫାଲକନାମା ଏକ୍ସପ୍ରେସ(ନମ୍ବର : ୧୨୭୦୪)ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଛି। ଏହାସହ ସିକନ୍ଦରାବାଦ-ସିଲ୍‌ଚର ଏକ୍ସପ୍ରେସ(ନମ୍ବର : ୧୨୫୧୩) ରେ ଦୁର୍ଘଟଣାସ୍ଥଳରେ ଫସିରହିଥିବା ଯାତ୍ରୀମାନଙ୍କୁ ଅଣାଯାଉଛି ବୋଲି ଯାଜପୁର ରୋଡ୍ ଷ୍ଟେଶନ ମାଷ୍ଟର ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପୁରୀ-ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ(ନମ୍ବର:୧୨୮୭୫) ନିର୍ଗୁଣ୍ଡି ଦେଇ ଅତିକ୍ରମ ନ କରି ନରାଜ ଦେଇ ଆସିବାରୁ ସେଠାରେ ଫସି ରହିଥିବା ଯାତ୍ରୀମାନେ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ନୀଳାଚଳ ଏକ୍ସପ୍ରେସ ଯାଜପୁର ରୋଡ୍ ଷ୍ଟେଶନ ଦେଇ ଅପରାହ୍ନ ୪ଟା ୨୩ ମିନିଟରେ ଅତିକ୍ରମ କରିଥିଲା। ବାଙ୍ଗାଲୋର-କାମାକ୍ଷା ଏସି ସୁପରଫାଷ୍ଟ ଏକ୍ସପ୍ରେସ ଲାଇନଚ୍ୟୁତ ହେବା ପରେ କେବଳ ଡାଉନ୍‌ଲାଇନ୍ ପ୍ରଭାବିତ ହୋଇଛି। ଏହିକ୍ରମରେ ନୀଳାଚଳ ଏକ୍ସପ୍ରେସ ପୁରୀରୁ ବାହାରି ଯଦି ଅପ୍‌ଲାଇନ୍‌ରେ ଆସିଥାନ୍ତା ତେବେ ଖରାରେ ଫସିରହିଥିବା ଯାତ୍ରୀମାନେ ଶୀଘ୍ର ଉଦ୍ଧାର ହୋଇ ପାରିଥାନ୍ତେ ବୋଲି ମତପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱରଠାରୁ ଭଦ୍ରକ ପଟକୁ ଡାଉନ୍ ଟ୍ରେନଗୁଡ଼ିକରବାରଙ୍ଗ-ନିର୍ଗୁଣ୍ଡି-କପିଳାସରୋଡ୍‌ଦେଇଦିଗପରିବର୍ତ୍ତନକରାଯାଇଛି। ଏଥିରେ ହାଓଡା-ଧଉଳି ଏକ୍ସପ୍ରେସ(ନମ୍ବର : ୧୨୮୨୨), ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ(ନମ୍ବର : ୧୨୮୭୫), ତିରୁନେଲଭେଲି-ପୁରୁଲିଆ(ନମ୍ବର ୨୨୬୦୬), ସିକନ୍ଦରାବାଦ-ହୱାଡା ଫାଲକନାମା ଏକ୍ସପ୍ରେସ୍(ନମ୍ବର: ୧୨୭୦୪) ଏବଂ ସିକନ୍ଦରାବାଦ୍-ସିଲ୍‌ଚର ଏକ୍ସପ୍ରେସ(ନମ୍ବର:୧୨୫୧୩) ରହିଛି। ଏହାବାଦ୍ ଭୁବନେଶ୍ୱରଠାରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବାହାରିଥିବା ଷ୍ଟେଶନ ମାଷ୍ଟର ସାହୁ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଳ ଗଛ ଛାଇ ନୁହଁଇ ଚିର**
**ଆପଣାର ଦୁଃଖ ନ ଜାଣେ ପର**
**କଥାକୁ ବାରନ୍ତେ ସକଳେ**
**କାର୍ଯ୍ୟ ଥିବା ଯାଏ ସକଳେ ଡାକନ୍ତି**
**କେହି ନ ପଚାରେ ଆକୁଳେ।**

ନିଜ ଦୁଃଖକୁ ଅନ୍ୟ କେହି ସହଜରେ ଅନୁଭବ କରିପାରନ୍ତି ନାହିଁ। ବରଂ ସେଥିପ୍ରତି ଭିନ୍ନ ଭିନ୍ନ ଟିପ୍ପଣୀ ବା ମନ୍ତବ୍ୟ ଦେଇଥାନ୍ତି। ସେହିପରି କାମ ପଡ଼ିଲେ ସମସ୍ତେ ଅନ୍ୟକୁ ଖୋଜିଥାନ୍ତି ଅଥଚ କାମ ନ ଥିଲେ କାହାରି କାହା ପ୍ରତି ବ୍ୟାକୁଳତା ପ୍ରକାଶ ପାଇ ନ ଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

**ତୋ ଭାଇ ଗଡ଼ଗଡ଼ା ଥିଲା**
**କଡ଼େ କଉଡ଼ି ହାତରେ ନ ଦେଇ**
**ବଳେ ଛାଡ଼ି ଦେଇ ଗଲା।**

ଯୌତୁକ ଏକ ସାମାଜିକ ବ୍ୟାଧି ଯାହା ଆଜି ବି ସମାଜରେ ପ୍ରଚଳିତ। ବିବାହ ସମୟରେ କନ୍ୟା ଯୌତୁକ ନ ଆଣିଲେ ଶାଶୁ ଘରର ଅନେକ କଟୁ କଥା ଶୁଣିଥାଏ। ବେଳେବେଳେ ଯୌତୁକ ଲୋଭୀ ବ୍ୟକ୍ତିମାନେ କନ୍ୟା ପରିବାର ପ୍ରତି ଅଶାଳୀନ ବ୍ୟବହାର ଦେଖାଉଥିବା ଲକ୍ଷ୍ୟ କରାଯାଇଥାଏ। କନ୍ୟା ଭାଇର ଦାରିଦ୍ର୍ୟ ପ୍ରତି ଶାଶୁ ଘର ଲୋକେ ଖୁଣ୍ଟା ଦେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ପୁଣି ଟ୍ରେନ୍ ...

ସୂଚନା ଅନୁଯାୟୀ, କାମାକ୍ଷା ଏକ୍ସପ୍ରେସ୍ କଟକ ଷ୍ଟେଶନ ଛାଡ଼ି ଭଦ୍ରକ ଆଡ଼କୁ ଯାଉଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୫୪ରେ ମଙ୍ଗୁଳି-ଚୌଦ୍ୱାର ଷ୍ଟେଶନ ନିକଟରେ ହଠାତ୍ ଟ୍ରେନ୍‌ଟି ଦୋହଲିବାକୁ ଲାଗିଲା। ବଗିରେ କମ୍ପନ ସୃଷ୍ଟି ହେବା ଯାତ୍ରୀମାନେ ଅନୁଭବ କରିଥିଲେ। ପରେ ପ୍ରଚଣ୍ଡ ଶବ୍ଦ କରି ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ଖସିଗଲା। ଭୟରେ ସମସ୍ତଙ୍କ ଛାତି ଥରି ଉଠିଥିଲା। ସେମାନେ କିଛିକ୍ଷଣ ପାଇଁ ଏପଟସେପଟ ଝୁଙ୍କି ହୋଇ ବାଡ଼େଇ ହେବା ସହ ଚିତ୍କାର କରି ଉଠିଥିଲେ। ଟ୍ରେନ୍ ବଗି ଲାଇନ୍‌ଚ୍ୟୁତ ହୋଇଥିବା ଯାତ୍ରୀମାନେ ଜାଣିବା ପରେ ଜୀବନ ବିକଳରେ ନିଜ ଜିନିଷପତ୍ର ଧରି ବାହାରକୁ ଚାଲିଆସିଥିଲେ। ତେବେ ବଗି ଟ୍ରାକ୍‌ରୁ ଖସିବାବେଳେ ଯେଉଁ ଝଟ୍‌କା ଲାଗିଥିଲା, ସେଥିରେ କେତେଜଣ ଯାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣାରେ କେଉଁ ବଗି ଟ୍ରାକ୍‌ରୁ ବାହାରି ବଙ୍କେଇ ଯାଇଥିବାବେଳେ ଆଉ କେଉଁ ବଗି ଟ୍ରାକ୍‌ରେ ସେମିତି ଛିଡ଼ା ହୋଇ ରହିଥିଲା। ଟ୍ରେନ୍‌ର ଇଞ୍ଜିନ୍ ଓ ଏହାପାଖ ୭ଟି ବଗି ଟ୍ରାକ୍ ଉପରେ ଠିକ୍‌ଠାକ୍ ଥିବାବେଳେ ମଝିରୁ ଏସ୍-୭ଠାରୁ କ୍ରମାନ୍ୱୟରେ ୧୧ଟି ବଗି ଲାଇନଚ୍ୟୁତ ହୋଇଛି। ଟ୍ରେନ୍‌ର ପଛ ୪ଟି ବଗି ମଧ୍ୟ ଟ୍ରାକ୍ ଉପରେ ଠିକ୍‌ଠାକ୍ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ପ୍ରଥମେ ଯାତ୍ରୀଙ୍କ ନିକଟରେ ପହଞ୍ଚି ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଖବରପାଇ ରେଲୱେର ବହୁ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ରେଲୱେ ଉଦ୍ଧାରକାରୀ ଟିମ୍, କଟକ, ଜଗତପୁର, ଚୌଦ୍ୱାର, ଟାଙ୍ଗୀ ଆଦି ଥାନାର ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯାତ୍ରୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଯାତ୍ରୀମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ଟ୍ରେନ୍ ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ଧରି ଯାତ୍ରୀମାନେ ଷ୍ଟେଶନ ବାରଣ୍ଡାରେ ଡହ ଡହ ଖରାରେ ସମୟ ବିତାଇଥିଲେ। ବଡ଼ ଲୋକ ଏ କଷ୍ଟ ସମ୍ଭାଳି ନେଉଛୁ କିନ୍ତୁ ଆମ ସାଙ୍ଗରେ ଥିବା ଛୋଟ ପିଲା ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପାଣି ଟୋପେ ପାଇଲେନି, ହନ୍ତସନ୍ତ ହେଲେ ବୋଲି ଯାତ୍ରୀ ରାଜୀବ ଚୌରାଶିଆ କହିଛନ୍ତି। ଅନ୍ୟ ଜଣେ ଯାତ୍ରୀ କ୍ଷୋଭ ପ୍ରକାଶ କରି ଓଡ଼ିଶାରେ ଏଭଳି ଟ୍ରେନ୍ ଦୁର୍ଘଟଣା ବାରମ୍ବାର କାହିଁକି ଘଟୁଛି ବୋଲି କହିଥିଲେ। ଜିଲାପାଳ ସିନ୍ଦେ କହିଛନ୍ତି, କେହି ବ୍ୟସ୍ତ ବିବ୍ରତ ହୁଅନ୍ତୁନି, ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି।

ଉଦ୍ଧାର କାର୍ଯ୍ୟ ପରେ ଇଞ୍ଜିନ୍ ସଂଲଗ୍ନ ୭ଟି ବଗିକୁ ଅପରାହ୍ନ ୨ଟାରେ ହଟାଯିବା ସହ ପଛ ୪ଟି ବଗିକୁ ଅପରାହ୍ନ ୫ଟାରେ ସ୍ଥାନାନ୍ତର କରାଯାଇଛି। ତେବେ ଏକ ବଡ଼ ଧରଣର ଦୁର୍ଘଟଣା ଟଳି ଯାଉଥିବା ବେଳେ ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡିଛି। ଅପରପକ୍ଷରେ ଏସ୍‌ସିବି ମେଡିକାଲରେ ସନ୍ଧ୍ୟା ସୁଦ୍ଧା ୧୩ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଥିବାବେଳେ ୨ଜଣ ଆହତଙ୍କ ଚିକିତ୍ସା ଜାରି ରହିଥିବା ମେଡିକାଲର ଅତିରିକ୍ତ ଅଧୀକ୍ଷକ ପ୍ରଫେସର ଡା. ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏସ୍‌ସିବିରେ ଆହାତଙ୍କୁ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ମେୟର ସୁବାସ ସିଂ ଓ ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଡାକ୍ତରଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଆହତଙ୍କୁ ଭେଟି ମେୟର ସୁବାସ ସିଂ ଭାଜପା ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ରେଳପଥ ସୁରକ୍ଷା ଦିନକୁ ଦିନ ଖରାପ ସ୍ଥିତିକୁ ଯାଉଛି। ଏନେଇ ସରକାର ଓ ମନ୍ତ୍ରୀ ସଜାଗ ହେବା ଆବଶ୍ୟକ। ବାହାନଗା ଟ୍ରେନ୍ ଦୁର୍ଘଟଣାର ଠିକ୍ ଭାବେ ତଦନ୍ତ ହୋଇ ନ ଥିବାବେଳେ ଏବେ ଏଭଳି ସ୍ଥିତି ସରକାରଙ୍କ ଆଭିମୁଖ୍ୟ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

### ସମସ୍ତ ଗରିବଙ୍କୁ ...

ଟଙ୍କାର ୧୩୨୨ ପ୍ରକଳ୍ପର ଶିଳାନ୍ୟାସ ଓ ୨୨୩.୬୬ କୋଟି ଟଙ୍କାର ୬୫୩ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଅନ୍ତ୍ୟୋଦୟ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ସମ୍ବୋଧିତ କରି କହିଛନ୍ତି, ଉକ୍ତ ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଆହୁରି ଜୋରଦାର କରାଯାଇ ଓଡ଼ିଶାରେ ଆମେ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିଛୁ। ଏହାଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ। ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଆଗାମୀ ୩ ବର୍ଷରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏଥିପାଇଁ ୭,୫୫୦ କୋଟି ଟଙ୍କା ବିନିଯୋଗ କରାଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ୍ ସଂଯୋଗ ଆଦି ଯୋଗାଇ ଦିଆଯିବ। ଜୀବନଯାପନ ପାଇଁ ସବୁ ଆବଶ୍ୟକ ସୁବିଧା ଦିଆଯିବ। କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଥିଲେ, ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର,



ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ଏହାସହିତ କର୍କଟ, କୁଷ୍ଠ, କିଡ୍‌ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଏଚ୍‌ଆଇଭି ପରି ଦୁରାବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍‌ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ, ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ 'ପରିବାର' ଓ 'ପକ୍କାଘର'ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି। ଆଜବେଷ୍ଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆର.ସି.ସି. ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି । ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ମାତାପିତା ଓ ସନ୍ତାନଙ୍କୁ ବୁଝାଉଛି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହୋଇଥିବା ଅଗ୍ରଗତି ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷରୁ ଅଧିକ ଘର ନିର୍ମାଣ ହୋଇସାରିଥିବା ବେଳେ ୪ ଲକ୍ଷ ଘର ନିର୍ମାଣାଧୀନ ଅଛି । ଏହାସହିତ ଗତ ଜାନୁଆରୀ ୨୪ରୁ ସର୍ଭେ ଆରମ୍ଭ ହୋଇ ଏଥିରେ ଆହୁରି ୨୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଘର ଯୋଗାଇଦେବା ପାଇଁ ତାଲିକାଭୁକ୍ତ କରାଯାଇଛି। ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରୁଛନ୍ତି ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମପାର୍ଶ୍ୱ କେନାଲର କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

# ଆଇଏଏସ୍ ଅଧିକାରୀଙ୍କ ଗସ୍ତ ଅପେକ୍ଷାରେ ଆକାଂକ୍ଷୀବାସୀ

ଭୁବନେଶ୍ୱର,୩୦।୩
(ରବିନାରାୟଣ ଜେନା)

ରାଜ୍ୟର ଭାଜପା ସରକାର ୧୦୦ଦିନରେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବା ଲାଗି ଯୋଜନାବଦ୍ଧ ଭାବେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏଥିପାଇଁ ରାଜ୍ୟର ୨୯ଟି ଆକାଂକ୍ଷୀ ବ୍ଲକକୁ ସର୍ବାଧିକ ଗୁରୁତ୍ୱ ଦେଇ ବିକାଶର ନୂଆ ନକ୍ସା ଆଙ୍କିଥିଲେ। ଏହି କ୍ରମରେ ପ୍ରଥମେ ସେପ୍ଟେମ୍ବରରେ କେଉଁ ବରିଷ୍ଠ ସଚିବ କେଉଁ ଜିଲା କିମ୍ବା ବ୍ଲକ ଗସ୍ତ କରିବେ ସେନେଇ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଥିଲା। ପରେ ଜାନୁଆରୀ ୩୧ରେ ମଧ୍ୟ ପୁନର୍ବାର ଅନ୍ୟ ବ୍ଲକ ପାଇଁ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ଆକାଂକ୍ଷୀ ଜିଲା କଥା ଛାଡ଼ ରାଜଧାନୀ ଉପକଣ୍ଠରେ ଥିବା ଜିଲାରେ ଆଇଏଏସ୍ ଅଧିକାରୀଙ୍କୁ ଦେଖା ମିଳୁ ନ ଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ପ୍ରଥମ ନିର୍ଦ୍ଦେଶକୁ ୭ମାସ ବିତିବାକୁ ବସିଲାଣି। ହେଲେ କୌଣସି ସଚିବ ଜିଲା ବା ବ୍ଲକ ଗସ୍ତ କରିଥିବା ସୂଚନା ମିଳୁନାହିଁ। ସରକାରଙ୍କ ନିର୍ଦ୍ଦେଶନାମାକୁ ଅଧିକାରୀମାନେ ବୋଧେ ଭୁଲି ଗଲେଣି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଏହି ପରିପ୍ରେକ୍ଷୀରେ ବିଜେଡିର ବରିଷ୍ଠ ସଦସ୍ୟ ତଥା ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଚଳିତମାସ ୨୪ରେ ମୁଖ୍ୟମନ୍ତ୍ରୀଙ୍କୁ ବରିଷ୍ଠ ଆଇଏଏସ୍‌ଙ୍କ ଜିଲା ଓ ବ୍ଲକ ଗସ୍ତ ନେଇ ପ୍ରଶ୍ନ କରିଥିଲେ। ସେ ପ୍ରଶ୍ନ କରିଥିଲେ, ସଚିବସ୍ତରୀୟ ଅଧିକାରୀମାନେ ନିୟମିତ ଜିଲା ଗସ୍ତକରି ଲୋକଙ୍କ ସମସ୍ୟାର ପ୍ରତ୍ୟକ୍ଷ ସମାଧାନ କରିବାକୁ ନିର୍ଦ୍ଦେଶ ଥିଲା କି ? ଯଦି ହଁ ତେବେ କେତେ ଜଣ ଅଧିକାରୀ କେବେ ଏବଂ କେତେ ଥର ଜିଲା ଗସ୍ତ କରିଛନ୍ତି ତା'ର ତଥ୍ୟ ସେ ଲୋଡ଼ିଥିଲେ। ଏମିତିକି କେଉଁ ସଚିବଙ୍କ ଜରିଆରେ କେଉଁ ଲୋକଙ୍କର କି ସମସ୍ୟାର ସମାଧାନ ହୋଇଛି କିମ୍ବା ଫଳ ମିଳିଛି ତାହା ସେ ଜାଣିବାକୁ ଚାହିଁଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କେବଳ ସେପ୍ଟେମ୍ବର ୪ରେ ଉନ୍ନୟନ ଆୟୁକ୍ତ ଜାରି କରିଥିବା ନିର୍ଦ୍ଦେଶନାମାକୁ ତଥ୍ୟ ଆକାରରେ ପ୍ରଦାନ କରିଛନ୍ତି। ସେହିପରି ଅଧିକାରୀଙ୍କ ଜିଲା ଗସ୍ତର ବିବରଣୀ ପରିଶିଷ୍ଟ ଖ'ରେ ପ୍ରଦାନ କରାଯାଇଛି ବୋଲି ଦର୍ଶାଇଥିଲେ। ହେଲେ ସେଥିରେ କେବଳ ଅଧିକାରୀଙ୍କ ନିର୍ଦ୍ଦେଶନାମା ସଂକ୍ରାନ୍ତୀୟ ତଥ୍ୟ ଉଲ୍ଲେଖ ରହିଛି। କିନ୍ତୁ କେଉଁ ଲୋକଙ୍କ କିପ୍ରକାର ସମସ୍ୟା ସମାଧାନ ହୋଇଛି ବା ଫଳ ମିଳିଛି ସେ ସଂକ୍ରାନ୍ତରେ କୌଣସି ତଥ୍ୟ ଉଲ୍ଲେଖ ନାହିଁ।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟର ୧୬ ଜିଲାରେ ଥିବା ୨୯ ଆକାଂକ୍ଷୀ ବ୍ଲକକୁ ପୂର୍ଣ୍ଣାଙ୍ଗ ବିକାଶ କରିବାପାଇଁ ୩୦ ବରିଷ୍ଠ ଆଇଏଏସ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ୪ଜଣ ଅତିରିକ୍ତ ମୁଖ୍ୟଶାସନ ସଚିବ ପାହ୍ୟାର ଅଧିକାରୀ ରହିଥିବା ବେଳେ ୧୩ଜଣ ପ୍ରମୁଖ ସଚିବ, ୮ଜଣ ସଚିବ ଏବଂ ଅବଶିଷ୍ଟ ବରିଷ୍ଠ ଆଇଏଏସ୍ ଅଧିକାରୀ ରହିଛନ୍ତି। ତେବେ କେଉଁ ବରିଷ୍ଠ ଅଧିକାରୀଙ୍କୁ କେଉଁ ଜିଲା ଦାୟିତ୍ୱ ପ୍ରଦାନ କରାଯାଇଛି ସେନେଇ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେପ୍ଟେମ୍ବର ୪ ଏବଂ ଜାନୁଆରୀ ୩୧ରେ ଜାରି ନିର୍ଦ୍ଦେଶନାମାରେ ଅନୁ ଗର୍ଗ ଦର୍ଶାଇଛନ୍ତି, ପ୍ରତ୍ୟେକ ଅଧିକାରୀ ପ୍ରତି ଦୁଇମାସରେ ଅତି କମ୍‌ରେ ଦୁଇଥର ନିଜ ନିଜ ବ୍ଲକ ପରିଦର୍ଶନ କରିବେ। ତେବେ କେଉଁ ଅଧିକାରୀ ମଧ୍ୟାହ୍ନଭୋଜନ ପରଖିବେ ତ ଆଉ କିଏ ସ୍ୱାସ୍ଥ୍ୟାବସ୍ଥା ଓ ପୋଷଣ କାର୍ଯ୍ୟକ୍ରମ ପରଖିବେ। ଏହିଭଳି ଭାବେ ରାଜ୍ୟ ସରକାରଙ୍କ ନୂତନ ୧୬ଯୋଜନାକୁ ଅଧିକାରୀମାନେ ତୃଣମୂଳସ୍ତରରେ ପରଖିବେ। ଜିଲାକୁ ଗସ୍ତବେଳେ ସମ୍ପୃକ୍ତ ବରିଷ୍ଠ ଅଫିସରମାନେ ସରକାରଙ୍କ ୧୬ଟି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ସେଗୁଡ଼ିକର ସମୀକ୍ଷା କରିବାକୁ ମଧ୍ୟ କୁହାଯାଇଛି। ଗୋପବନ୍ଧୁ ଜନଆରୋଗ୍ୟ, ଆୟୁଷ୍ମାନ ଭାରତ, ସୁଭଦ୍ରା, ଅନ୍ତ୍ୟୋଦୟ ଗୃହଯୋଜନା, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ସେତୁ ବନ୍ଧନ ଯୋଜନା, ପଞ୍ଚସଖା ଶିକ୍ଷା ସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ,ପିଏମ୍‌ଶ୍ରୀ, ସ୍କୁଲରେ ସାକ୍ଷରତା ଭିତ୍ତିଭୂମି ଓ ସଂଖ୍ୟା ଗଣନା, ପୋଷଣ ଅଭିଯାନ, ଆଇସିଡିଏସ୍, ଆଦିବାସୀ ହଷ୍ଟେଲ(ଅନ୍ତେବାସୀଙ୍କ ସହ ଆଲୋଚନା), ସ୍ୱତନ୍ତ୍ର ଯୁବ ଉଦ୍ୟମୀ, ଅମୃତ ପ୍ରକଳ୍ପ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ମଧୁବାବୁ ପେନ୍‌ସନ ଯୋଜନା, ଚାଷୀଙ୍କୁ ସୁଧ ରିହାତି, ଗ୍ରାମାଞ୍ଚଳ ବିଦ୍ୟୁତୀକରଣ,ଗ୍ରାମାଞ୍ଚଳ ଶିଳ୍ପାୟନ ଓ ନିବେଶ, ବନ୍ଦର, ଜନଶୁଣାଣି ପୋର୍ଟାଲରେ ଜିଲାରେ ପଡ଼ି ରହିଥିବା ଅଭିଯୋଗ ଆଦିର ସମୀକ୍ଷା ପାଇଁ ଏହି ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି। କ୍ଷେତ୍ର ପରିଦର୍ଶନ କରି ଫେରିବା ପରେ ଏହି ବରିଷ୍ଠ ଆଇଏଏସ୍ ଅଫିସରମାନେ ଅତିକମ୍‌ରେ ଅଧାଦିନ ସମ୍ପୃକ୍ତ ଜିଲାପାଳ ଓ ଜିଲାର ସମସ୍ତ ଅଧିକାରୀମାନଙ୍କ ସହ ସମୀକ୍ଷା କରି ନିଜେ କ୍ଷେତ୍ରରେ ଅନୁଧ୍ୟାନ କରିଥିବା ବିଷୟକୁ ଅବଗତ କରାଇବେ ଓ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ୧୬ଟି ଯୋଜନାର ସମୀକ୍ଷା ମଧ୍ୟ କରିବେ। ଏହି ସମୀକ୍ଷା କେବଳ ନିର୍ଦ୍ଦିଷ୍ଟ ଭାବେ ବନ୍ଦର, ବିମାନବନ୍ଦର, ଶିଳ୍ପ ପାର୍କ ଓ କରିଡର, ମେଡିକାଲ କଲେଜ, ବୃହତ୍ ଜଳସେଚନ ଆଦି ପ୍ରକଳ୍ପ ମଧ୍ୟରେ ସୀମିତ ନ ରଖି ଜିଲାକୁ ନିବେଶ ଅପେକ୍ଷାରେ ଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକର ସ୍ଥିତି ମଧ୍ୟ ପରଖିବେ। ଜିଲାରେ କାର୍ଯ୍ୟରତ ସମସ୍ତ ଜୁନିୟର ଅଫିସର(ଟ୍ରେନି ଆଇଏଏସ୍‌ଙ୍କ ସମେତ)ଙ୍କ ସହ ମଧ୍ୟ ବିସ୍ତୃତ ଆଲୋଚନା କରିବେ। ଏସବୁ ବ୍ୟତୀତ ୮ଟି ପ୍ରମୁଖ ଡିଏମ୍‌ଏଫ୍ ଜିଲାରେ ଜିଲା ଖଣିଜ ପାଣ୍ଠି ଓ ଓମବାଡସି ପାଣ୍ଠିର ବିନିଯୋଗ ସହ ଏସବୁ ପାଣ୍ଠିରେ ଅନୁମୋଦିତ ପ୍ରକଳ୍ପର ଅଗ୍ରଗତିର ଯାଞ୍ଚ ଏବଂ ୨୯ଟି ଆକାଂକ୍ଷୀ ବ୍ଲକଗୁଡ଼ିକରେ ବିକାଶମୂଳକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବେ। ଜିଲା ଗସ୍ତରୁ ଫେରିବା ପରେ ଏହି ଅଫିସରମାନେ ଗସ୍ତର ସାରାଂଶ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କୁ ଅବଗତ ପାଇ ପଠାଇବା ସହ ସମ୍ପୃକ୍ତ ଜିଲାପାଳଙ୍କୁ ମଧ୍ୟ ସୂଚିତ କରିବେ ବୋଲି ଉଲ୍ଲେଖ ରହିଥିଲା। ହେଲେ ଏହାର କାର୍ଯ୍ୟକାରିତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଏପ୍ରିଲ୍ ୧ରୁ ୧୪ଯାଏ ପାଳନ ହେବ 'ଓଡ଼ିଆ ପକ୍ଷ'

ଭୁବନେଶ୍ୱର,୩୦।୩
(ସୌମ୍ୟରଞ୍ଜନ ରାଉତ)

ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ୧୪ ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ' ପାଳନ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ରବିବାର ସଂସ୍କୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଓଡ଼ିଶା ଦିବସକୁ ବେଶ୍ ଆଡ଼ମ୍ବର ସହିତ ପାଳନ କରାଯିବ। ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ୧ ତାରିଖରେ ରାଜ୍ୟ, ଜିଲା ଏବଂ ଉପଖଣ୍ଡସ୍ତରରେ 'ଓଡ଼ିଶା ଦିବସ' ପାଳନ କରାଯିବ। ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ନାମ ଲେଖାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

## ୨ରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ୨ ତାରିଖରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ହେବ। ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର ପ୍ରସାର ପାଇଁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ୩ ତାରିଖରେ 'ଆମ ପୋଷାକ ଆମ ପରିଚୟ' ଦିବସ, ୪ ତାରିଖରେ ଦୋକାନ ବଜାରରେ ଓଡ଼ିଆ ନାମ ଫଳକ ବ୍ୟବହାର ପାଇଁ ଶ୍ରମ ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା', ୫ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଐତିହ୍ୟ ଗଣଦୌଡ଼', ୬ରେ ଦେବାଳୟ ଓ ଐତିହ୍ୟ ସ୍ଥଳଗୁଡ଼ିକୁ ସ୍ୱଚ୍ଛ ରଖିବାକୁ 'ସ୍ୱଚ୍ଛତା ଅଭିଯାନ', ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୭ ତାରିଖରେ 'ବର୍ଣ୍ଣବୋଧ ବଣ୍ଟନ-ବର୍ଣ୍ଣବୋଧ ଉତ୍ସବ', ୮ ତାରିଖରେ 'ରକ୍ତଦାନ ଅଭିଯାନ', ୯ ତାରିଖରେ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନକୁ ପ୍ରୋତ୍ସାହନ ଦେବା ପାଇଁ 'ଆସ ବହିଟିଏ କିଣିବା' ଅଭିଯାନ, ୧୦ ତାରିଖରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ ଉତ୍ସବ ପାଳନ କରାଯିବ। ୧୧ ତାରିଖରେ ଯୁବ ଲେଖକ ସମ୍ମିଳନୀ ଓ ୧୨ ତାରିଖରେ ଓଡ଼ିଶାର ବରପୁତ୍ରଙ୍କ ଉପରେ ଆଲୋଚନା କରାଯିବ। ୧୩ ତାରିଖରେ 'ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ-ଆମ ରୁଚି ଆମ ଖାଦ୍ୟ ଉତ୍ସବ' ଏବଂ ଏପ୍ରିଲ ୧୪ରେ ଓଡ଼ିଆ ନବବର୍ଷକୁ ମହାଆଡ଼ମ୍ବର ସହକାରେ ପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଝଡ଼ବର୍ଷା ପାଇଁ ୧୫ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୩୦।୩
(ଅନୁରାଧା ମହାରଣା)

ରାଜ୍ୟରେ ରବିବାର ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଛି। ୬ଟି ସ୍ଥାନର ତାପମାତ୍ରା ୪୧ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ ହୋଇଥିବାବେଳେ ବୌଦ୍ଧରେ ସର୍ବାଧିକ ୪୧.୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଅନୁଭୂତ ହୋଇଥିଲା। ତେବେ ସପ୍ତାହେ ପର୍ଯ୍ୟନ୍ତ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ବିଭିନ୍ନ ଜିଲାରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବିଜୁଳି ଘଡ଼ଘଡ଼ି ସହ ଧୂଳିଝଡ଼ ହେବାର ଆଶଙ୍କା ରହିଥିବାବେଳେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବ। ବିଶେଷକରି କେନ୍ଦୁଝରଗଡ଼ରେ ଏପରିସ୍ଥିତି ଦେଖିବାକୁ ମିଳିବ। ଅନ୍ୟପଟେ ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଢେଙ୍କାନାଳରେ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ଓ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ୧୫ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏପ୍ରିଲ ୬ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ସମ୍ଭାବନା ରହିଥିବାରୁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

# ରାଜ୍ୟ ପାନୀୟ ନିଗମ ପକ୍ଷରୁ ୨୫କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ




ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୨କୋଟି ଟଙ୍କା ସହାୟତା ବାବଦ ଚେକ୍ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଉଛି।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୨କୋଟି ଟଙ୍କା ସହାୟତା

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)- ଓଡ଼ିଶା ରାଜ୍ୟ ପାନୀୟ ନିଗମ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କୁ ୨୫କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ କରାଯାଇଛି। ଏଥିସହ ୧୨କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ନିଗମ ଅଧ୍ୟକ୍ଷା ତଥା ଅବକାରୀ ବିଭାଗର କମିଶନର ଗୁହା ପୂନମ ତାପସ କୁମାର ଏହି ଅନ୍ତରୀଣ ଲାଭାଂଶ ରାଶି ଓ ଅନୁଦାନ ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଏହି ଅବସରରେ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଏବଂ ମୁଖ୍ୟ ପରିଚାଳକ ମାନସ ରଞ୍ଜନ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ।

୨୦୨୪-୨୫ ଆର୍ଥିକ ବର୍ଷରେ ପାନୀୟ ନିଗମ ତରଫରୁ ଅବକାରୀ କର ବାବଦରେ ୬,୬୨୨.୧୬ କୋଟି ଟଙ୍କା ଏବଂ ମୂଲ୍ୟଯୁକ୍ତ କର (ଭାଟ୍) ବାବଦରେ ୩,୨୩୪.୨୧ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିଗମ ତରଫରୁ ଲାଭାଂଶ ବାବଦରେ ୧୪.୪୬କୋଟି ଟଙ୍କା ଏବଂ ୨୦୨୪-୨୫ ପାଇଁ ଅନ୍ତରୀଣ ଲାଭାଂଶ ୨୫କୋଟି ଟଙ୍କାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ମୋଟ ୩୯.୪୬ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଲାଭାଂଶ ବାବଦକୁ ଦିଆଯାଇଥିବା ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ସେନା କର୍ମଚାରୀଙ୍କ ମୃତ୍ୟୁ

କେନ୍ଦୁଝର,୩୦।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ଷଷ୍ଠ ବାଟାଲିୟନ, ବିହାର ରେଜିମେଣ୍ଟରେ ହାବିଲଦାର ତଥା ଗାଡ଼ି ଚାଳକ ଭାବେ କାର୍ଯ୍ୟରତ ରାଜ କିଶୋର ମୁଣ୍ଡାଙ୍କ ଶନିବାର ଅରୁଣାଞ୍ଚଳପ୍ରଦେଶ ତାୱାଙ୍ଗଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେନା କର୍ମଚାରୀଙ୍କୁ ନେଇ ଯାଉଥିବାବେଳେ ଏକ ପଥର ତାଙ୍କ ଗାଡ଼ି ଉପରେ ପଡ଼ିବା ଯୋଗୁ ଭାରସାମ୍ୟ ହରାଇ ଗାଡ଼ି ଓଲଟି ପଡ଼ିଥିଲା। ସେ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ମରଶରୀର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ନିମନ୍ତେ ସୋମବାର ପୈତୃକ ଗ୍ରାମ ନୂଆଗାଁ ଅଭିମୁଖେ ଅଣାଯିବ। ଏ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛି। ସଦର ବ୍ଲକ୍ ଅଧିକାରୀ ରବିବାର ସନ୍ଧ୍ୟାରେ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ସଦର ବ୍ଲକ୍ ପ୍ରଶାସନ ଅଧିକାରୀ ଏବଂ ନୂଆଗାଁ ସରପଞ୍ଚ ଆଶୀର୍ବାଦ ନାଏକ ପହଞ୍ଚି ସ୍ୱର୍ଗତ ରାଜକିଶୋରଙ୍କ ପରିବାରଙ୍କୁ ସମବେଦନା ଜଣାଉଛନ୍ତି।

# କୋଏଲ ନଦୀରେ ବୁଡ଼ି ୨ ଯୁବକ ମୃତ

ରାଉରକେଲା,୩୦।୩
(ସଙ୍ଗୀତା ଜେନା)

ରାଉରକେଲା ବିଶ୍ରା ଥାନା ଅଧୀନ କୋଏଲ ନଦୀ କାରକାଟା ଘାଟରେ ରବିବାର ଗାଧୋଇବା ବେଳେ ବୁଡିଯିବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସେକ୍ଟର-୧୭ ବି ବ୍ଲକ ଘର ନଂ-୧୭୭ର ପ୍ରଦୀପ ତରାଇ(୧୯) ଏବଂ ସେକ୍ଟର ୮ ସି ବ୍ଲକ ଶନିମନ୍ଦିର ନିକଟରେ ରହୁଥିବା ଆଶୀର୍ବାଦ ବାରିକ(୧୯)। ତେବେ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ଏ ନେଇ ବିଶ୍ରା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ପ୍ରଦୀପ ଓ ଆଶୀର୍ବାଦ ରାଉରକେଲାରେ ଡିଜେ ଡେକୋରେଶନ କାମ କରନ୍ତି। ରବିବାର ଅପରାହ୍ନ ୩ଟାରେ ଉଭୟ ଅନ୍ୟ ୨ଜଣ ସାଙ୍ଗଙ୍କ ସହ କୋଏଲ ନଦୀର କାରକାଟା ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନେ ନଦୀରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ପ୍ରଦୀପ ଓ ଆଶୀର୍ବାଦ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ଆସିଥିଲେ ଏବଂ ପ୍ରଥମେ ଆଶୀର୍ବାଦଙ୍କୁ ଉଦ୍ଧାର କରିଥିଲେ। ବହୁ ଖୋଜାଖୋଜି କରିବା ପରେ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ପ୍ରଦୀପଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ପୋଲିସ, ବିଶ୍ରା ଓ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ମୃତକ ରାଉରକେଲା ସରକାରୀ କଲେଜର ପ୍ରାକ୍ତନ ଛାତ୍ର ଅଟନ୍ତି।

# ଟ୍ରାକ୍ଟର ଓଲଟି ୨ ଶ୍ରମିକଙ୍କ ମୃତ୍ୟୁ

ନୂଆପଡ଼ା,୩୦।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଗାତିବେଡା ଓ ଜୁନାପାଣି ଗାଁ ମଝିରେ ରବିବାର ବାଲି ବୋଝେଇ ଟ୍ରାକ୍ଟର ଓଲଟି ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ସୁନାବେଡା ପଞ୍ଚାୟତ ଜୁନାପାଣି ଗାଁର ଗନ୍ତାରାମ ଝଙ୍କର (୨୫) ଓ ଟକେଶ ଛତ୍ରିଆ (୩୨)। ଆହତ ଡ୍ରାଇଭର ଲୋକେଶ ଛତ୍ରିଆ (୨୨)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଶନିବାର ସନ୍ଧ୍ୟାରେ ନିକଟସ୍ଥ ଜୋଙ୍କ ନାଳରୁ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଗାତିବେଡା ଅଭିମୁଖେ ଆସୁଥିଲା। କିଛିବାଟ ଆସିବା ପରେ ଏହା ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟରରେ ଥିବା ୨ ଶ୍ରମିକଙ୍କ ସମେତ ଡ୍ରାଇଭର ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଚାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। କୋମନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାୟଗଡ଼ା ଜିଲାରେ ମେଡିକାଲ କଲେଜ ସ୍ୱପ୍ନ

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲାବାସୀଙ୍କୁ ଅବହେଳା: ଏମ୍‌ପି ସପ୍ତଗିରି

ରାୟଗଡ଼ା,୩୦।୩
(ଆଶିଷ ରଞ୍ଜନ ପଣ୍ଡା)

୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ଭଦ୍ରକ, ଜଗତ୍‌ସିଂହପୁର, ନବରଙ୍ଗପୁର, ଢେଙ୍କାନାଳରେ ମେଡ଼ିକାଲ କଲେଜ ନିର୍ମାଣ ଏବଂ ବୁର୍ଲା, ବ୍ରହ୍ମପୁର, କେନ୍ଦୁଝରରେ ଡେଣ୍ଟାଲ କଲେଜ ସମେତ ରାଇରଙ୍ଗପୁରଠାରେ ଆୟୁର୍ବେଦିକ କଲେଜ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ହେଲେ ରାୟଗଡ଼ାରେ ମେଡିକାଲ କଲେଜ ଖୋଲିବା ନେଇ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ରହିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ଅନୁଦାନ ଦେଇ ନ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତବର୍ଷ ଜାନୁଆରୀ ୬ ତାରିଖରେ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏଠାରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ନିର୍ମାଣ ନେଇ ଘୋଷଣା କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ଭୁଲି ଯାଇଥିବାରୁ ମେଡିକାଲ କଲେଜ ପ୍ରତିଷ୍ଠା ଜିଲାବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଥିବା ଆଲୋଚନା ହେଉଛି।

ପ୍ରକାଶଥାଉକି, ୨୦୧୬ରେ ତତ୍କାଳୀନ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ରାୟଗଡ଼ାଠାରେ ମେଡ଼ିକାଲ କଲେଜ ନିର୍ମାଣ ପାଇଁ ଘୋଷଣା କରିଥିଲେ। ହେଲେ ଉକ୍ତ ସରକାର ୨୦୨୪ ପର୍ଯ୍ୟନ୍ତ ଶାସନ ଗାଦିରେ ଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ କରିପାରିଲେ ନାହିଁ। ପୂର୍ବରୁ ଆଦାନୀ ଗ୍ରୁପ ମଧ୍ୟ ରାୟଗଡ଼ାଠାରେ ମେଡ଼ିକାଲ କଲେଜ ସମେତ ଏକ ଅତ୍ୟାଧୁନିକ ମେଡ଼ିକାଲ କରିବା ପାଇଁ ଇଚ୍ଛା ପ୍ରକଟ କରିବା ସହିତ ଏ ନେଇ ମଞ୍ଜୁରୀ ମଧ୍ୟ ପାଇଥିଲା। ତାହା ମଧ୍ୟ ଫଳପ୍ରଦ ହୋଇପାରିଲା ନାହିଁ। ମେଡ଼ିକାଲ କଲେଜ ପାଇଁ ଜମି ଅଭାବ ନ ଥିଲେ ମଧ୍ୟ ଜିଲାକୁ ଅଣଦେଖା କରାଯାଉଥିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି।

ଅନ୍ୟପକ୍ଷେ ରାୟଗଡ଼ା ଜିଲା ଗଠନ ହେବାର ୩୨ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ବି ବିପର୍ଯ୍ୟସ୍ତ। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଡାକ୍ତର ଓ ବିଶେଷଜ୍ଞ ପଦବୀ ଖାଲି ରହିଥିବାରୁ ଲୋକେ ଉନ୍ନତମାନର ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସେହିପରି ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥା କିମ୍ବା ମେଡିକାଲ ସୁବିଧା ନ ଥିବାରୁ ଅନେକ ସମୟରେ ରୋଗୀ, ଗର୍ଭବତୀଙ୍କୁ ଖଟିଆରେ ବୋହି ଅଣାଯାଉଥିବା ନଜିର ରହିଛି। ରାୟଗଡ଼ା ଜିଲାରେ ମେଡିକାଲ କଲେଜ ନ ଖୋଲିବା ପ୍ରସଙ୍ଗକୁ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସରକାର ସ୍ୱାସ୍ଥ୍ୟସେବା ନାମରେ ଜିଲାବାସୀଙ୍କୁ ପ୍ରତାରଣା କରିଛନ୍ତି। ମୂଳରୁ ବଜେଟରେ ମେଡିକାଲ କଲେଜ ପାଇଁ ଟଙ୍କାଏ ମଧ୍ୟ ବ୍ୟୟବରାଦ କଲେନି, ଯାହା ଏବେ ବିଧାନସଭାରେ ଆଲୋଚନା ସମୟରେ ସବୁ ଲୋକଲୋଚନକୁ ଆସିଲା ବୋଲି ଏମ୍‌ପି ଉଲାକା କହିଛନ୍ତି। ଏ ନେଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା କହିଛନ୍ତି, ଜିଲାବାସୀଙ୍କ ପାଇଁ ଏହା ଏକ ପ୍ରକାର ଧୋକା। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଓ ଏହି ଅଞ୍ଚଳର ପିଲାଙ୍କ ଡାକ୍ତରୀ ପାଠ ପଢ଼ିବାର ସ୍ୱପ୍ନ ପୂରଣ କରିବା ପାଇଁ ସରକାର ଯେଉଁ ଘୋଷଣା କରିଥିଲେ, ତାହା କେବଳ ପ୍ରତାରଣା ବୋଲି ସେ କହିଛନ୍ତି।






“ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା’ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା



# ଆରପଟେ ଚାଇନା

ନେପାଳରେ ମାର୍ଚ୍ଚ ୨୮ରେ ଦେଖାଇଥିବା ରାଜତନ୍ତ୍ର ସପକ୍ଷବାଦୀ ବିକ୍ଷୋଭରେ ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ଘଟିବା ସହ ୧୧୦ ଜଣ ଗିରଫ ହୋଇଛନ୍ତି। ନେପାଳରେ ରାଜତନ୍ତ୍ରଠାରୁ ଆରମ୍ଭକରି ଗଣତାନ୍ତ୍ରିକ ସରକାର ପର୍ଯ୍ୟନ୍ତ ଏକ ସୁଦୀର୍ଘ ଇତିହାସ ରହିଛି। ନେପାଳ ରାଜତନ୍ତ୍ରରେ ପ୍ରଥମ ସରକାର ମୁଖ୍ୟ ଭାବେ ଭମଶାରାଜ ପାଣ୍ଡେଙ୍କଠାରୁ (୧୭୭୬)ରୁ ଆରମ୍ଭ କରି ଶାହା, ରାଣା ବଂଶର ଶାସନ ସମୟ ଦେଇ ଟ୍ରାନ୍‌ଜିଶନ ଯୁଗ(୧୯୫୧–୧୯୬୦) ଓ ପାର୍ଟିଲେସ ପଞ୍ଚାୟତ ଯୁଗ(୧୯୬୦–୧୯୯୦) ଏବଂ କନଷ୍ଟିଚ୍ୟୁଶନାଲ ମୋନାର୍କି(୧୯୯୦–୨୦୦୮)ବା ସାମ୍ବିଧାନିକ ରାଜତନ୍ତ୍ର ପଥ ଦେଇ ଶେଷରେ ଫେଡେରାଲ ଡେମୋକ୍ରାଟିକ ରିପବ୍ଲିକ ଅଫ୍ ନେପାଳ ବା ନେପାଳ ସଂଘୀୟ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପହଞ୍ଚିଛି।

ନେପାଳ ରାଜଶାସନର ନିକଟ ଅତୀତକୁ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ୧ ଜୁନ୍ ୨୦୦୧ରେ ନାରାୟଣହିତି ପ୍ରାସାଦରେ ଏକ ପାରିବାରିକ ସମାବେଶରେ ରାଜକୁମାର ଦୀପେନ୍ଦ୍ର ତାଙ୍କ ପିତା ସେତେବେଳର ରାଜା ବୀରେନ୍ଦ୍ର, ମାତା ରାଣୀ ଐଶ୍ୱର୍ଯ୍ୟା, ତାଙ୍କ ସାନ ଭାଇ ଓ ଭଉଣୀଙ୍କ ସମେତ ନଅ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ଦୀପେନ୍ଦ୍ର ପରିବାର ବର୍ଗଙ୍କୁ ଗୁଳି କରିବା ପରେ ଆତ୍ମହତ୍ୟା କରିବା ଚେଷ୍ଟା କରି କୋମା ଅବସ୍ଥାରେ ଥିଲେ। କୋମାରେ ଥିବା ସମୟରେ ତାଙ୍କୁ ରାଜା ଭାବେ ଘୋଷଣା କରାଯାଇଥିଲା। ଦୀପେନ୍ଦ୍ର ଏଭଳି ହତ୍ୟାକାଣ୍ଡ ଭିଆଇବା ପଛରେ ପ୍ରେମ ଘଟଣା ଥିବା କୁହାଯାଉଥିଲା। ସେ ଦେବଯାନୀ ରାଣା ନାମ୍ନୀ ରାଜକୁମାରୀଙ୍କୁ ବିବାହ କରିବାକୁ ଚାହୁଁଥିବାବେଳେ ତାଙ୍କ ମାତା ଏହାକୁ ବାରଣ କରିବାରୁ ସେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟାଇଥିଲେ। ଦେବଯାନୀଙ୍କ ପରିବାରର ସମ୍ପର୍କ ଗ୍ୱାଲିୟର ସିନ୍ଧିଆ ରାଜବଂଶ ସହ ରହିଛି। ତେବେ ରାଜକୁମାର ଦୀପେନ୍ଦ୍ରଙ୍କ ମୃତ୍ୟୁ ପରେ ବୀରେନ୍ଦ୍ରଙ୍କ ସାନ ଭାଇ ଜ୍ଞାନେନ୍ଦ୍ରଙ୍କୁ ରାଜା କରାଯାଇଥିଲା। ପରେ ୨୦୦୮ରେ ରାଜତନ୍ତ୍ର ଲୋପ ପାଇଗଲା। ସେତେବେଳେ ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନ ଯୋଗୁ ଏଭଳି ଘଟିଥିଲା। ସେହି ସମୟରେ ୧୮ ଅଗଷ୍ଟ ୨୦୦୮ରେ ୟୁନିଫାଏଡ କମ୍ୟୁନିଷ୍ଟ ପାର୍ଟି ଅଫ ନେପାଳ (ମାଓଇଷ୍ଟ)ର ନେତା ପୁଷ୍ପ କମଲ ଦହଲ (ପ୍ରଚଣ୍ଡ) ନେପାଳର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ଏହା ପରେ ଏହି ଦାୟିତ୍ୱରେ ମାଧବ କୁମାର ନେପାଳ, ଝାଲନାଥ ଖନାଲ, ବାବୁରାମ ଭଟ୍ଟାରି, ଖିଲିରାଜ ରେଗମୀ, ସୁଶୀଲ କୋଏରାଲ ପ୍ରମୁଖ ଦାୟିତ୍ୱରେ ରହିଥିଲେ। ତେବେ ୨୦୧୫ରେ ନେପାଳର ନୂଆ ସମ୍ବିଧାନ ଗଠନ ସମୟରେ କମ୍ୟୁନିଷ୍ଟ ପାର୍ଟି ନେତା କେ.ପି. ଶର୍ମା ଓଲି ପ୍ରଧାନମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ପରିବର୍ତ୍ତନ ଘଟିଲା ଏବଂ ୨୦୨୪ ଜୁଲାଇରୁ ଓଲି ପୁନର୍ବାର ପ୍ରଧାନମନ୍ତ୍ରୀ ଅଛନ୍ତି। ହେଲେ ଏହି ସମୟରେ ଦୁର୍ନୀତି ବଢ଼ିବା, ନିଯୁକ୍ତି ହ୍ରାସ ପାଇବା ସହ ଦେଶ ଅର୍ଥନୈତିକ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୦୮ରେ ନେପାଳରେ ରାଜତନ୍ତ୍ର ଶେଷ ହେଲାବେଳେ ଶେଷ ରାଜା ଥିଲେ ଜ୍ଞାନେନ୍ଦ୍ର ଶାହା। ଦେଶରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ଲକ୍ଷ୍ୟକରି ସେ ତାଙ୍କ ସମର୍ଥକଙ୍କ ସହଯୋଗରେ ନେପାଳରେ ପୁନଃ ରାଜତନ୍ତ୍ର ସ୍ଥାପନ କରିବା ଦିଗରେ ଲାଗି ପଡ଼ିଛନ୍ତି ବୋଲି ଆଲୋଚନା ହେଉଛି। ଘଟଣାକ୍ରମକୁ ଦେଖିଲେ ନେପାଳର ପର୍ଯ୍ୟଟନ ସହର ପୋଖରାରେ ସମୟ ବିତାଉଥିବା ଜ୍ଞାନେନ୍ଦ୍ର ନେପାଳ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ୧୮ ଫେବୃଆରୀରେ ଜାତୀୟ ଏକତା ଓ ପାରସ୍ପରିକ ବୁଝାମଣାକୁ ଆଧାର କରି ଦେଶରେ ଶାନ୍ତି ଓ ପ୍ରଗତିକୁ ସମର୍ଥନ କରିବା ଲାଗି ଦେଶ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇଥିଲେ। ସେ ପୁଣି କହିଥିଲେ, ବିବିଧତା ମଧ୍ୟରେ ଏକତା ପାଇଁ ନେପାଳର ରାଜତନ୍ତ୍ର ଦରକାର। ଏତକ ବାର୍ତ୍ତା ଦେଶରେ ରାଜନୈତିକ ସଙ୍କଟ ସୃଷ୍ଟି କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କୁମାର ଦହଲଙ୍କ ସମେତ ବହୁ ନେତା ଦାବି କରିଛନ୍ତି।

ବର୍ତ୍ତମାନ ନେପାଳରେ ଯେଉଁଭଳି ରାଜତନ୍ତ୍ର ସପକ୍ଷବାଦୀମାନେ ରାସ୍ତାକୁ ଓହ୍ଲାଇଛନ୍ତି, ତାହା ନିକଟ ଭବିଷ୍ୟତ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଗଲାଣି। ଏଠାରେ ମନେପଡ଼େ ୨୦୧୫ରେ ନେପାଳରେ ନୂଆ ସମ୍ବିଧାନ ପ୍ରଣୟନ ବେଳେ ଆଭ୍ୟନ୍ତରୀଣ ବିବାଦ ସର୍ବୋଚ୍ଚରେ ପହଞ୍ଚିଥିଲା। ନେପାଳର ଟେରାଇ ଅଞ୍ଚଳରେ ବାସ କରୁଥିବା ମାଧେସୀ ସମ୍ପ୍ରଦାୟ ସେଠାରେ ଏକ ସ୍ୱୟଂଶାସିତ ରାଜ୍ୟ ଗଠନ ଦାବି କରିଆସୁଥିଲେ। ନୂତନ ସମ୍ବିଧାନରେ ସେତେବେଳେ ସେମାନଙ୍କୁ ରାଜନୈତିକ ପ୍ରତିନିଧିତ୍ୱ ନ ମିଳିବାରୁ ସେମାନେ ଘୋର ପ୍ରତିବାଦ କରିଥିଲେ। ସୂଚନା ଦିଆଯାଇପାରେ ଯେ, ବିହାର ଓ ଉତ୍ତରପ୍ରଦେଶର ଜାତିଗତ ସାମଞ୍ଜସ୍ୟ ଥିବା ଲୋକମାନେ ମାଧେସୀ ସମ୍ପ୍ରଦାୟର ହୋଇଥିବାରୁ ଭାରତ ସରକାର ମଧ୍ୟ ନେପାଳ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିଥିଲା। ଫଳରେ ଭାରତୀୟଙ୍କ ପ୍ରତି ନେପାଳବାସିନ୍ଦାଙ୍କ କ୍ରୋଧ ସୃଷ୍ଟି ହୋଇଥିଲା। ସେତେବେଳେ ଦୀର୍ଘଦିନ ଧରି ଅର୍ଥନୈତିକ ଅବରୋଧ ସୃଷ୍ଟି ହେବା ପଛରେ ଭାରତର ହାତ ଥିଲା ବୋଲି କୁହାଯାଇଥିଲା। ଅର୍ଥାତ୍ ନେପାଳରେ ରାଜତନ୍ତ୍ର ଫେରାଇ ଆଣିବା ଦିଗରେ ଭାରତର ମନୋଭାବ ସ୍ପଷ୍ଟ ହୋଇଥିଲା। ଏବର ସ୍ଥିତି ଦେଖିଲେ ୨ କୋଟି ୯୭ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ନେପାଳର ଋଣ ଭାର ଏହାର ଜିଡିପିର ୪୩.୬୯ ପ୍ରତିଶତ। ଏହା ବ୍ୟତୀତ ବେରୋଜଗାର ହାର ଏବେ ପାଖାପାଖି ୧୧ ପ୍ରତିଶତରେ ରହିଛି। ଏଭଳି ସ୍ଥିତିରେ ଦେଖାଦେଇଥିବା ଆନ୍ଦୋଳନକୁ ନେଇ ନେପାଳର ଭବିଷ୍ୟତ କ’ଣ ହେବ କହିବା କଷ୍ଟକର। ଅନ୍ୟପକ୍ଷେ ଏହି ଆନ୍ଦୋଳନକୁ ପୁନର୍ବାର ଭାରତ ସରକାରଙ୍କ ସମର୍ଥନ ରହିଛି ବୋଲି ଯାହା ଗୁଜବ ହେଉଛି ତାହା ଇତିହାସକୁ ଦେଖିଲେ ଅବିଶ୍ୱସନୀୟ ମନେ ହେଉନାହିଁ। ମାଧେସୀ ଆନ୍ଦୋଳନ ପରେ ବିଫଳତା ଚାଖିଥିବା ଭାରତ ସରକାର ଏବେ ପୁନର୍ବାର ଗଣତନ୍ତ୍ର ବିରୋଧୀ ଉଦ୍ୟମ କରି ଯଦି ବିଫଳ ହେଲା ତେବେ ନେପାଳ ଭଳି ଏକ ଅତ୍ୟନ୍ତ ପଡ଼ୋଶୀ ଦେଶ ଭାରତର ଆହୁରି ଦୂରକୁ ଚାଲିଯିବ। ଆରପଟେ ଅଛି ଚାଇନା।

# ବୈବାହିକ ସମ୍ପର୍କରେ ତିକ୍ତତା



ଡ. ସତ୍ୟକାମ ମହାପାତ୍ର

ବାହାଘରର କିଛି ମାସ ପରେ ଆମେ ଶୁଣୁଛୁ ସ୍ୱାମୀ–ସ୍ତ୍ରୀ ଭିତରେ ଝଗଡା ହେଉଛି ଓ ସେମାନେ ଡିଭୋର୍ସ ଫାଇଲ କରିଛନ୍ତି। ଏଭଳି ପରିସ୍ଥିତି ଉଭୟ ଲଭ ମ୍ୟାରେଜ ଓ ଆରେଞ୍ଜ ମ୍ୟାରେଜରେ ଦେଖାଦେଉଛି। ଆଗରୁ ଆରେଞ୍ଜ ମ୍ୟାରେଜରେ ସ୍ୱାମୀ–ସ୍ତ୍ରୀ ଭିତରେ ପଡୁ ନ ଥିଲା ଓ ବିବାହ ବିଚ୍ଛେଦ ହେଉଥିଲା। କିନ୍ତୁ ଏବେ ଲଭ ମ୍ୟାରେଜରେ ପତି– ପତ୍ନୀ ମଧ୍ୟରେ ଝଗଡା ଓ ଛାଡପତ୍ର ବଢିବାରେ ଲାଗିଲାଣି। ସ୍ୱାମୀ–ସ୍ତ୍ରୀ ସମ୍ପର୍କ ପୂର୍ବ ଅପେକ୍ଷା ବହୁତ କ୍ଷଣସ୍ଥାୟୀ ହୋଇଗଲାଣି। ତେବେ କାହିଁକି ବଢୁଛି ସ୍ୱାମୀ–ସ୍ତ୍ରୀ ସମ୍ପର୍କରେ ତିକ୍ତତା ? ପୂର୍ବରୁ ମଧ୍ୟ ସ୍ୱାମୀ–ସ୍ତ୍ରୀ ଭିତରେ ଝଗଡା ଓ ମନୋମାଳିନ୍ୟ ହେଉଥିଲା। ଝଗଡା ଏତେ ବଢୁ ନ ଥିଲା କିମ୍ବା ଛାଡପତ୍ର ଏତେ ସଂଖ୍ୟାରେ ହେଉ ନ ଥିଲା। ତା’ର ପ୍ରମୁଖ କାରଣ ହେଲା କିଛି ବର୍ଷ ପୂର୍ବରୁ ସ୍ତ୍ରୀମାନେ ସାଧାରଣତଃ ସ୍ୱାମୀମାନଙ୍କ ଅପେକ୍ଷା କମ୍ ଶିକ୍ଷିତ ଥିଲେ, ଚାକିରି କମ୍ କରୁଥିଲେ। ସେମାନେ ସ୍ୱାମୀଙ୍କ ଉପରେ ଆର୍ଥିକ ଓ ସାମାଜିକ ରୂପରେ ନିର୍ଭରଶୀଳ ରହୁଥିଲେ। ସ୍ତ୍ରୀ ସ୍ୱାମୀଙ୍କ ଦ୍ୱାରା ଯେତେ ଅବହେଳିତ, ନିର୍ଯାତିତ ହେଲେ ମଧ୍ୟ ଦବିକି ରହୁଥିଲେ ଓ ସବୁ ଖରାପ ପରିସ୍ଥିତି ସହିବାକୁ ବାଧ୍ୟ ହେଉଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳି ଗଲାଣି। ମହିଳାମାନେ ଆଗ ଅପେକ୍ଷା ଅଧିକ ଶିକ୍ଷିତ ହେଲେଣି, ଚାକିରି କଲେଣି ଓ ଆତ୍ମନିର୍ଭର ହେଲେଣି। ଏହା ଆମ ସମାଜ ପାଇଁ ଏକ ଭଲ କଥା। ଏହାଫଳରେ ଯେଉଁ ଖରାପ ପରିସ୍ଥିତିକୁ ସ୍ତ୍ରୀମାନେ ସହିକି ବଞ୍ଚିବାକୁ ବାଧ୍ୟ ହେଉଥିଲେ,ଏବେ ସେହି ପରିସ୍ଥିତି ଆସିଲେ ସ୍ତ୍ରୀମାନେ ନିଜ କଥାକୁ ଖୋଲାଖୋଲି କହିପାରୁଛନ୍ତି। ଯାହାଫଳରେ ସ୍ୱାମୀ–ସ୍ତ୍ରୀ ସମ୍ପର୍କରେ ଅନେକ ସମୟରେ ଝଗଡା ହେଉଛି ଓ ତିକ୍ତତା ବଢୁଛି। ସ୍ୱାମୀ–ସ୍ତ୍ରୀ ଭିତରେ ଝଗଡା, ମନୋମାଳିନ୍ୟ ଓ ମତାନ୍ତର ହେବା ଏକ ସାଧାରଣ କଥା। କିନ୍ତୁ ଏବେକା ସମାଜରେ କେହି କାହା ସହିତ ବୁଝାମଣା କରିବାକୁ ସହଜରେ ରାଜି ହେଉ ନାହାନ୍ତି। ଲୋକଙ୍କ ଭିତରେ ପରସ୍ପର ପ୍ରତି ସହନଶକ୍ତି କମିଛି।

ବେଳେବେଳେ ସ୍ୱାମୀ କିମ୍ବା ସ୍ତ୍ରୀ ପାଖରେ କିଛି ନିର୍ଦ୍ଦିଷ୍ଟ ସମସ୍ୟା ଦେଖାଦେଉଛି, ଯାହା ଦ୍ୱାରା ବୈବାହିକ ସମ୍ପର୍କ ଖରାପ ହେଉଛି। ଯେମିତି କି କେତେକ ସ୍ୱାମୀ ସବୁବେଳେ ନିଜ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥାନ୍ତି, ସ୍ତ୍ରୀ ଯଦି ସ୍ୱାମୀ ଉପରେ ନିର୍ଭରଶୀଳ ଥାଏ।



ତେବେ କେତେକ କ୍ଷେତ୍ରରେ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ଅବହେଳା କରୁଛନ୍ତି। ଆଜିକାଲିର ସୋସିଆଲ ମିଡିଆ ଯୁଗରେ ପରକୀୟା ପ୍ରୀତି ବହୁ ମାତ୍ରାରେ ବୃଦ୍ଧିପାଇଛି, ଯାହାଦ୍ୱାରା ସ୍ୱାମୀ–ସ୍ତ୍ରୀ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। କେତେକେ ସ୍ତ୍ରୀ ନିଜ ସ୍ୱାମୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି, ସ୍ତ୍ରୀ ହିସାବରେ ପରିବାରର ଯେତିକି ଦାୟିତ୍ୱ ଓ ଯତ୍ନ ନେବା କଥା ସେତିକି ନେଉନାହାନ୍ତି। କେତେକ ସ୍ତ୍ରୀ ନିଜର ଶାଶୁ ଶ୍ୱଶୁରଙ୍କ ଉପଯୁକ୍ତ ଯତ୍ନ ନେଉନାହାନ୍ତି ଓ ସ୍ୱାମୀକୁ ନିଜ ମା’ବାପାଙ୍କଠାରୁ ଅଲଗା ରହିବାକୁ ବାଧ୍ୟ କରୁଛନ୍ତି। ବେଳେବେଳେ ଅନେକ ସ୍ତ୍ରୀ ସ୍ୱାମୀଙ୍କ ଉପରେ ମିଛ ଅଭିଯୋଗ ଲଗାଇ କିମ୍ବା ଛାଡପତ୍ରର ଡର ଦେଖାଇ ଟଙ୍କା ପଇସା ଆଦାୟ କରୁଛନ୍ତି ଓ ହଇରାଣ ହରକତ କରୁଛନ୍ତି। ଏଭଳି ବହୁତ ଉଦାହରଣ ଆମେ ଗତ କିଛି ମାସରେ ଦେଖୁଛୁ, ଯାହାଦ୍ୱାରା ଦାମ୍ପତ୍ୟ ଜୀବନ ଖରାପ ହେଉଛି।

ତେଣୁ କେମିତି ସ୍ୱାମୀ–ସ୍ତ୍ରୀ ସମ୍ପର୍କ ଭଲ କରିପାରିବା। ପ୍ରଥମତଃ ଭାବିଚିନ୍ତି ବିବାହ ନିଷ୍ପତ୍ତି ନିଅନ୍ତୁ। ଯେହେତୁ ଆଜିକାଲି ଉଭୟ ଲଭ ମ୍ୟାରେଜ ଓ ଆରେଞ୍ଜ ମ୍ୟାରେଜରେ ଅସୁବିଧା ଆସୁଛି, ତେଣୁ ବାହାଘର ପୂର୍ବରୁ ଆପଣ ପରସ୍ପରକୁ ଭଲ ଭାବେ ଜାଣନ୍ତୁ। ନିଜ ପାର୍ଟନରଙ୍କ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ନିଅନ୍ତୁ। ତାଙ୍କ ଚରିତ୍ର ବା ପ୍ରକୃତି ଜାଣନ୍ତୁ। ପାର୍ଟନରଙ୍କ ପରିବାରର ସଦସ୍ୟମାନେ ଆପଣଙ୍କଠାରୁ କ’ଣ ଆଶା କରୁଛନ୍ତି, ସେ ବିଷୟରେ ମଧ୍ୟ ଜାଣିବାକୁ ଚେଷ୍ଟା କରନ୍ତୁ। କେବଳ ପରସ୍ପରର ଚେହେରା ଦେଖିକି ବା ପରିବାର ଆଭିଜାତ୍ୟ, ଧନଦୌଲତ ଦେଖି ବିବାହ କରନ୍ତୁ ନାହିଁ। ବରଂ ପରସ୍ପର ମଧ୍ୟରେ ଠିକ୍ ବୁଝାମଣା ଓ ତାଳମେଳ ହୋଇପାରିବ କି ନାହିଁ ସେ ବିଷୟ ତର୍ଜମା କରନ୍ତୁ।

କିଛି ମହିଳା ବାହାଘର ପରେ ପାଠ ପଢିବାକୁ କିମ୍ବା ଚାକିରି କରିବାକୁ ଯଦି ଚାହୁଁଛନ୍ତି, ତେବେ ସେ ବିଷୟରେ ଆଗରୁ ନିଜ ସ୍ୱାମୀ ଓ ପରିବାରର ଅନ୍ୟମାନଙ୍କୁ ସ୍ପଷ୍ଟ ଭାବରେ ଜଣାଇ ଦିଅନ୍ତୁ। ସେହିଭଳି କିଛି ସ୍ୱାମୀ ଚାହାନ୍ତି ନିଜ ସ୍ତ୍ରୀ ବାହାଘର ପରେ ଚାକିରି ଛାଡି ନିଜ ଶାଶୁ–ଶ୍ୱଶୁରଙ୍କ ସହ ରହୁ। ତେଣୁ ଏସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଗରୁ ସ୍ପଷ୍ଟ ଭାବରେ ଆଲୋଚନା କରନ୍ତୁ ଓ ପରସ୍ପରର ସହମତିରେ ନିଷ୍ପତ୍ତି ନିଅନ୍ତୁ। ଜଣକୁ ଆର ଜଣକର କେଉଁ ବ୍ୟବହାର ଭଲ ଲାଗୁ ନାହିଁ, ସେ ବିଷୟରେ ମଧ୍ୟ ଆପଣ ଖୋଲି କରି କଥା ହୁଅନ୍ତୁ। ନିଜ ଜୀବନସାଥୀଙ୍କୁ ଯଥେଷ୍ଟ ସମୟ, ସମ୍ମାନ ଓ ଗୁରୁତ୍ୱ ଦିଅନ୍ତୁ।

ବିବାହ ପରେ ବୈବାହିକ ସମ୍ପର୍କରେ ଅସୁବିଧା ଆସିଲେ ପ୍ରଥମେ ଜଣକୁ ଗୋଟେ ପାଦ ଆଗକୁ ବଢାଇ କଥାହେବାକୁ ପଡିବ। ଦୁଇଜଣଙ୍କ ମଧ୍ୟରେ ଥିବା ମତାନ୍ତରର ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଏହାର ଅର୍ଥ ନୁହେଁ ଯେ ଜଣେ ହିଁ ସବୁବେଳେ ଆଲୋଚନା ପାଇଁ ପ୍ରଥମେ ଚେଷ୍ଟା କରିବେ ବା ସବୁବେଳେ ଜଣେ ହିଁ ସାଲିସ କରିବେ। ତେଣୁ ବୈବାହିକ ସମ୍ପର୍କରେ ଅସୁବିଧା ଆସିଲେ ଉଭୟ ସ୍ୱାମୀ ଓ ସ୍ତ୍ରୀ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଜରୁରୀ।

ଯଦି କେତେବେଳେ ଝଗଡା ହେଉଛି, ତେବେ ଏହି ସମୟରେ ପୁରୁଣା ଝଗଡାର ବିଷୟବସ୍ତୁ, ଆପଣ ଦୁଇ ଜଣଙ୍କ ଛଡା ଅନ୍ୟ କେହି ତୃତୀୟ ବ୍ୟକ୍ତି ବା ପରିବାରର ସଦସ୍ୟଙ୍କ କଥାକୁ ମଝିରେ ଆଣନ୍ତୁ ନାହିଁ। ଏହାଦ୍ୱାରା ଝଗଡା ଆହୁରି ବଢିଥାଏ। ଏଥି ସହିତ ଝଗଡା ସମୟରେ ବଡ ପାଟିରେ କଥା ହୁଅନ୍ତୁ ନାହିଁ କିମ୍ବା ଖରାପ ଭାଷା କେବେ ବି ବ୍ୟବହାର କରନ୍ତୁ ନାହିଁ। ଚିଡିଚିଡା ହୋଇକି ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ।

ଯଦି ଆପଣଙ୍କ ଜୀବନସାଥୀଙ୍କ ସହିତ ବାରମ୍ବାର ଝଗଡା ହେଉଛି, ନିଜର ବୈବାହିକ ଜୀବନ ପୂରା ଖରାପ ହୋଇ ଆସିଲାଣି, ଆପଣ ଯେତେ ଚେଷ୍ଟା କଲେ ମଧ୍ୟ ସମାଧାନ ବାହାରି ପାରୁନାହିଁ, ସେତେବେଳେ ଆପଣ ଆଉ ବେଶି ସାଲିସ କରନ୍ତୁ ନାହିଁ କିମ୍ବା କୌଣସି ବଡ ପଦକ୍ଷେପ ଯେମିତି କି ଅନ୍ୟ ପରିବାରର ସଦସ୍ୟଙ୍କୁ ଏ ବିଷୟରେ ଜଣାନ୍ତୁ ନାହିଁ, ଛାଡପତ୍ର ଦେବା ପାଇଁ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ନାହିଁ। ତା’ ପୂର୍ବରୁ ନିଜ ପାର୍ଟନରଙ୍କୁ ସ୍ପଷ୍ଟ ଭାବରେ ଚେତାବନୀ ଦିଅନ୍ତୁ ଯେ ତାଙ୍କର ଏଭଳି ବ୍ୟବହାର ଆପଣ ଆଉ ସହ୍ୟ କରିପାରିବେ ନାହିଁ। ଯଦି ଏହିଭଳି ସମସ୍ୟା ଲାଗି ରହେ ତେବେ ଆପଣ ବିବାହ ବିଚ୍ଛେଦ କରିବାକୁ ବାଧ୍ୟ ହେବେ। ହୁଏତ ଆପଣଙ୍କ ଏହି ଚେତାବନୀ ଦ୍ୱାରା ଆପଣଙ୍କ ପାର୍ଟନର କିଛି ମାତ୍ରାରେ ସୁଧୁରି ଯାଇ ପାରନ୍ତି। ତା’ପରେ ମଧ୍ୟ ଯଦି କିଛି ସମାଧାନ ବାହାରି ପାରୁ ନାହିଁ ଏବଂ ଦୁଇଜଣଙ୍କ ଭିତରେ ସମସ୍ୟା ଏମିତି ଲାଗି ରହୁଛି, ତେବେ ଉଭୟ ପକ୍ଷ ପରିବାର ସଦସ୍ୟଙ୍କ ସହ କଥା ହୁଅନ୍ତୁ। ହୋଇପାରେ ପରିବାରର ସଦସ୍ୟଙ୍କ ମଧ୍ୟସ୍ଥ ଦ୍ୱାରା ଦାମ୍ପତ୍ୟ ଜୀବନରେ କିଛି ମାତ୍ରରେ ସୁଧାର ଆସିପାରେ।

ଯେହେତୁ ଆଜିକାଲି ବୈବାହିକ ସମ୍ପର୍କରେ ବହୁତ ସମସ୍ୟା ଆସୁଛି, ସେଥିପାଇଁ ବିବାହ ପୂର୍ବରୁ ପୁଅ ଝିଅଙ୍କର ଦରକାର ପଡିଲେ ପ୍ରି–ମାରାଇଟାଲ କାଉନସେଲିଂ କରାଯାଉଛି। ବିବାହ ପରେ ସମ୍ପର୍କରେ ଅସୁବିଧା ଆସିଲେ, ନିୟମିତ କାଉନସେଲିଂ ଦ୍ୱାରା ବହୁତ ମାତ୍ରାରେ ସମସ୍ୟାର ସମାଧାନ କରାଯାଇ ପାରୁଛି।

**ମାନସିକ ରୋଗ ବିଶେଷଜ୍ଞ, କଟକ**
**ମୋ: ୮୪୫୬୯୧୫୫୦୬**

# ବିଶ୍ୱାସର କଣ୍ଠରୋଧ



ଅନନ୍ତ ଚରଣ ସ୍ୱାଇଁ

କୌଣସି ବ୍ୟକ୍ତି, ବସ୍ତୁ, ବିଷୟ ଓ ବ୍ୟବସ୍ଥା ପ୍ରତି ଆମର ଆସ୍ଥା ଓ ଭରସାକୁ ବିଶ୍ୱାସ କୁହାଯାଏ। ଏସବୁର ସତ୍ୟତାକୁ ସନ୍ଦେହ କରିବା ହେଉଛି ଅବିଶ୍ୱାସ। ଅନ୍ଧବିଶ୍ୱାସ ହେଉଛି, ଯେତେବେଳେ ପ୍ରଚଳିତ ବ୍ୟବସ୍ଥା ପଛରେ କିଛି ସତ୍ୟତା ନ ଥାଏ କିନ୍ତୁ ପରମ୍ପରା, ସଂସ୍କୃତିର ଆଧାରରେ ବ୍ୟକ୍ତି ମନରେ ଭୟ ସୃଷ୍ଟି କରି ଏହାକୁ ବିଶ୍ୱାସ କରିବାକୁ ବାଧ୍ୟ କରାଯାଏ।

ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ପ୍ରଚଳିତ ବିଧିବିଧାନ ବିଶେଷକରି ଖାଦ୍ୟ ଖାଇବାକୁ ନେଇ କେତେକଙ୍କ ବିବାଦୀୟ ମନ୍ତବ୍ୟ, ଆସ୍ଥା ଓ ପରମ୍ପରାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କୁ ବ୍ୟଥିତ କରେ। ନିକଟରେ ଜଣେ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ମନ୍ତବ୍ୟ ଅନେକ ସଂସ୍କାରପ୍ରେମୀଙ୍କ ମନରେ ଆଘାତ ଆଣିଛି। ପ୍ରତିଷ୍ଠିତ ଓ ତଥାକଥିତ ବିଜ୍ଞ ବ୍ୟକ୍ତିମାନଙ୍କର ଗଣମାଧ୍ୟମରେ ଏପରି ମନ୍ତବ୍ୟ ସାଧାରଣ ଜନତାଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସାଭାବିକ। ଯୁଗ ଯୁଗ ଧରି ଚାଲିଆସୁଥିବା ପାରମ୍ପରିକ ବିଶ୍ୱାସକୁ କୁସଂସ୍କାର ଓ ଅନ୍ଧବିଶ୍ୱାସର ଆଖ୍ୟା ଦେଇ ସାଧାରଣ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରିବା ଆଦୌ ସମୀଚୀନ ନୁହେଁ। ମୁନି ଋଷିଙ୍କର ନିର୍ଭୁଲ ଗଣନା ସମ୍ପୂର୍ଣ୍ଣ ସତ୍ୟ ଓ ବିଜ୍ଞାନସମ୍ମତ ଏବଂ ଗ୍ରହଣୀୟ। ସେହି ଋଷିମାନଙ୍କର ଗ୍ରହଣ ବା ପରାଗ ସମୟରେ ଉପବାସ ରଖିବା ଉପଦେଶଟି କିପରି ଅଗ୍ରହଣୀୟ ଓ ଅନ୍ଧବିଶ୍ୱାସ, ଏହା ବୁଝାପଡେନି।

ମଝିରେ ମଝିରେ ଉପବାସ କରିବା ଶରୀର ପକ୍ଷେ ହିତକର। ଜାପାନର ବିଶିଷ୍ଟ କୋଷ ଜୀବବିଜ୍ଞାନୀ ୟୋସିନୋରୀ ଓହସୁମିଙ୍କ ଗବେଷଣାରୁ ଏହା ସୁସ୍ପଷ୍ଟ। ଅଟୋଫାଗି ପ୍ରକ୍ରିୟା ଉପରେ ଗବେଷଣା ପାଇଁ ତାଙ୍କୁ ୨୦୧୬ ରେ ନୋବେଲ ପୁରସ୍କାର ମିଳିଥିଲା। ଅଟୋଫାଗି ହେଉଛି କୋଷ ମଧ୍ୟରେ ସୃଷ୍ଟ ଏକ ପ୍ରାକୃତିକ ପ୍ରକ୍ରିୟା, ଏହା ଉପବାସ ସମୟରେ ଶରୀରରେ ସଂଗଠିତ ହୋଇଥାଏ। ଏହାଦ୍ୱାରା କୋଷ ଭିତରେ ଥିବା ପୁରୁଣା, କ୍ଷତିଗ୍ରସ୍ତ ଓ ଅକ୍ଷମ ଅଂଶଗୁଡିକର ଅପସାରଣ ସହ ସେଗୁଡିକର ପୁନଃବ୍ୟବହାର ହେତୁ ନୂତନ କୋଷ ସୃଷ୍ଟି ହୁଏ। ଫଳରେ କୋଷର ଦକ୍ଷତା ଓ କାର୍ଯ୍ୟକାରିତା ଶକ୍ତି ବୃଦ୍ଧିପାଏ। ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି, ଶରୀରରୁ ବିଷାକ୍ତ ପଦାର୍ଥର ଅପସାରଣ, କ୍ଷରିତ ରକ୍ତ ସଞ୍ଚାଳନ, କ୍ୟାନ୍‌ସର ଓ ଡାଇବେଟିସ ପରି ରୋଗକୁ ପ୍ରତିହତ କରିବା ଶକ୍ତି, ରକ୍ତରେ ଶର୍କରା ନିୟନ୍ତ୍ରଣ, ଡିମେନ୍ସିଆ, ପାର୍କିନସନ ଭଳି ରୋଗ ଉପଶମ, ଓଜନ ହ୍ରାସ ପରି ସ୍ୱାସ୍ଥ୍ୟଜନିତ ଅନେକ ସୁବିଧା ଅଟୋଫାଗି ପ୍ରକ୍ରିୟାରୁ ମିଳିଥାଏ। ଉପବାସ ସମୟରେ ଶରୀରରେ ସଂଗଠିତ ହେଉଥିବା ଅଟୋଫାଗି ପ୍ରକ୍ରିୟା ଦେହରେ ରୋଗ ପ୍ରତିଷେଧକ ଶକ୍ତି ବଢାଇଥାଏ, ଯାହାକି ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ପାଇଁ ଅପରିହାର୍ଯ୍ୟ।

ମଝିରେ ମଝିରେ ଉପବାସ ରହିବା ଦ୍ୱାରା ପାଚକ ନଳୀକୁ ବିଶ୍ରାମ ମିଳେ। କୋଷ ସୁସ୍ଥ ରହିବା ସହ ଶରୀର ମଧ୍ୟ ସୁସ୍ଥ ରହେ। ଏଥିପାଇଁ ମୁନି ଋଷିମାନେ ଉପବାସକୁ ଧାର୍ମିକ ଭାବନା ସହ ଯୋଡି ଦେଇଥିଲେ। ଧାର୍ମିକ ଭାବନା ରହିଲେ ଲୋକେ ତାହାକୁ ମାନିବେ। ସେଥିପାଇଁ ବୋଧହୁଏ ଏକାଦଶୀ, ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଉପବାସ ରହିବା ପାଇଁ କୁହାଯାଇଛି, ଯାହାଦ୍ୱାରା ପ୍ରକାରାନ୍ତରେ ଦେହରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇବ।



ନୋବେଲ ପୁରସ୍କାର ବିଜେତା, ବୈଜ୍ଞାନିକ ୟୋସିନୋରୀ ଓହସୁମିଙ୍କ ଗବେଷଣାଲବ୍ଧ ତଥ୍ୟ ସାରା ବିଶ୍ୱକୁ ଆଦୃତ କରୁଥିବା ବେଳେ କେତେକ ହାତଗଣତି ବିଜ୍ଞବ୍ୟକ୍ତି ହୁଏତ ଏହି ଆବିଷ୍କାର ବିଷୟରେ ସମ୍ପୂର୍ଣ୍ଣ ଅବଗତ ନାହାନ୍ତି କିମ୍ବା ଜାଣିଶୁଣି ଲୋକମାନଙ୍କ ମନରେ ଭ୍ରମ ସୃଷ୍ଟି କରୁଛନ୍ତି। ଅନ୍ୟ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବିବାହିତା ମହିଳାଙ୍କର ଚୁଡି ଓ ସିନ୍ଦୂର ବ୍ୟବହାରକୁ ନେଇ ବିତର୍କ ନିନ୍ଦାର ବିଷୟ। ଗୋଟିଏ ଟେଲିଭିଜନ କାର୍ଯ୍ୟକ୍ରମରେ ସେ ତର୍କ କରୁଥାଆନ୍ତି ଯେ ତାଙ୍କ ସ୍ତ୍ରୀ ଚୁଡି ପିନ୍ଧନ୍ତି ନାହିଁ କିମ୍ବା ମଥାରେ ସିନ୍ଦୂର ଲଗାନ୍ତି ନାହିଁ। ଏପରି କି ମନ୍ଦିର ମଧ୍ୟ ଯାଆନ୍ତି ନାହିଁ। ଦେବଦେବୀ କିମ୍ବା ପୂଜାପର୍ବକୁ ବିଶ୍ୱାସ କରନ୍ତି ନାହିଁ। ବିବାହିତା ମହିଳାମାନେ ଚୁଡି ପରିଧାନ କରିବା ଆମ ପରମ୍ପରାରେ ଅଛି। ଚୁଡି ପରିଧାନ ସପକ୍ଷରେ କୁହାଯାଏ ଯେ କାମ କରିବା ସମୟରେ ଚୁଡିର ଘର୍ଷଣ ଯୋଗୁ ହାତରେ ଥିବା ଶିରା ପ୍ରଶିରାରେ ରକ୍ତ ସଞ୍ଚାଳନ ବୃଦ୍ଧିପାଏ। ରକ୍ତ ସଞ୍ଚାଳନର ସୁପ୍ରଭାବ ଶରୀର ଓ ମନ ଉପରେ ପଡିଥାଏ। ଚୁଡି ଘର୍ଷଣରୁ ଉତ୍ପନ୍ନ ଶବ୍ଦ ତରଙ୍ଗ ଗର୍ଭସ୍ଥ ଶିଶୁର କାନରେ ପଡେ। ଏହାଦ୍ୱାରା ଗର୍ଭସ୍ଥ ଶିଶୁର ଗଠନରେ ସକାରାତ୍ମକ ପ୍ରଭାବ ପଡିଥାଏ। ସେହିପରି ଧାତୁ ନିର୍ମିତ ଚୁଡି (ଯେପରି କି ସୁନା, ରୁପା, କାଂସ୍ୟ) ଚର୍ମର ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହା ଚର୍ମରେ ଥିବା ବିଷାକ୍ତ ପଦାର୍ଥ ଦୂର କରେ ଏବଂ ଚର୍ମକୁ ସୁନ୍ଦର ଏବଂ ସ୍ୱାସ୍ଥ୍ୟଯୁକ୍ତ ରଖେ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ସିନ୍ଦୂର ବହୁତ ଗୁରୁତ୍ୱ ବହନ କରେ। ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଏହା ସଧବା ନାରୀମାନଙ୍କର ପବିତ୍ରତାର ପ୍ରତୀକ। ଏହା ଦେହରେ ଶକ୍ତି, ମନରେ ସ୍ଥିରତା ଓ ଜୀବନରେ ସୁଖ ଶାନ୍ତି ଆଣିଥାଏ।

ଜାପାନୀ ବୈଜ୍ଞାନିକ ମାସାରୁ ଇମୋଟୋଙ୍କ ପାଣି ଓ ଦେହ ଉପରେ ଗବେଷଣାଲବ୍ଧ ତଥ୍ୟ ଏଠାରେ ପ୍ରାସଙ୍ଗିକ ମନେହୁଏ, ସେ ଦାବି କରିଥିଲେ ଯେ ମନୁଷ୍ୟର ଚିନ୍ତା, ଭାବନା ଓ ଶବ୍ଦର ଅନୁରୂପ ପ୍ରଭାବ ନିଜ ଶରୀରରେ ଥିବା ଜଳ ଉପରେ ପଡେ। ସକାରାତ୍ମକ ଚିନ୍ତା ବା ଭାବନା ଦ୍ୱାରା ଜଳର ସ୍ଫଟିକ ସୁନ୍ଦର ରୂପ ନେଇଥାଏ। ନକାରାତ୍ମକ ଚିନ୍ତା, ଶବ୍ଦ ବା ଭାବନା ଜଳର ସ୍ଫଟିକକୁ ବିକୃତ କରିଦିଏ। ସ୍ଫଟିକର ପରିବର୍ତ୍ତନ ଅନୁସାରେ ବ୍ୟକ୍ତିର ଅନୁଭବ ହୁଏ। ନକାରାତ୍ମକ ଚିନ୍ତାଧାରା ବ୍ୟକ୍ତିର ଆଚାର ବ୍ୟବହାର ଉପରେ ପ୍ରଭାବ ପକାଏ ଓ ଅନୁରୂପ ବକ୍ତବ୍ୟ ଓ ବ୍ୟବହାରର ପରିପ୍ରକାଶ ହୋଇଥାଏ।

ଉପବାସ ଶରୀର ଉପରେ ପ୍ରଭାବ ଏବଂ ଏହା ପଛରେ ଥିବା ବୈଜ୍ଞାନିକ ସତ୍ୟତା ଓ ଅନ୍ୟ ପ୍ରସଙ୍ଗ ଉପରେ ଲୋକମାନଙ୍କ ଆସ୍ଥା, ବିଶ୍ୱାସ, ମତାମତ ଓ ଅନୁଭୂତିକୁ ଅନୁଶୀଳନ କରି ମନ୍ତବ୍ୟ ଦେବା ଦରକାର। ଆମ ପରମ୍ପରା, ସଂସ୍କୃତି ଓ ଆମର ଧାର୍ମିକ ଚେତନାକୁ ବିଶ୍ୱାସ କରିବାକୁ କୌଣସି ବାଧବାଧକତା ନାହିଁ। ଚିରାଚରିତ ପ୍ରଥାକୁ ବିଶ୍ୱାସ ନ କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ନିଜସ୍ୱ। ଏହାକୁ ଅବିଶ୍ୱାସ ବୋଲି କହିବା, ଅନ୍ଧ ବିଶ୍ୱାସର ଆଖ୍ୟା ଦେଇ, ସେସବୁର ବୈଜ୍ଞାନିକ ସତ୍ୟତା ନ ଜାଣି ବିଭ୍ରାନ୍ତିକର ମନ୍ତବ୍ୟ ଦେବା ଅତ୍ୟନ୍ତ ନିନ୍ଦନୀୟ।

**କଳିଙ୍ଗନଗର, ଭୁବନେଶ୍ୱର,**
**ମୋ: ୭୩୮୧୦୪୬୪୭୭**

## ଏଇ ଭାରତରେ

ଉତ୍ତରପ୍ରଦେଶ ଲକ୍ଷ୍ନୌର ଚାରୁ ଖାରେ ନାମକ ଜଣେ ବ୍ୟକ୍ତି ପ୍ରାଣୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି। ଚାକିରିରୁ ସମୟ ବାହାର କରିଅସହାୟ ପ୍ରାଣୀଙ୍କ ସୁରକ୍ଷାରେ ସେ ଲାଗିଛନ୍ତି। ମୁଖ୍ୟତଃ ମା’ଠାରୁ ଅଲଗା ହୋଇଯାଇଥିବା ମାଙ୍କଡ଼ ଛୁଆଙ୍କ ଯତ୍ନ ନେଉଛନ୍ତି। ସେ ମଧ୍ୟ ଅନ୍ୟ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି। ଏହି କାର୍ଯ୍ୟ କରିବା ଲାଗି ତାଙ୍କ ନେତୃତ୍ୱରେ ସେ ଏକ ଏନ୍‌ଜିଓ ଗଠନ କରିଛନ୍ତି। ସେ ମଧ୍ୟ ଏକ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ପ୍ରାଣୀ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛି। ମୋଟରେ ଏଯାବତ ଚାରୁ ଓ ତାଙ୍କ ଟିମ୍ ୫,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ସେମାନେ ପ୍ରାଣୀଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଚିକିତ୍ସା କରୁଛନ୍ତି, ଖାଇବାକୁ ଦେଉଛନ୍ତି ଓ ସୁସ୍ଥ ହେଲା ପରେ ଜଙ୍ଗଲରେ ଛାଡ଼ି ଦେଉଛନ୍ତି। ତେବେ ସେ ଉଦ୍ଧାର କରୁଥିବା ଅନେକ ପ୍ରାଣୀ ଚିକିତ୍ସା ପରେ ମଧ୍ୟ ପଙ୍ଗୁ ହୋଇଯାଉଛନ୍ତି। ତେଣୁ ଏମାନଙ୍କ ରହିବା ଲାଗି ଚାରୁ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ଏବେ ସୁଦ୍ଧା ୭୦ କୁକୁର, ୨୫ ବିଲେଇ ଓ ୫ଟି ପକ୍ଷୀ ଆଶ୍ରୟସ୍ଥଳୀରେ ଅଛନ୍ତି। ଏହାବ୍ୟତୀତ ପକ୍ଷାଘାତରେ ପୀଡ଼ିତ ପ୍ରାଣୀଙ୍କ ପାଇଁ ଥେରାପି ବ୍ୟବସ୍ଥା ରହିଛି। ଏତେଗୁଡ଼ିକ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ସେ ଦାନ ଆକାରରେ ଗ୍ରହଣ କରୁଛନ୍ତି। ସେହି ଅର୍ଥରେ ଚାରୁ ତାଙ୍କ ଉଦ୍ଧାର କାର୍ଯ୍ୟ ଆଗକୁ ବଢାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ମାର୍ଚ୍ଚ ୧୯୭୬

- କେନ୍ଦ୍ର କଲିକତାର ଜନବହୁଳ ଅଞ୍ଚଳରେ ଥିବା ଗୋଟିଏ ପୁରୁଣା ପାଞ୍ଚମହଲା କୋଠାଘରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୧୦ ନିହତ।
- ଜମ୍ମୁଠାରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏକ ବସ୍ ହୋସିଆରପୁରଠାରୁ ପ୍ରାୟ ୫୦ କିଲୋମିଟର ଦୂରବର୍ତ୍ତୀ ଏକ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୨୧ ଯାତ୍ରୀଙ୍କ ମୃତ୍ୟୁ।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 7 | | 1 | |
| | | 9 | | 8 | | | | |
| 1 | | | | | | 5 | | |
| | | | 5 | 7 | | 6 | | |
| | | 7 | 2 | | | | | 4 |
| | | | | | | | | 1 |
| | 7 | | | 1 | 2 | 4 | | |
| | 8 | 5 | | 9 | | | | |
| | | 3 | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 9 | 6 | 2 | 5 | 8 | 4 | 3 |
| 2 | 4 | 6 | 8 | 1 | 3 | 7 | 9 | 5 |
| 8 | 3 | 5 | 9 | 4 | 7 | 2 | 6 | 1 |
| 1 | 5 | 3 | 7 | 8 | 6 | 4 | 2 | 9 |
| 4 | 8 | 7 | 2 | 9 | 1 | 5 | 3 | 6 |
| 9 | 6 | 2 | 3 | 5 | 4 | 1 | 7 | 8 |
| 3 | 2 | 8 | 5 | 7 | 9 | 6 | 1 | 4 |
| 5 | 9 | 4 | 1 | 6 | 2 | 3 | 8 | 7 |
| 6 | 7 | 1 | 4 | 3 | 8 | 9 | 5 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅନ୍‌ଲାଇନ ଗେମ୍‌ର ପ୍ରଭାବ

ମହାଶୟ,
ସମାଜରେ କୁପ୍ରଭାବ ପକାଉଥିବା ଯୋଗୁ ଲଟେରି ବ୍ୟବସାୟକୁ ସରକାର ବନ୍ଦ କଲେ। କିନ୍ତୁ ଏବେ ବିଭିନ୍ନ ଅନ୍‌ଲାଇନ ଗେମ୍, କ୍ରିକେଟ ବେଟିଂ, ଅନ୍‌ଲାଇନ ଜୁଆ ମାଧ୍ୟମରେ ଅନେକ ଯୁବକ ଦିଗଭ୍ରଷ୍ଟ, ସର୍ବସ୍ୱାନ୍ତ ହେଉଛନ୍ତି। ଅନେକ ଯୁବକ ଅକାଳରେ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଆଜିର ଯୁବସମାଜ ଗଠନମୂଳକ ତଥା ଉତ୍ପାଦନକ୍ଷମ କାମରେ ନ ଲାଗି ଏମିତି ବିଭିନ୍ନ ପ୍ରକାର ଧନ୍ଦାରେ ସେମାନଙ୍କ ସମୟ ଅପଚୟ କରାଉଛନ୍ତି। ଏକ ସମାଜମଙ୍ଗଳ ରାଷ୍ଟ୍ର ହିସାବରେ ଆମେ ବିଭିନ୍ନ ଜୁଆ, ବେଟିଂ, ଅନ୍‌ଲାଇନ ଗେମ୍‌କୁ ପ୍ରୋତ୍ସାହିତ କିମ୍ବା ବିଜ୍ଞାପିତ କରିବାରୁ କ୍ଷାନ୍ତ ରହିବା ଉଚିତ। ଏପରି ଖବରକୁ ଆକର୍ଷଣୀୟ ଢଙ୍ଗରେ ପ୍ରକାଶ କରି ଯୁବସମାଜକୁ ଦିଗଭ୍ରଷ୍ଟ କରା ନ ଯାଉ। ଏ ପ୍ରକାର ଖବରକୁ ପ୍ରଥମ ପୃଷ୍ଠାରେ ସ୍ଥାନିତ କରିବା ଅନୁଚିତ।

**–ସୁଧୀର କୁମାର, ରାଜୁସାହି, ଜୟପୁର, କୋରାପୁଟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଥାପି ଧରା ଜଡ଼ତା ରାଶି
ଗଳାରେ ମୋର ଲଗାଏ ଫାଶୀ
ଚଳଇଁ ଶତ ଯାତନା ବହି
ଫିଟଇ ନାହିଁ ମୁଖ,
ଡାହୁକ ଡାକେ ଡାକଇ ସାରୀ ଶୁକ!
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସମସ୍ତଙ୍କୁ ମିଳିବ ସ୍ୱପ୍ନର ଘର: ଡ. ମୁକେଶ ମହାଲିଙ୍ଗ

**ବଲାଙ୍ଗୀର,୩୦।୩(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟଠାରେ ରବିବାର ପୂର୍ବାହ୍ନରେ ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦାନ କରି ବଲାଙ୍ଗୀର ଜିଲାର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଗୌରବ ଶିଓାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଭାବେ ମଞ୍ଚାସୀନ ଥିଲେ। ରବିବାର ବଲାଙ୍ଗୀର ଜିଲାର ୩୪୧୦ ଜଣ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡ ମହାଲିଙ୍ଗ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ସବୁ ଲୋକଙ୍କ ସ୍ୱପ୍ନ ଥାଏ ଘରଟିଏ କରିବା ପାଇଁ। ମାତ୍ର ଗରିବ ଓ ବଞ୍ଚିତ ବର୍ଗ ଘରଟିଏ କରିପାରନ୍ତି ନାହିଁ। ଆଜି ସେଭଳି ବଞ୍ଚିତ ଲୋକଙ୍କୁ ରାଜ୍ୟ ସରକାର ଏହି ଯୋଜନାରେ ଘର ଯୋଗାଇ ଦେବେ। ସମସ୍ତ ବଞ୍ଚିତ ଓ ପୀଡ଼ିତ ଲୋକଙ୍କୁ ଘର ମିଳିବ ବୋଲି ସେ କହିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ରାଜ୍ୟର ୫ ଲକ୍ଷ ଲୋକଙ୍କୁ ଘର ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାର ଗତ ୯ ମାସ ମଧ୍ୟରେ କିଭଳି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି କହିଥିଲେ। ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶହୀଦ ପରିବାର, ବିଧବା, ଭିନ୍ନକ୍ଷମ, ଗରିବ ବୃଦ୍ଧବୃଦ୍ଧା, ପ୍ରାକୃତିକ ଓ ମଣିଷକୃତ ବିପର୍ଯ୍ୟୟ ପୀଡ଼ିତ, ଅଗ୍ନିକାଣ୍ଡ ପୀଡ଼ିତ, ବନ୍ୟଜନ୍ତୁଙ୍କ ଦ୍ୱାରା ପୀଡ଼ିତ ଲୋକଙ୍କୁ ଏହି ଯୋଜନାରେ ଘର ସହାୟତା ମିଳିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ଜିଲା ପ୍ରଶାସନ ସବୁବେଳେ ଆକାଂକ୍ଷୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଧ୍ୟାନ ଦେଇଆସୁଛି ବୋଲି କହିଥିଲେ। ଜିଲା ପରିଷଦ ସଭାପତି ସାହୁ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକ ସୁବିଧା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ। ବଲାଙ୍ଗୀର ଜିଲାର ଆଗଲପୁର ବ୍ଲକର ୨୩୬, ବଲାଙ୍ଗୀର ବ୍ଲକର ୩୦୩, ବଙ୍ଗୋମୁଣ୍ଡାର ୧୬୩, ବେଲପଡ଼ାର ୩୦୩, ଦେଓଗାଁର ୩୪୧, ଗୁଡଭେଲାର ୧୩୩, ଖପ୍ରାଖୋଲର ୩୧୧, ଲୋଇସିଂହାର ୧୯୭, ମୁରିବାହାଲର ୨୨୬, ପାଟଣାଗଡ଼ର ୩୧୯, ପୁଇଁନ୍ତଲାର ୩୧୫, ସଇଁତଲାର ୧୭୨, ଟିଟିଲାଗଡ଼ର ୧୯୭, ତୁରେକେଲାର ୧୯୪ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଛି। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ**

- **ବଲାଙ୍ଗୀରରେ ୩୪୧୦ କାର୍ଯ୍ୟାଦେଶ ବଣ୍ଟନ**
- **ଅନ୍ତ୍ୟୋଦୟ ଘର ପାଇଁ ମିଳିବ ୧.୨୦ ଲକ୍ଷ ଟଙ୍କା**

**ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପ୍ରିୟ ରଞ୍ଜନ କୁମାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ଦୟାନିଧି ଖମାରୀ ଉପସ୍ଥିତ ରହି ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରି ଶୁଭାରମ୍ଭ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତରୁ ୩୪୧ ଜଣ ହିତାଧିକାରୀଙ୍କୁ ଉକ୍ତ ଯୋଜନାରେ ଗୃହ ଯୋଗାଇ ଦେବାକୁ ଚୟନ କରାଯାଇଛି। ବୈଠକରେ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ସାବତ ସମେତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ହେବାପରେ ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଓ ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ ବ୍ଲକରେ ଦଳୀୟ କାର୍ଯ୍ୟକ୍ରମ କରାଯାଇ ଭାଜପା ଦଳର ପ୍ରଚାର କରାଯାଉଛି ବୋଲି ଅଭିଯୋଗ କରିଥିଲେ। ସଭାରେ ଜୟ କୋଶଳ ନାରା ଦେଇଥିଲେ। ପରେ ବିଡିଓ ଏବଂ ପୋଲିସ ଅଧିକାରୀ ବୁଝାସୁଝା କରିବାପରେ ସଭା ପୁଣି ଚାଲିଥିଲା। ଏପରିକି ଅନ୍ତ୍ୟୋଦୟ ଗୃହ ଯୋଜନାରେ କିଛି ପଞ୍ଚାୟତରେ ହିତାଧିକାରୀ ଚୟନରେ ପାତର ଅନ୍ତର ହୋଇଥିବା ଅଭିଯୋଗ ଉଠିଛି। ତେଣୁ ଦିଗରେ ଜିଲାପାଳ ହସ୍ତକ୍ଷେପ କରି ପ୍ରକୃତ ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନ ପଡନ୍ତି ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ୧୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ଟିଟିଲାଗଡ଼, ୩୦।୩(ଶରତ ମିଶ୍ର)**

ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତ୍ୟେକ ପଞ୍ଚାୟତରୁ ୧୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମପି ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ନରେଶ ଅଗ୍ରୱାଲ, ସରପଞ୍ଚ ପୃଥ୍ୱୀରାଜ ଚିନାଗୁନ, ଯୁଗଲ ସାହୁ, ନିରୁପମା ପାଣିଗ୍ରାହୀ, ପୁଷ୍ପା ମହାନନ୍ଦ, ଗୋପାଳ ତାଣ୍ଡି, ଉର୍ବଶୀ ଘିଭେଲା, ଜାହ୍ନବୀ ମୁଗ୍ରୀ, ଯମୁନା ମହାନନ୍ଦ, ପ୍ରିୟବତୀ ବଗର୍ତ୍ତୀ, ଯାଜ୍ଞସେନୀ ସାହୁ, ପୁଷ୍ପା ନାଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଡିଓ ଚନ୍ଦ୍ରକାନ୍ତି ନାଗ ସଭା ପରିଚାଳନା କରିଥିଲେ।

## ସିହିନାମୁଣ୍ଡାରେ ଷୋହଳ ପ୍ରହର ନାମଯଜ୍ଞ

**କୋମନା,୩୦।୩(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ସିହିନାମୁଣ୍ଡା ଗ୍ରାମରେ ବିଶ୍ୱ କଲ୍ୟାଣ ପାଇଁ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳ ହଂସ ଓ ତାଙ୍କ ଧର୍ମପତ୍ନୀ ତୁଳ ଦେଇ ହଂସ କର୍ତ୍ତା ଏବଂ ଅର୍ଜୁନ ରଥ ଓ ରବୀନ୍ଦ୍ର ଯୋଶୀ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ନାମଯଜ୍ଞରେ ୭ଗୋଟି ସଂକୀର୍ତ୍ତନ ଦଳ ଯୋଗଦେଇ ହରେକୃଷ୍ଣ ହରେ ରାମ ମହାମନ୍ତ୍ର ଜପ କରିଥିଲେ।







# ବିଭିନ୍ନ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ



ଲୋଇସିଂହାରେ ଅତିଥି କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ଲୋଇସିଂହା,୩୦।୩(ସୁଶାନ୍ତ ବାରିକ):** ଲୋଇସିଂହାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଶମେଲ ପିଇଓ ଭିକାରୀ କର୍ମୀ ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଏମପି ପ୍ରତିନିଧି ବାଳକୃଷ୍ଣ ଧରୁଆ, ବିଧାୟକ ଗୌରାଙ୍ଗ ନାଏକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉକ୍ତ ଯୋଜନାରେ ଚିହ୍ନଟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ନୋଡାଲ ଅଧିକାରୀ କ୍ରୀଷ୍ଣାମୟୀ ଛତ୍ରିଆଙ୍କ ସୂଚନା ଅନୁଯାୟୀ, ବ୍ଲକର ୨୦ଟି ପଞ୍ଚାୟତର ୧୯୭ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ରବିବାର ଶୁଭାରମ୍ଭ ଦିବସରେ ୧୯୫ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

**କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ତୁରେକେଲା ସରକାରୀ ହାଇସ୍କୁଲ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୦ ଜଣ ହିତାଧିକାରୀଙ୍କୁ ଏହି ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପୂଜା ବେହେରା, ସିଡିପିଓ ରତ୍ନାମଣି ବରାଳ, ବରିଷ୍ଠ ଭାଜପା ନେତା ଶିବାଜୀ ମହାନ୍ତି, ଏମ୍‌ପି ପ୍ରତିନିଧି ଅକ୍ଷୟ ମେହେର ମଞ୍ଚାସୀନ ଥିଲେ। ଜିପିଇଓ ଗଜାନନ ନାଏକ, ବ୍ଲକ ସାମାଜିକ ଅଧିକାରୀ ହେମାନନ୍ଦ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନକୁଳ ନାଗ, ଭାଜପା ନେତା ଆନନ୍ଦ ସାହୁ, ଆଙ୍ଗନୱାଡି, ଆଶାକର୍ମୀ, ମହିଳା ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ।

**ମୁରିବାହାଲ,(ଶ୍ରୀବସ୍ତ ବେହେରା):** ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତିର ୨୨ ପଞ୍ଚାୟତର ୨୦୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ବାସନ୍ତୀ ସେଠୀଙ୍କ ଅଧ୍ୟକ୍ଷତାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି କ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ଜିଲା ସଭାପତି ଓ ଏମପିଙ୍କ ପ୍ରତିନିଧି ଶ୍ରୀବସ୍ତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ ଗୋପାଳ କୃଷ୍ଣ ଦୀପ ପରିଚାଳନା କରିଥିବା ବେଳେ ବିପିସି ରବୀନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଆକାଉଣ୍ଟ ଅଫିସର ଘେନୁରାମ ତାଣ୍ଡି, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରାଜ କିଶୋର ସିଂ ବାବୁ , ଏ.ଇ. ଅବିନାଶ ମୋଦି, ଜିପିଓ ଗଙ୍ଗାଧର ଛତର ଉପସ୍ଥିତ ଥିଲେ।

**ଖପ୍ରାଖୋଲ,(ଅଭୟ ତ୍ରିପାଠୀ):** ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମପ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ ଯୋଗଦେଇଥିଲେ। ଅତିଥିମାନେ ନୂତନ ହିତାଧିକାରୀଙ୍କୁ ଗୃହ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସିଡିପିଓ ଅମିତା ପଣ୍ଡା, ବିଏଫଓ ହରେକୃଷ୍ଣ ମେହେର, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ବିଏସଏସଓ କନିଷ୍କ ବିଭାର, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ରାମାନନ୍ଦ ବେହେରା, ରାଜ କିଶୋର ନାଏକ, ଗୋବର୍ଦ୍ଧନ ବାଗ, ସୁଶୀଲ କୁମାର ଗୁରୁ, ବୈଦ୍ୟନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ଜିପିଡିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଟଣାଗଡ଼,(ସଚ୍ଚିଦାନନ୍ଦ ମହାକୁର):** ପାଟଣାଗଡ଼ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୩୨୫ ଗରିବ ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ଏନ୍‌ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ମାଝୀ, ବିଧାୟକଙ୍କ ନୋମିନୀ ଦେବଦତ୍ତ ରାଉତ, ଏମ୍‌ପି ନୋମିନୀ କରମସିଂ ସରାଫ, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ ଓ ମାଧବ ସାଏ ଉପସ୍ଥିତ ଥିଲେ। ବିଡିଓ ସୁମନ ମିଞ୍ଜ ସଭା ପରିଚାଳନା କରିଥିଲେ।

# ବଲାଙ୍ଗୀରରେ ପ୍ରତିଷ୍ଠା ହେବ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ

**ବଲାଙ୍ଗୀର,୩୦।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରରେ ପ୍ରତିଷ୍ଠା ହେବ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ, ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ନୂଆ କରି ପ୍ରତିଷ୍ଠା ହେବାକୁ ଥିବା ୯ଟି ମେଡିକାଲ କଲେଜ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଏହି ୯ଟି ମଧ୍ୟରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ପରିସର ମଧ୍ୟରେ ଏକ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହି ହସ୍ପିଟାଲ ପ୍ରତିଷ୍ଠା ହେଲେ ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ଏଠାରେ ପଢ଼ିବାର ସୁଯୋଗ ପାଇବା ସହ ସ୍ୱାସ୍ଥ୍ୟସେବାରେ ଭାଗୀଦାରି ହେବେ ବୋଲି କହିଥିଲେ। ଖବରଦାତା ସମ୍ମିଳନୀ ପରେ ସେଠାରେ ଏକ ଗଣସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗଙ୍କୁ ବଲାଙ୍ଗୀରର ବିଭିନ୍ନ ସଙ୍ଗଠନ ଏବଂ ଅନୁଷ୍ଠାନ ପ୍ରତିନିଧିମାନେ ପୁଷ୍ପମାଲ୍ୟ, ଫୁଲତୋଡ଼ା ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସରକାରୀ ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘ ସଭାପତି ଡା. ବାସୁଦେବ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବଲାଙ୍ଗୀର ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ନାରାୟଣ ପାଢ଼ୀ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମାଜ ବଲାଙ୍ଗୀର ଶାଖା ସଭାପତି ସଞ୍ଜୟ ଅଗ୍ରୱାଲ, ଆୟୁର୍ବେଦ କଲେଜ ଆଲୁମ୍‌ନି ସଂଘ ବରିଷ୍ଠ ସଦସ୍ୟ ବିପିନ ବିହାରୀ ମିଶ୍ର ମଞ୍ଚାସୀନ ଥିଲେ। ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ବଲାଙ୍ଗୀର ସମେତ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି କହିଥିଲେ। ଆଗାମୀ ଦିନରେ ବଲାଙ୍ଗୀର ମେଡିକାଲ କଲେଜ ସମେତ ବିଭିନ୍ନ ପାରିପାର୍ଶ୍ୱିକ ହସ୍ପିଟାଲରେ ଖାଲିପଡିଥିବା ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ପଦବୀ ପୂରଣ କରାଯିବ ଏବଂ ଭିତ୍ତିଭୂମି ଉନ୍ନତି କରାଯିବ ବୋଲି କହିଥିଲେ। ସଭାରେ ସରକାରୀ ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘ, ବଲାଙ୍ଗୀର ନାଗରିକ କମିଟି, ବରିଷ୍ଠ ନାଗରିକ ସଂଘ, ଉତ୍କଳ ପ୍ରାଦେଶିକ ମାରୱାଡି ସମାଜ, ଆୟୁର୍ବେଦ କଲେଜ ଛାତ୍ର ସଂଘ, ସ୍ରୋତସ୍ୱତୀ ପ୍ରକାଶନୀ, ସ୍ମୃତିବିନ୍ଦୁ ଫାଉଣ୍ଡେଶନ୍ ସମେତ ବହୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଡା. ପତି ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ମାଟି ପାଇଁ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ଅବଦାନ ସ୍ମରଣୀୟ ରହିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ସନ୍ଦୀପ କୁମାର କୁଅଁର ସ୍ୱାଗତ ବକ୍ତବ୍ୟ ଓ ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

**ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଗଣସମ୍ବର୍ଦ୍ଧନା**



# କମୁଛି ଜଳସ୍ତର, ବଢୁଛି ଅପଚୟ

**ରାଉରକେଲା ମହାନଗର ନିଗମ**
**■ଅଧାରେ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ**

ରାଉରକେଲା,୩୦।୩
(ବିପ୍ଳବ ରଞ୍ଜନ ଦାଶ)

ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ଜଳ ଅପଚୟ ମଧ୍ୟ ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ସହରରେ ହକି ବିଶ୍ୱକପ୍ ପୂର୍ବରୁ ପଦକ୍ଷେପ ନିଆଯାଇଥିଲା। ଏହି କ୍ରମରେ ବର୍ଷାଜଳ ସଂରକ୍ଷଣ ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ମୁକ୍ତା ଯୋଜନାରେ ୬.୬୫କୋଟି ଟଙ୍କା ବ୍ୟୟବରାଦ ହେଲା। ବର୍ଷା ଜଳ ସଂରକ୍ଷଣ କରି ଭୂତଳ ଜଳସ୍ତର ହ୍ରାସ ଧାରାକୁ ରୋକିବା ପାଇଁ ଏସ୍ଏଚ୍ଜି ମାଧ୍ୟମରେ ସହରର ବିଭିନ୍ନ ସ୍ଥାନରେ ୮୫୦ ଗଭୀର ଗାତ ଖନନ ପାଇଁ ଧାର୍ଯ୍ୟ କରାଗଲା। ସହରର ନୂଆ ବଜାର, ଟିମ୍ବର କଲୋନି, ଜେଲ୍ ରୋଡ୍, ଆଇଟିଆଇ, ଡିଏଭି ସ୍କୁଲ, ଛେଣ୍ଡ କଲୋନି ସମେତ ସହରର ବିଭିନ୍ନ ଅଞ୍ଚଳରେ ଗଭୀର ଗାତମାନ


ସହରରେ ବର୍ଷା ଜଳ ସଂରକ୍ଷଣ ପାଇଁ ହୋଇଥିବା ପ୍ରକଳ୍ପ।

ଖୋଳାଗଲା। ଗାତ ଉପରେ ଚିପ୍ସ ବାଲି ସହିତ ସିମେଣ୍ଟ ମିଶାଇ କ୍ଷୁଦ୍ର କ୍ଷୁଦ୍ର କୂପ ମାନ ମଧ୍ୟ ନିର୍ମାଣ ହେଲା। ଅନ୍ୟପକ୍ଷେ ସହରର ବଡ ବଡ କୋଠାର ଛାତମାନଙ୍କରେ ମଧ୍ୟ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହେଲା। ବର୍ଷା ଜଳ ଅପଚୟ ନ ହେବା ପାଇଁ ଛୋଟ ଛୋଟ ନାଳ ମଧ୍ୟ ନିର୍ମାଣ ହେଲା। ମାତ୍ର ପରବର୍ତ୍ତୀ ସମୟରେ ୮୫୦ ପରିବର୍ତ୍ତେ ୨ଶହ ଗାତ ଖୋଳିବାରେ ପ୍ରକଳ୍ପ ସୀମିତ ରହିଗଲା। ହକି ବିଶ୍ୱକପ୍ ପରେ ଏ ନେଇ ଆଉ କୌଣସି କାର୍ଯ୍ୟ ହେଲାନାହିଁ। ଫଳରେ ବର୍ଷା ଜଳ ସଂରକ୍ଷଣ ଅଧୁରା ରହିଗଲା।

ଏ ନେଇ ଆର୍ଏମ୍ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଆର୍ଏମ୍ସି ପକ୍ଷରୁ ବର୍ଷାଜଳ ସଂରକ୍ଷଣ ଉପରେ ସତର୍କତା ଅବଲମ୍ବନ କରାଯାଉଛି। ସହରରେ ଯେଭଳି ଜଳ ଅପଚୟ ନ ହେବ, ସୁବିନିଯୋଗ ହେବ ଏବଂ ବର୍ଜ୍ୟଜଳ କିଭଳି ବିଶୋଧନ ହୋଇ ନଦୀରେ ମିଶିବ ସେ ନେଇ ବିବିଧ ଯୋଜନା କରାଯାଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟ। ଏଣୁ ଆଗକୁ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ ହେବ। ବର୍ଷା ସମୟରେ ବର୍ଷା ଜଳ ଯେଉଁଭଳି ଅପଚୟ ନ ହୋଇ ସଂରକ୍ଷିତ ରହିବ ସେ ଦିଗରେ ନିଶ୍ଚିତ ଭାବେ ବିଧିବଦ୍ଧ ଯୋଜନା ଏବଂ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

ସୂଚନାଯୋଗ୍ୟ, ରାଉରକେଲା ଜଳ ବିଭାଜନ ବିଭାଗ, ୱାଟ୍କୋ ପକ୍ଷରୁ ରାଉରକେଲା ସହରର ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ବିତରଣ କରାଯାଉଛି। ସହରରେ ବସବାସ କରୁଥିବା ମୁଣ୍ଡ ପିଛା ୧୪୦ଲିଟର ପାଣି ଯୋଗାଣ ହେଉଛି। ଏଥିସହ ସହରର ଅନେକ ଅଞ୍ଚଳର ବାସିନ୍ଦା ଏବେ ମଧ୍ୟ ପାଇପ୍ ପାଣି ସହ ନଳକୂପ ଉପରେ ନିର୍ଭରଶୀଳ। ମାତ୍ର ରାଉରକେଲା ସମେତ ବିଶ୍ରା, କଲୁଙ୍ଗା, ରାଜଗାଙ୍ଗପୁର, ବଣେଇ, କୋଇଡା, ଲହୁଣୀପଡା ଆଦି ଶିଳ୍ପାଞ୍ଚଳରେ ଶିଳ୍ପ କ୍ଷେତ୍ରରେ ଜଳର ବିପୁଳ ବ୍ୟବହାର ହେବା ସହ ଅପବ୍ୟବହାର ମଧ୍ୟ ହେଉଛି। ଫଳରେ ଏହି ଅଞ୍ଚଳରେ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା କୁହାଯାଉଛି। ଏଥିଯୋଗୁ ସହରର ଅନେକ ନଳକୂପରୁ ପାଣି ବାହାରୁନାହିଁ। ରାଉରକେଲା ଭଳି ସ୍ମାର୍ଟସିଟିରେ ଜଳ ସଂରକ୍ଷଣ ଉପରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ବାସନ୍ତିକ ନବରାତ୍ର ସହ ହିନ୍ଦୁ ନବବର୍ଷ ପାଳିତ

ରାଉରକେଲା,୩୦।୩(ଦିନେଶ ମିଶ୍ର)

ରାଜସ୍ଥାନ ପରିଷଦ ପକ୍ଷରୁ ଅମର ଭବନ ପରିଷଦରେ ରାଜସ୍ଥାନ ଦିବସ ପାଳନ କରାଯାଇଛି। ଏହ ଅବସରରେ ମହାରଣା ପ୍ରତାପ, ବାଲାଜୀ ମହାରାଜ ଓ ମୀରାବାଈଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ବ୍ରତ ସଂରକ୍ଷକ କାଶୀ ପ୍ରସାଦ ଝୁନ୍ଝୁନ୍ୱାଲାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ସହ ପୃଷ୍ଠପୋଷକ ଗୋପାଳ ବାଗେଡିଆ, ସଭାପତି ସନ୍ତୋଷ ଅଗ୍ରୱାଲ, ପୂର୍ବତନ ସଭାପତି ସନ୍ତୋଷ ପାରିକ, ମହାବୀର ଟୋଡି, ବଦ୍ରି ନାରାୟଣ ମାହେଶ୍ୱରୀ, ଶୈଳେନ୍ଦ୍ର ମାରୋଥିଆ, ବିନୋଦ ନାରେଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ ବରୁଣ ସୋମାନି, ବିକ୍ରମ ବୋଥ୍ରା, ଯୁଗ୍ମ ସମ୍ପାଦକ ମନୀଷ ଟୋଡି, କୋଷାଧ୍ୟକ୍ଷ ମନୋଜ ଅଗ୍ରୱାଲ, ବିନୟ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍, ମହେଶ ଜାତୀୟ କ୍ରିକେଟ ଏକାଡେମୀ ଶିବିରକୁ ମନୋନୀତ


ରାଜ୍ ଯାଦବ　ମହେଶ ସାହୁ

ରାଉରକେଲା,୩୦।୩(ଦିନେଶ ମିଶ୍ର)

ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆରଏସ୍ଏ) କ୍ରିକେଟ ଏକାଡେମୀର ଦୁଇ ଯୁବ କ୍ରିକେଟ ପ୍ରତିଭା ଜାତୀୟ କ୍ରିକେଟ ଏକାଡେମୀ ଶିବିରରେ ଯୋଗ ଦେବା ପାଇଁ ଚୟନ ହୋଇଛନ୍ତି। ଏହି ଯୁବ ପ୍ରତିଭା ହେଲେ ବାମହାତ ସ୍ପିନ୍ ବୋଲର ରାଜ ଯାଦବ ଓ ମିଡିୟମ୍ ପେସ୍ ବୋଲର ମହେଶ ସାହୁ। ଏହି ଦୁଇ ଖେଳାଳି ଚଳିତ ବର୍ଷ ୧୬ ବର୍ଷରୁ କମ୍ ରାଜ୍ୟ ଦଳରେ ସ୍ଥାନ ପାଇ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଏହି ଦୁଇ ଖେଳାଳି ଏନ୍ସିଏ ବାଙ୍ଗାଲୋରରେ ଆସନ୍ତା ଏପ୍ରିଲ ୧୮ରୁ ମେ ମାସ ୧୪ ତାରିଖ ଯାଏ ପ୍ରଶିକ୍ଷଣ ନେବେ। ଶନିବାର ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଜାତୀୟ ଶିବିରରେ ସାମିଲ ହେବା ପାଇଁ ୪ ଜଣଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ରାଜ ଓ ମହେଶ ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ସ୍ପୋର୍ଟସ ଆସୋସିଏଶନ କ୍ରିକେଟ ଏକାଡେମୀର ଏହି କ୍ରିକେଟ ପ୍ରତିଭା ଓଡ଼ିଶା ତଥା ପୂର୍ବାଞ୍ଚଳ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ନଟରାଜ ବେହେରାଙ୍କ ଅଧୀନରେ ତାଲିମ ନେଉଛନ୍ତି। ଏହି ଦୁଇ ପ୍ରତିଭାଙ୍କ ଚୟନ ପରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ସଭାପତି ମିହିର ରାୟ ଓ ରାଉରକେଲାର ସମସ୍ତ କ୍ରିକେଟ ପ୍ରେମୀଙ୍କ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। କୋଚ୍ ନଟରାଜଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଏହି ଏକାଡେମୀରୁ ବହୁ ସଫଳ ଖେଳାଳି ସୃଷ୍ଟି ହୋଇପାରିଛନ୍ତି ବୋଲି ସଭାପତି ରାୟ ସୂଚନା କହିଛନ୍ତି।







## ଆର୍ଏସ୍ପିରେ ଗ୍ୟାସ୍ ସୁରକ୍ଷା ନେଇ ମକ୍ ଡ୍ରିଲ୍

ରାଉରକେଲା,୩୦।୩
(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପିର ବ୍ଲାଷ୍ଟ ଫର୍ଣ୍ଣେସ-୧ ବିଭାଗ ଅଧୀନ ଡଷ୍ଟ କ୍ୟାଚରଠାରେ ବ୍ଲାଷ୍ଟ ଫର୍ଣ୍ଣେସ ଗ୍ୟାସ୍ ଲିକେଜ ଉପରେ ଏକ ମକ୍ ଡ୍ରିଲ୍ ହୋଇଯାଇଛି। ଏହି ଅଭ୍ୟାସର ମୂଳଲକ୍ଷ୍ୟ ସମ୍ଭାବ୍ୟ ଗ୍ୟାସ୍ ବିପଦକୁ ମୁକାବିଲା କରିବାରେ ଜରୁରୀକାଳୀନ ପ୍ରସ୍ତୁତି ଏବଂ ଏଥିସହ ଜଡିତ କର୍ମଚାରୀମାନଙ୍କ କାର୍ଯ୍ୟ ନିପୁଣତାର ଆକଳନ ରହିଥିଲା। ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ୍ ସୁମିତ କୁମାର, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଡିଜିଏମ୍ ଓ ଡିଏସ୍ଓ ଏ. ପି ଗୁପ୍ତା, ସୁରକ୍ଷା ବିଭାଗର ସହାୟକ ପରିଚାଳକ ପ୍ରଭୁ ପାତ୍ର ଏବଂ ସିଆଇଏସ୍ଏଫ୍, ଅଗ୍ନିସେବା, ଇଏମ୍ଡି ଏବଂ ଓଏଚ୍ଏସ୍ସିର ପ୍ରତିନିଧିମାନଙ୍କ ଉପସ୍ଥିତିରେ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା। ଅଗ୍ନିଶମ ସେବା, ସୁରକ୍ଷା ଏବଂ ସିଆଇଏସ୍ଏଫ୍ ସଦସ୍ୟମାନଙ୍କୁ ନେଇ ଗଠିତ କମ୍ବାଟ ଦଳ, ରେସକ୍ୟୁ ଦଳ ଓ ଆନୁସଙ୍ଗିକ ଦଳ ଏହି ଅଭ୍ୟାସରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ଜିଏମ୍ ଏସ୍. କେ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହିନ୍ଦୁ ନବବର୍ଷରେ ୫ଶହ ଗୀତା ପୁସ୍ତକ ବଣ୍ଟନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଛାତ୍ରୀଛାତ୍ର ।

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

ନବବର୍ଷ ଆୟୋଜନ ସମିତି ସେକ୍ଟର-୨ ପକ୍ଷରୁ ରବିବାର ଲକ୍ଷ୍ମୀପୂଜା ମଣ୍ଡପରେ ହିନ୍ଦୁ ନବବର୍ଷ-୨୦୨୫ ମହାସାମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗାୟତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ୫ଶହ ଭଗବତ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା। ସିଆଇଏସ୍ଏଫ୍‌ର ସିନିୟର କମାଣ୍ଡାଣ୍ଟ ଅଶୋକ ଜଲୱାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତବର୍ଷର ମହାନ ପରମ୍ପରା ଓ ଗୌରବମୟ ଇତିହାସ ଉପରେ ଆଲୋକପାତ କରି ରାଷ୍ଟ୍ରୀୟ ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅନୁରୋଧ କରିଥିଲେ। ଭାଗବତ ସଂସ୍ଥାପନ ସମିତି, ଓଡ଼ିଆର ଶ୍ରୀମଦ୍ ବାୟାବାବା ସମ୍ମାନୀତ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୋମାତା ସେବାରେ ସମର୍ପିତ ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନୀତ କରାଯାଇଥିଲା। ରାଉରକେଲା ରାଷ୍ଟ୍ରୀୟ ନବବର୍ଷ ଆୟୋଜନ ସମିତି ସଭାପତି ଯୋଗେନ୍ଦ୍ର ବେହୁରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସମାଜପତି ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ଓ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ହରେକୃଷ୍ଣ ମାଝୀ, ସତ୍ୟନାରାୟଣ ଦାସ, ପ୍ରଭାତ ପ୍ରଧାନ, ରଘୁନାଥ ଦାସ, ସୁଦର୍ଶନ ମହନ୍ତ, ଦିଲୀପ ରାଉତ, ବନବିହାରୀ ଜେନା, ଚନ୍ଦ୍ରଭାନୁ ମୁଣ୍ଡା, ଅନୀଲ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

## ସୀମାନ୍ତରୁ ଆଇଇଡି ଜବତ

ରାଉରକେଲା,୩୦।୩(ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ଛୋଟାନାଗରା ଥାନା ଅଧୀନ ବନଗ୍ରାମ ଡିକୁପୋଙ୍ଗ ତଥା ହଥନାବେରା ମଧ୍ୟବର୍ତ୍ତୀ ପାହାଡିଆ ଅଞ୍ଚଳରେ ରବିବାର ଅପରାହ୍ନ ୪ଟାରେ ଜୀବନ୍ତ ଆଇଇଡି ଜବତ ହୋଇଛି। ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଖଞ୍ଜାଯାଇଥିବା ୫ କେଜିର ୨ଟି ଆଇଇଡିକୁ ଠାବ କରିବା ପରେ ବମ୍ ନିରୋଧକ ଦଳ ସାହାଯ୍ୟରେ ନଷ୍ଟ କରାଯାଇଥିଲା। ଏ ନେଇ ସିଆର୍ପିଏଫ୍ ପକ୍ଷରୁ ସୂଚନା ମିଳିଛି।

## ୪ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା


ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ସ୍ଥିତ କ୍ଷତ୍ରୀୟ ଖଣ୍ଡାୟତ ମହାସଭା ଗୃହରେ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଷତ୍ରୀୟ ଖଣ୍ଡାୟତ ମହାସଭା ଓ ହାଇଟେକ ହସ୍ପିଟାଲ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ରାଉରକେଲା କ୍ଷତ୍ରୀୟ ଖଣ୍ଡାୟତ ମହସଭା ସଭାପତି ଦିଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଭାଷଣରେ କହିଥିଲେ, ପ୍ରତ୍ୟେକ ମଣିଷ ପାଇଁ ଅମୂଲ୍ୟ ସମ୍ପଦ ହେଉଛି ସ୍ୱାସ୍ଥ୍ୟ। ଏଣୁ ନିଜର ସ୍ୱାସ୍ଥ୍ୟାବସ୍ଥା ଉପରେ ସର୍ବଦା ଯତ୍ନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ। ମହାସଭାର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସମ୍ପାଦକ ଶଶଧର ପାତ୍ର ପରିଚାଳନା କରିଥିଲେ। ଉପସଭାପତି ସୁବ୍ରତ ମଲ୍ଲିକ, ରବିନ୍ଦ୍ର ପରିଡା, ସୋମନାଥ ପରିଡା, ଜୟରାମ ରାଉତ, କିଶୋର ନାୟକଙ୍କ ସମେତ ମହାସଭାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶିବିରରେ ଚକ୍ଷୁ, ହାଡ, ପେଟରୋଗ ସହିତ ବିଭିନ୍ନ ରୋଗର ନିଃଶୁଳ୍କ ପରୀକ୍ଷଣ ହୋଇଥିବା ବେଳେ ୪ଶହରୁ ଉର୍ଦ୍ଧ୍ୱ ରୋଗୀ ଉପକୃତ ହୋଇଥିଲେ। ହାଇଟେକ ହସ୍ପିଟାଲର ୮ଜଣିଆ ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମହାସଭାର କୋଷାଧ୍ୟକ୍ଷ ଗଙ୍ଗାଧର ନାୟକ ଓ ମିଡିଆ ଅଧିକାରୀ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ଶେଷ ନ ହେଲେ ଆନ୍ଦୋଳନ

**ସମସ୍ୟା ଭୋଗୁଛନ୍ତି ରେଳଯାତ୍ରୀ**

ରାଉରକେଲା,୩୦।୩
(ବିପ୍ଳବ ରଞ୍ଜନ ଦାଶ)

ଅମୃତ ଭାରତ ଯୋଜନାରେ ପାନପୋଷ ରେଳଷ୍ଟେଶନର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ତାହା ମନ୍ଥର ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ଷ୍ଟେଶନର ନୂତନ ଟିକେଟ କାଉଣ୍ଟର ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହାର ନିର୍ମାଣ କାର୍ଯ୍ୟରେ ବାଧକ ସାଜୁଥିବା ଷ୍ଟେଶନ ପ୍ରବେଶ ପଥ ଦୋକାନ ଗୃହ ଭଙ୍ଗା କାର୍ଯ୍ୟ ମଧ୍ୟ ସରିନାହିଁ। ଅନ୍ୟପଟେ ପାନପୋଷ ପୁରୁଣା ଟିକେଟ କାଉଣ୍ଟରରେ ସ୍ଥାପିତ ଶୌଚାଳୟ ଭାଙ୍ଗିରୁଜି ଯାଇ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ବେଳେ ମରାମତି ହେଉନି। ପୁରୁଣା ଟିକେଟ କାଉଣ୍ଟର ଅବସ୍ଥା ଦୟନୀୟ ହୋଇପଡିଛି। କେନ୍ଦ୍ର ଚତୁଃପାର୍ଶ୍ୱରେ ବୁଲା


ଦୟନୀୟ ଅବସ୍ଥାରେ ଥିବା ଟିକେଟ କେନ୍ଦ୍ର ।

କୁକୁର ଶୋଉଛନ୍ତି। ରିଜର୍ଭେସନ (ପିଆରଏସ୍) ଓ ଜେନେରାଲ ଟିକେଟ ନେବାକୁ ଯାତ୍ରୀ ଉକ୍ତ କେନ୍ଦ୍ରକୁ ଆସୁଥିବା ବେଳେ ବହୁ ସମୟରେ ଲିଙ୍କ୍ ମଧ୍ୟ ରହୁନାହିଁ। ଫଳରେ ପାନପୋଷ, ଛେଣ୍ଡ, ସିଭିଲଟାଉନଶିପ୍, ବେଦବ୍ୟାସ ଏବଂ କଲୁଙ୍ଗା ଅଞ୍ଚଳର ଲକ୍ଷାଧିକ ରେଳଯାତ୍ରୀ ଏକ୍ସପ୍ରେସ୍ ଧରିବା ପାଇଁ ୮କି.ମି ଦୂର ରାଉରକେଲା ଷ୍ଟେଶନ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ତୁରନ୍ତ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ଶେଷ ନ ହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଅଞ୍ଚଳର ରମାକାନ୍ତ ପାଣ୍ଡେ, ପବନ ଜଲାନ, ରାମା ସାହୁ, ଶୈଳେନ୍ଦ୍ର ତିୱାରୀ, ବିଜୟ ଅଗ୍ରୱାଲ, ସନ୍ତୋଷ ସାହୁ ଓ ସତ୍ୟରଞ୍ଜନ ଦାଶ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ପାନପୋଷ ରେଳ ଷ୍ଟେଶନ ପରିଚାଳକ ବିଭାସ ଭୂୟାଁଙ୍କୁ ପଚାରିବାରୁ ସେ କହିଲେ, ପାନପୋଷ ଷ୍ଟେଶନର ଅଧିକାଂଶ ନବୀକରଣ କାର୍ଯ୍ୟ ସମ୍ପାଦନ ହୋଇସାରିଛି। ଲଙ୍ଗ୍ ଇଣ୍ଟରଲଙ୍ଗିଂ ପାଇଁ ରାଉରକେଲା-ପାନପୋଷ ମଧ୍ୟରେ ଅଟୋମେଟିକ ସେକ୍ସନଗୁଡିକର ମଧ୍ୟ ନିର୍ମାଣ ହେଉଛି। ନୂତନ ଟିକେଟ ବୁକିଂ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏଥିପାଇଁ ବାଧକ ସାଜୁଥିବା ଷ୍ଟେଶନ ପ୍ରବେଶ ପଥରୁ ୨୧ରୁ ଉର୍ଦ୍ଧ୍ୱ ଦୋକାନ ଉଚ୍ଛେଦ କରାଯିବ। ଇତିମଧ୍ୟରେ କିଛି ଦୋକାନ ଉଚ୍ଛେଦ ହୋଇଛି। ଆଗକୁ ପାନପୋଷ ଟିକେଟ କେନ୍ଦ୍ର ସହ ପ୍ରବେଶ ପଥର ଉନ୍ନତୀକରଣ ନିଶ୍ଚିତ କରାଯିବ ବୋଲି ଭୂୟାଁ କହିଥିଲେ।



## ସଂକ୍ଷେପରେ

### ୨ରେ ବୈଠକ ପାଇଁ ପ୍ରତିଶ୍ରୁତି ଦେଲେ ଉପଜିଲାପାଳ

**କମ୍ପାନୀ ବିରୋଧରେ ଆନ୍ଦୋଳନ ପ୍ରସଙ୍ଗ**

ଝାରସୁଗୁଡ଼ା,୩୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଳ ଓ ହିର୍ମାଠାରେ ଥିବା ଏସ୍ଏମ୍ସି କମ୍ପାନୀର ପ୍ରଦୂଷଣତା ଓ ମନମୁଖୀ କାର୍ଯ୍ୟ ନେଇ ବଡ଼ମାଳ ଓ ହିର୍ମା ପଞ୍ଚାୟତ ଜନସାଧାରଣ ଆସନ୍ତା ୩୧ ତାରିଖରେ ଆନ୍ଦୋଳନ ପାଇଁ ପ୍ରଶାସନକୁ ଜଣାଇଥିଲେ। ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଶନିବାର ବଡ଼ମାଳ ଓ ହିର୍ମା ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଡାକି କମ୍ପାନୀର କାର୍ଯ୍ୟକଳାପ ଓ ଆନ୍ଦୋଳନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ପ୍ରସ୍ତାବ ହୋଇଥିଲା ଯେ ଆସନ୍ତା ଏପ୍ରିଲ ୨ ତାରିଖରେ ଏସ୍ଏମ୍ସି କମ୍ପାନୀ ଅଧିକାରୀ, ହିର୍ମା, ବଡ଼ମାଳ ଗ୍ରାମପଞ୍ଚାୟତ ଜନପ୍ରତିନିଧି ଓ ବୁଦ୍ଧିଜୀବୀ ଏବଂ ଜିଲା ପ୍ରଶାସନ ମାଧ୍ୟମରେ ବୈଠକ କରି ସମସ୍ୟା ସମାଧାନର ବାଟ ବାହାର କରାଯିବ। ଏପ୍ରିଲ ୨ରେ ହେବାକୁ ଥିବା ବୈଠକରେ ସମସ୍ୟା ସମାଧାନ ପାଇଁ କମ୍ପାନୀ ରାଜି ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ବଡ଼ମାଳ ଓ ହିର୍ମା ଜନପ୍ରତିନିଧିମାନେ କହିଛନ୍ତି।

### ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା/ଲଖନପୁର,୩୦।୩
(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅତାବିରା ପଞ୍ଚାୟତ ଡୁମେରଡ଼ିପାରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଗତ ଶୁକ୍ରବାର ସନ୍ଧ୍ୟାରେ କଳସ ଯାତ୍ରା, ଶନିବାର ପ୍ରାତଃ ନାମାରମ୍ଭ ହୋଇଥିଲା। ଗଣେଶ ବାରିକ, ଅହଲ୍ୟା ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଭୁବନ ମେହେର, ମୁରଲୀ ଭୋଇ, ସୁରେନ୍ଦ୍ର ସା, ଅର୍ଜୁନ ଭୋଇ, ନେତ୍ରାନନ୍ଦ ସାହୁ, କିଶୋର ପ୍ରମୁଖ ସଡ଼ ବୟିସ୍ନବ ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ଅଞ୍ଚଳର ଅତାବିରା, ନୂଆଡ଼ିହି, ସୁନାଖାଏନ, ଡଙ୍ଗୁଆପଡ଼ା, ଭୁନ୍ଦୁପାଲି, କଟାପାଲି, ସୁକୁଲପାଲି, ପୂଜାରୀପାଲି, ପଲସଦା, ଝାରୁପଡ଼ା, ଦେଓପାଲି, କୁମର, ବାଉସେନ ପାଲି, ରେଙ୍ଗୁଲିର ସଂକୀର୍ତ୍ତନ ଦଳ ନଗର କୀର୍ତ୍ତନ କରିଥିଲେ। ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମ ନକୁଳ ପଧାନ, ରାମଚନ୍ଦ୍ର ମେହେର, ଭାବଗ୍ରାହୀ ପଧାନ, ସୁବାସ ପଧାନ, ସଞ୍ଜୟ ଗୁହ, ଜୟପ୍ରକାଶ ମେହେର, ପ୍ରମୋଦ ପଧାନ, ଭୋଗିଲାଲ ମେହେର, ସଞ୍ଜୟ ମେହେର ପ୍ରମୁଖ ପରିଚାଳନା କରିଥିଲେ।

### ଠେବରାରେ ଅଷ୍ଟ ପ୍ରହର ନାମଯଜ୍ଞ ସମାପନ

ଝାରସୁଗୁଡ଼ା/ଲଖନପୁର,୩୦।୩
(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ଝାରସୁଗୁଡ଼ ଜିଲା ଲଖନପୁର ବ୍ଲକ ଠେବରା ଗ୍ରାମରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ରବିବାର ସମାପନ ହୋଇଛି। ଗତ ଶୁକ୍ରବାର କଳସଯାତ୍ରା ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ନାମଆରମ୍ଭ ଏବଂ ରବିବାର ସକାଳେ ନାମ ସମାପନ, ମଧ୍ୟାହ୍ନରେ ନଗରଭ୍ରମଣ, ସନ୍ଧ୍ୟାରେ ଦଧିଭଞ୍ଜନ ସହ ପ୍ରସାଦ ସେବନ ପରେ ନାମଯଜ୍ଞ ସମାପନ ହୋଇଛି। ନାମଯଜ୍ଞରେ କର୍ତ୍ତା ଭାବେ ସପତ୍ନୀକ ସନତ ପ୍ରଧାନ ଦାୟିତ୍ୱ ତୁଲାଉଥିବାବେଳେ ଦୟାନିଧି ବିଶ୍ୱାଳ, ନିର୍ମଳ ସା, ଅଶୋକ ବାରିକ, ଯାଦବ ଭୋଇ, ରାଜିନ୍ଦ୍ର ବାରିକ, ପ୍ରଶନ୍ନ କାଲୋ ଷଡ଼ବୈଷ୍ଣବ ଦାୟିତ୍ୱ ତୁଲାଇଛନ୍ତି। ପୂଜକ ଦାୟିତ୍ୱ ଚନ୍ଦ୍ରଭାନୁ ନାୟକ ପୂଜାର୍ଚ୍ଚନା କରୁଛନ୍ତି। ଷଡ଼ବୈଷ୍ଣବ ଭାବେ ବସନ୍ତ ପସାୟତ, ଦୁର୍ଗା ପ୍ରଧାନ, ବିରଞ୍ଚି କୁର୍ମୀ, ସୁରେନ୍ଦ୍ର ମେହେର, ପ୍ରଶାନ୍ତ ମିଶ୍ର, ଚକ୍ର ମେହେର ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ଜିଲାର ୯୭୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ

ଝାରସୁଗୁଡ଼ା,୩୦।୩(ଆଶିଷ ରଞ୍ଜନ ଦାଶ)



ଅନ୍ତ୍ୟୋଦୟ ଗୃହ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ।

**ଜିଲା, ବ୍ଲକସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲାର ଭବାନୀପାଟଣାରୁ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ଝାରସୁଗୁଡ଼ା ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ବେହେରାମାଲସ୍ଥିତ ନବ ଦାସ ଅଡିଟୋରିୟମ୍‌ଠାରେ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ କୌଣସି କାରଣରୁ ବଞ୍ଚିତ ସମାଜର ଅବହେଳିତ ବ୍ୟକ୍ତି ରାଜ୍ୟ ସରକାରଙ୍କ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଦ୍ୱାରା ଉପକୃତ ହେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଓ ବିଧାୟକ ତ୍ରିପାଠୀ ପ୍ରଦୀପ ଉଦ୍‌ଘାଟନ କରିଥିବା ବେଳେ ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ମନୀଷ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ପାତ୍ର ଓ ଅନିଲ କୁମାର ନାୟକ, ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୫ ବର୍ଷ ଭିତରେ ଘର ନ ଥିବା ସବୁ ଗରିବ ଲୋକଙ୍କୁ ଏହି ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେବା ଦିଗରେ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ପୂଜାରୀ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ୯୭୭ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ବାବଦକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଝାରସୁଗୁଡାରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକ ଅଞ୍ଚଳର ୧୨୪ଜଣ, କୋଲାବିରା ବ୍ଲକରେ ୧୩୫, କର୍ମିରା ବ୍ଲକରେ ୧୩୯, ଲଇକେରାରେ ୧୬୯ଜଣ ଓ ଲଖନପୁରରେ ୪୧୦ଜଣଙ୍କୁ ଯୋଜନାରେ ଗୃହ ନିର୍ମାଣ ସକାଶେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସଭା ପରିଚାଳନା କରିଥିଲେ। ଶେଷରେ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସମିତିରେ ରୂପାନ୍ତରୀକରଣ କାର୍ଯ୍ୟକ୍ରମ

କୋଲାବିରା,୩୦।୩
(ଚିନ୍ମୟ କୁମାର ବହିଦାର)

ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ସମବାୟ ବିଭାଗ ଝାରସୁଗୁଡା ପକ୍ଷରୁ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ବହୁମୁଖୀ ସମବାୟ ସମିତିରେ ରୂପାନ୍ତରୀକରଣ ସମ୍ବନ୍ଧୀୟ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲା ଖଣିଜ ସଭାଗାର କକ୍ଷରେ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସବୁ ସମବାୟ ସମିତି ସଭାପତି, ସମ୍ପାଦକ, ସମବାୟବିତ ଓ ଅନ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତରିକ୍ତ ଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମିତିର ଲୋକାଭିମୁଖୀ କାର୍ଯ୍ୟ ଏବଂ ରୂପାନ୍ତରୀକରଣ ମାଧ୍ୟମରେ କିପରି ତୃଣମୂଳସ୍ତରରେ ଲୋକଙ୍କ ସର୍ବାଙ୍ଗିନ ବିକାଶ ଦିଗରେ ସହାୟକ ହେବ ଏହା ଉପରେ ମତ ଦେଇଥିଲେ। କାର୍ଯକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ଉଦ୍ୟାନ ନିରୀକ୍ଷକ, ଅତରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଯୋଗଦେଇ ନିଜ ବିଭାଗର ଲୋକାଭିମୁଖୀ ଯୋଜନା ସବୁସମବାୟ ମାଧ୍ୟମରେ କ୍ରିୟାଶୀଳ ହୋଇ ପାରିବ ସେ ବିଷୟରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଉପ ନିବନ୍ଧକ ସମବାୟ ସମିତି ସମୂହ ଝାରସୁଗୁଡା ବିଭାଗ, ସୁଶ୍ରୀ ମମତା ରାଣୀ କୁଜୁର ପରିଚାଳନା କରିଥିଲେ। ଜାତୀୟସ୍ତରରେ ଜିଲା ପାଇଁ ଗୌରବ ଅଣିଥିବା ଶୁଭଲକ୍ଷ୍ମୀ ମହିଳା ବହୁମୁଖୀ ସମବାୟ ସମିତି ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସହକାରୀ ନିବନ୍ଧକ ରମେଶ ଚନ୍ଦ୍ର ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲା ହିନ୍ଦୁ ସେବା ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ଝାରସୁଗୁଡ଼ା,୩୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ହିନ୍ଦୁ ସେବା ସମିତି ପକ୍ଷରୁ ରବିବାର ହିନ୍ଦୁ ନବବର୍ଷ ସହରସ୍ଥିତ ବିଟିଏମ ଛକ ହନୁମାନ ମନ୍ଦିରରେ ପାଳିତ ହୋଇଯାଇଛି। ହିନ୍ଦୁ ସେବା ସମିତି ପକ୍ଷରୁ ଅପରାହ୍ନ ୩ଟାରେ ଏକ ବିରାଟ ବାଇକ୍ ରାଲି ବିଟିଏମ ଛକର ହନୁମାନ ମନ୍ଦିରରୁ ବାହାରି ବଢ଼େଇମୁଣ୍ଡା ଓ ସରବାହାଲ ଦେଇ ମନମୋହନ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ଏହା ପରେ ସନ୍ଧ୍ୟା ୬ଟାରେ ଝାରସୁଗୁଡା ସହର ମନମୋହନ ପଡିଆଠାରୁ ଏକ ବିରାଟ ଶୋଭାଯାତ୍ରାରେ ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ଜାଗରଣ ମଞ୍ଚ, ବଜରଙ୍ଗ ଦଳ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଜେସିଆଇ ସିଟି, ରୋଟାରୀ ଗ୍ରୀନ, ତଥା ବହୁ ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତା ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ରାମଲାଲ ଝାଙ୍କି, ହନୁମାନ ଝାଙ୍କି, ଶିବ ଜି ଝାଙ୍କି, ଦୁର୍ଗା ମାତା ଝାଙ୍କି ପ୍ରମୁଖ ସାମିଲ ହେବା ସହ ଝାଡ଼ଖଣ୍ଡର ଝୁମଲ ବ୍ୟାଣ୍ଡ ପାର୍ଟି, ଦୁଲଦୁଲି ବାଜା, ପୁରଲିଆର ଛଉ ନୃତ୍ୟ ସହିତ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ଅଭିନୟ ଝାରସୁଗୁଡା ସହରବାସୀଙ୍କ ମନ କିଣି ନେଇଥିଲା। ଜୟ ଶ୍ରୀରାମ ନାରା ଧ୍ୱନିରେ ଝାରସୁଗୁଡା ସହର ପ୍ରକମ୍ପିତ ହୋଇ ଉଠିଥିଲା। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବାଇକ୍ ରାଲି ଓ ଶୋଭାଯାତ୍ରାରେ ସାମିଲ ଥିବା ବେଳେ ସଞ୍ଜୀବ ଝା, କିଶୋର ମହାନ୍ତି, ପୁରୁଷୋତ୍ତମ ଥିରାଣୀ, ଲକ୍ଷ୍ମଣ ଦେହୁରୀ, ବିମଳେନ୍ଦୁ ଭୋଲ, ତାରଣ ଗିଦ୍ୱାନିଙ୍କ ସହିତ ହଜାର ହଜାର ହିନ୍ଦୁ ପ୍ରେମୀ ସାମିଲ ଥିଲେ।




# କବରସ୍ଥାନପଡ଼ା ପ୍ରଗତି କ୍ଲବ ଚାମ୍ପିୟନ



ଫୁଟ୍‌ବଲ ପ୍ରତିଯୋଗିତା ଅତିଥି ଓ ଖେଳାଳିମାନେ।

ଝାରସୁଗୁଡ଼ା,୩୦।୩(ଆଶିଷ ରଞ୍ଜନ ଦାଶ)

**ଆନ୍ତଃ କ୍ଲବ ଫୁଟ୍‌ବଲ ପ୍ରତିଯୋଗିତା**

ଝାରସୁଗୁଲା ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ୨ୟ ଓଏସ୍ଏପି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରୀଡ଼ା ପ୍ରତିଯୋଗିତା ରବିବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କବରସ୍ଥାନପଡ଼ା ପ୍ରଗତି କ୍ଲବ ସାରସମାଲ ବୀର ସିଂ କ୍ଲବକୁ ୨-୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚରେ ୨ୟ ଓଏସ୍ଏପି ମୁଖ୍ୟ କାମାଣ୍ଡେଣ୍ଟ ପ୍ରସାଦ ତମଙ୍ଗ ପି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ କବରସ୍ଥାନ ପଡା ପ୍ରଗତିକ୍ଲବକୁ ୭ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଏବଂ ରନର୍‌ଅପ ଦଳକୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଶ୍ରେଷ୍ଠ ଗୋଲ କିପର ଭାବେ ସାରସମାଲ ଦଳର ସଞ୍ଜୀବ ଓରାମ, ଡିଫେନ୍ସ ଖେଳାଳି ଭାବେ ପ୍ରଗତି କ୍ଲବର ସୋନୁ ରାଓଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କ୍ରୀଡା ସଂଘ ଉପ ସଭାପତି ଜୀବନ ମହାନ୍ତି ଅତିଥି ପରିଚୟ କରିଥିଲେ। ଏହା ସହିତ ଜିଲା ଆଥଲଟିକ ସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ, ବିଜୟ ଦାସ, ସଞ୍ଜୟ ଦାସ, ଗଣେଶ ନାଇକ ଓ ସୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଗିରିଶ ପ୍ରଧାନ, ଲେନିନ ପଟେଲ, ଅଗସ୍ତି ହାତୀପଗ୍ଗା, କିଷାନ ଦାସ ପରିଚାଳନା କରିଥିବା ବେଳେ ଝାରସୁଗୁଡା ଜିଲା ଆଥଲେଟିକ ଆସୋସିଏଶନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଦେବଗଡ଼ ଜିଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ



ଜଣେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

ଦେବଗଡ଼,୩୦।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ରୋଗରେ ପୀଡିତ ପରିବାର, ଶହୀଦ ପରିବାର, ଘରପୋଡି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଉକ୍ତ ଯୋଜନାରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ୯୦ ବା ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମ ପାରିଶ୍ରମିକ ସେବା ସହ ଅନ୍ୟାନ୍ୟ ଯୋଜନା ଆଦିର ସୁବିଧା ମଧ୍ୟ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ଅରୁଣ ସାହୁ, ଯୋଗେଶ ପ୍ରଧାନ, ଉପାଧ୍ୟକ୍ଷା ଜିଲା ପରିଷଦ ବର୍ଷାରାଣୀ ମୁଣ୍ଡା, ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଉପଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମର୍ଦ୍ଧା, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଉପାଧ୍ୟକ୍ଷ ସୁମନ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସର୍ବେଶ୍ୱର ନାୟକ, ପଞ୍ଚାୟତ ପ୍ରତିନିଧି, ହିତାଧିକାରୀ, ମିଶନ ଶକ୍ତି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



**ଧର୍ମପରାୟଣା ମହିଳାଙ୍କ ପରଲୋକ**

**କୋକସରା, (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତ ଦାବ୍ରିଗୁଡା ଗ୍ରାମର ବିଜେଡି ନେତା ଦୁର୍ଗା ନାଏକଙ୍କ ମା' ରମତା ନାଏକଙ୍କ ପରଲୋକ ହୋଇଛି। ତାଙ୍କୁ ୯୮ ବର୍ଷ ହୋଇଥିଲା। ସେ କୋକସରା ବ୍ଲକର ଭୁତପୂର୍ବ ଚେୟାରମ୍ୟାନ ସ୍ୱର୍ଗତ ଗଣେଶରାମ ନାଏକଙ୍କ ଧର୍ମ ପତ୍ନୀ ଥିଲେ। ସେ ଜଣେ ଧର୍ମ ପରାୟାଣା ମହିଳା ଥିଲେ। ତାଙ୍କ ପରଲୋକ ଖବର ପାଇ ଆତ୍ମିୟ ସ୍ୱଜନ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଦୁର୍ଗା ନାଏକ ମୁଖାଗ୍ନି ଦେଇଥିଲେ।



## ସଂକ୍ଷେପରେ

### ବୁଲା କୁକୁର ଆତଙ୍କ, ୨୭ ଜଣଙ୍କୁ କାମୁଡ଼ିଲେ

**ଖଡ଼ିଆଲ,୩୦।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଲ ବ୍ଲକ ଅଞ୍ଚଳରେ ବୁଲା କୁକୁର ଆତଙ୍କ ଦେଖାଦେଇଛି। ଶନିବାର ଦିନକରେ ୨୭ ଜଣଙ୍କୁ କୁକୁର କାମୁଡିଥିବା ବେଳେ ରବିବାର ମଧାହ୍ନ ସୁଦ୍ଧା ୫ ଜଣଙ୍କୁ କାମୁଡିଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତଙ୍କୁ ଜଳାତଙ୍କ ଇଞ୍ଜେକଶନ ଦିଆଯାଇଥିବା ଡା. ରାଜିତ କୁମାର ରାଉତ ପ୍ରକାଶ କରିଛନ୍ତି। ବିଶେଷ କରି ମାଛ, ମାଂସ ବ୍ୟବସାୟୀଙ୍କ ବର୍ଜ୍ୟବସ୍ତୁ ଖାଦ୍ୟ ରୂପେ ପାଇ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା କୁହାଯାଉଛି। ରାସ୍ତା କଡ଼ରେ ଥିବା ମାଛ, ମାଂସ ଦୋକାନ ବନ୍ଦ ପାଇଁ ଦାବି ହେଉଥିବାବେଳେ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

### ଉଦନ୍ତୀ ମହୋତ୍ସବ ଉଦ୍‌ଯାପିତ

**ସିନାପାଲି,୩୦।୩ (ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲିଠାରେ ଅନୁଷ୍ଠିତ ଉଦନ୍ତୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ତଥା ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟି ଉପଦେଷ୍ଟା ବୈଶମ୍ପାୟନ ମେହେର ଅଧକ୍ଷତା କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଓ ଖଡିଆଲ ବିଧାୟକ ଅଧିରାଜ ପାଣିଗ୍ରାହୀ, ପୂର୍ବ ସାଂସଦ ବସନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସମ୍ପାଦକ ପ୍ରିୟରଞ୍ଜନ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।



ଧ୍ରୁବ ଚରଣ ପଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ତରୁଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବୀ ସାବିତ୍ରୀ ମାଝୀ ଓ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତଜ୍ଞ ତ୍ରିନାଥ ମେହେରଙ୍କ ସଂଯୋଜନାରେ ସ୍ୱର ସଂଗମ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଗାୟତ୍ରୀ ଶକ୍ତି ପୀଠ ପକ୍ଷରୁ ବେଦପାଠ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଭିନ୍ନ ଜିଲାରୁ ଆସିଥିବା ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପ୍ରଧାନ ଶିକ୍ଷକଙ୍କ ପରଲୋକ

**ଭବାନୀପାଟଣା,୩୦।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଲିହାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ମେହେର(୫୩)ଙ୍କ



ଶନିବାର ରାତିରେ ପରଲୋକ ହୋଇଯାଇଛି। ଗତ କିଛିମାସ ହେଲା ସେ ଲିଭର କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ। ଚିକିତ୍ସା ପାଇଁ ବିଶାଖାପାଟଣା ଯାଇ ଫେରୁଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଜୁନାଗଡ ବ୍ଲକ ଅଞ୍ଚଳରେ ଜଣେ ଆଦର୍ଶ ଶିକ୍ଷକ ଓ ମେଳାପି ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶିକ୍ଷକ ସଂଘ ପକ୍ଷରୁ ଏ ନେଇ ଶୋକ ପ୍ରକାଶ କରାଯାଇଛି। ରବିବାର ସକାଳେ ନିଜ ଗ୍ରାମ ଚିଚୈଗୁଡାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ଗୁରୁପ୍ରସାଦ ମେହେର ମୁଖାଗ୍ନି ଦେଇଥଲେ।

# ଓଲଟିଲା ସ୍କୁଲ ବସ୍: ଅଧ୍ୟାପକ ଗୁରୁତର

**ଖଡ଼ିଆଲ,୩୦।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଲସ୍ଥିତ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗ୍ରୀଷ୍ମକାଳୀନ କୋର୍ସ ପଢୁଥିବା ଛାତ୍ରୀମାନଙ୍କୁ ନେଇ ରବିବାର ସ୍କୁଲ ବସ୍ ଭବାନୀପାଟଣା ଯାଉଥିବାବେଳେ ଓଲଟିପଡିବାରୁ ଜଣେ ଅଧ୍ୟାପକ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ପୂର୍ବାହ୍ନରେ ଦୁଇଟି ସ୍କୁଲବସ୍ ପିଲାମାନଙ୍କୁ ନେଇ ଭବାନୀପାଟଣାସ୍ଥିତ ଭାଗୀରଥି ବଟାନିକାଲ ପାର୍କ ବୁଲିବାକୁ ବାହାରିଥିଲା। ଗୋଟିଏ ବସ୍‌ରେ ଛାତ୍ର ଓ ଅନ୍ୟ ଏକ ବସ୍‌ରେ ଛାତ୍ରୀ ଯାଉଥିଲେ। ହେଲେ ଶୁଣ୍ଢିମୁଣ୍ଡା ପାଖରେ କୌଣସି



ରାସ୍ତା ପାର୍ଶ୍ୱକୁ ଓଲଟିପଡିଥିବା ବସ୍।

କାରଣରୁ ଛାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ୩୮ ଛାତ୍ରୀ ଓ ୭ଜଣ ସ୍କୁଲ ଷ୍ଟାଫ୍ ଆହତ ହୋଇଥିଲେ। ସମସ୍ତଙ୍କୁ ଖଡ଼ିଆଲ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ମହାବିଦ୍ୟାଳୟ ଅଧ୍ୟାପକ ଭେଙ୍କେଟ ଶତନାମୀ (୨୫)ଙ୍କ ଦୁଇ ଗୋଡ଼ ଭାଙ୍ଗିଯାଇଥିବାରୁ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି। ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସରିଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା ଖଡ଼ିଆଲ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜିତ ରାଉତ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ



ଜିଲା ଯୁବ କଂଗ୍ରେସ ସଭାପତିଙ୍କୁ ପୋଲିସ ଉଠାଇ ନେଉଛି।

**ଭବାନୀପାଟଣା,୩୦।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ବିରୋଧ କରୁଥିଲେ କଂଗ୍ରେସ କାର୍ଯ୍ୟକର୍ତ୍ତା। ଏହା ପୂର୍ବରୁ ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ସମେତ ୨୨ ଜଣ କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଉଠାଇ ନେଇ ଭବାନୀପାଟଣାସ୍ଥିତ ରିଜର୍ଭରେ ରଖିଥିଲା। ଏହାରି ଭିତରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସଭା ପଡିଆ ନିକଟରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ସମେତ କିଛି ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତା କଳା ପତକା ପ୍ରଦର୍ଶନ କରୁଥିବାବେଳେ ଉପସ୍ଥିତ ଥିବା ପୋଲିସ ସେମାନଙ୍କୁ କାବୁ କରିନେଇଥିଲା। ପରେ ପୋଲିସ ସେମାନଙ୍କୁ ରିଜର୍ଭକୁ ନେଇଯାଇଥିଲା। ଏ ନେଇ ଜିଲା ଯୁବ କଂଗ୍ରେସ ସଭାପତି ସାହେବ କହିଛନ୍ତି, ଆମେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ସରକାରଙ୍କୁ ପ୍ରଶ୍ନ କରିବାକୁ ଆସିଥିଲୁ। ବିଧାନସଭାରେ ହୋଇଥିବା ଘଟଣାକୁ ଆମେ ବିରୋଧ କରିବା ପାଇଁ ଆସିଥିଲୁ। କିନ୍ତୁ ପୋଲିସ ଆମକୁ ଗିରଫ କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର





କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଏସ୍‌ଏଚ୍‌ଜି ମହିଳା।

**ଥୁଆମୂଳ ରାମପୁର,୩୦।୩ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣୁପୁରର ବଙ୍ଗଳା ପଡ଼ାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପରେ ଶନିବାର ସହାୟକ କମାଣ୍ଡାଣ୍ଟ ଭି. ଶ୍ରୀନିବାସ ରାଓଙ୍କ ଅଧକ୍ଷତାରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ମୁଖ୍ୟାଳୟ ୧୨ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ନନ୍ଦକିଶୋର କୁମାର ପ୍ରସାଦ ମୁଖ୍ୟ ଅତିଥି ଓ ସ୍ଥାନୀୟ ସରପଞ୍ଚ ସୁଜତା ମାଝୀ, ସ୍ଥାନୀୟ ସିଏଚ୍‌ଓ ମୌସୁମୀ ବାଗ, କମ୍ପ୍ୟୁଟର ଟ୍ରେନର ଦିନେସ ସିଂ ଠାକୁର, କର୍ଲାପାଟ ଏଏସ୍‌ଆଇ ଅଜୟ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଚିକିତ୍ସକଙ୍କ ଦ୍ୱାରା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ମହିଳାପୁରୁଷଙ୍କ ଦକ୍ଷତା ବୃଦ୍ଧି ପାଇଁ ସିଲେଇ ଓ କମ୍ପ୍ୟୁଟର ତାଲିମ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେଶିନ ଓ ପେପର ପ୍ଲେଟ ତିଆରି ମେଶିନ ପ୍ରଦାନ କରାଯାଇଥିଲା। ସେହିପରି କମ୍ପ୍ୟୁଟର ଶିକ୍ଷାରେ ସ୍ଥାନୀୟ ୨୬ ଜଣ ଯୁବକ ଯୁବତୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ସ୍ଥାନୀୟ ସିଆର୍‌ପିଏଫ୍ କ୍ୟାମ୍ପ ନିରୀକ୍ଷକ ରବିନ୍ଦ୍ର ସିଂ, ଏସ୍‌ଆଇ ଛବିଲ କୁମାର ସ୍ୱାଇଁ, ଜେମ୍ସ ବାର୍ଲା, କାମଦେଓ ନାରାୟଣ ପ୍ରମୁଖ ସହଯୋଗ କରିଥିଲେ।

**ବକଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର**

### ଦ୍ୱିତୀୟଥର କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ

**ଲୋଇସିଂହା,୩୦।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ବକଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାୟା କଳ୍ପ କ୍ଷେତ୍ରରେ ସର୍ବାଧିକ ଅଙ୍କ ପାଇ ଲଗାତାର ୨ୟ ଥର କାୟା କଳ୍ପ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି। ଗତ ୨୭ ତାରିଖ ଏହି ଘୋଷଣା ପରେ ଉକ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କାର୍ଯ୍ୟରତ କର୍ମଚାରୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ,୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟା କଳ୍ପ କ୍ଷେତ୍ରରେ ଜିଲାରେ ପ୍ରଥମ ପୁରସ୍କାର ମିଳିଥିଲା। ଉପ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ କର୍ମଚାରୀଙ୍କ ମିଳିତ ସହଯୋଗ ଓ ଉତ୍ସର୍ଗୀକୃତ କାର୍ଯ୍ୟ ଫଳରେ ଚଳିତ ବର୍ଷ ମଧ୍ୟ ଜିଲାରେ ପ୍ରଥମ ହୋଇ ଲଗାତର ଭାବେ ଉକ୍ତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସିଏଚଓ ଶୟଦ ମୁଖତାର ଅଲ୍ଲୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ କୁନ୍ତୀ ବିଶ୍ୱାଳ କହିଛନ୍ତି। ଆଗକୁ ଅନ୍ୟାନ୍ୟ କ୍ଷେତ୍ରରେ କିପରି ଶ୍ରେଷ୍ଠତା ହାସଲ କରାଯାଇ ପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ଉପରିସ୍ଥ ଅଧିକାରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି।

### ବିବାହିତ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା,୩୦।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ଅଧୀନ ଝଗ୍ରାହୀ ପଞ୍ଚାୟତ ଖମ୍ବାହୀ ଗାଁରେ ରବିବାର ଜଣେ ବିବାହିତା ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୁପତ ଠେଲା (୨୬)। ସୂଚନା ମୁତାବକ ଗୁପତ ବରକୋଟ ଗାଁର ଜୈନକ ବ୍ୟକ୍ତିଙ୍କ କାର୍ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଶନିବାର ସେ ନିଜ ଶ୍ୱଶୁର ଘର ଭାଲୁକୋନା ଯାଇଥିଲେ। ସେଠାରୁ ସେ ଗାଁକୁ ଫେରି ପରିବାର ଲୋକଙ୍କୁ ବରକୋଟ ଗାଁକୁ ନାମଯଜ୍ଞ ଦେଖିବା ପାଇଁ ଯାଉଛି ବୋଲି କହି ରାତିରେ ବାହାରିଥିଲେ। ସକାଳେ ଗାଁ ଲୋକ ଶୌଚ ପାଇଁ ଯିବା ସମୟରେ ଗାଁ ମୁଣ୍ଡରେ ଏକ ତେନ୍ତୁଳି ଗଛରେ ରଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। କୋମନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂତ୍ରରୁ ପ୍ରକାଶ।

# ଆଶ୍ରମ ବିଦ୍ୟାଳୟରେ ସହଭାଗୀ ଅଭିଭାବକ ସମ୍ମିଳନୀ





ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

**ଲାଞ୍ଜିଗଡ଼,୩୦।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟରେ ସହଭାଗୀ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୁଇ ମୁଖ୍ୟ ଅତିଥି ଓ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଙ୍ଗ, ଲାଞ୍ଜିଗଡ କ୍ଲଷ୍ଟର ସିଆର୍‌ସିସି ଜଳନ୍ଧର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ସହଦେବ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମିଳନୀରେ ଛାତ୍ରମାନେ କିପରି ରହୁଛନ୍ତି, ଗୁଣାତ୍ମକ ମାନର ଖାଦ୍ୟ ଖାଉଛନ୍ତି ଓ ସେମାନଙ୍କ ପାଠପଢା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରମାନଙ୍କ ସହିତ ମାତାପିତାମାନେ ମଧ୍ୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ କୃତୀ ଛାତ୍ର ଓ ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପଦ୍ମନ ମାଝୀ ମଞ୍ଚ ପରିଚାଳନା କରିଥିଲେ।

# କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ



ବ୍ଲକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାମାନେ।

**ଜୁନାଗଡ଼,୩୦।୩ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ସଂସ୍କୃତି ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ବ୍ଲକ ସଭାପତି ସରୋଜ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ବିରେନ୍ଦ୍ର ବାଗ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ପରେ ଜୁନାଗଡ଼ ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ଶାନ୍ତନୁ କୁମାର ମାଝୀ, ସମ୍ପାଦକ ଲଳିତ ମୋହନ ନେଗି, ଉପ ସଭାପତି ଅଶୋକ କୁମାର ମୁଣ୍ଡ, ବିଜ୍ଞାନ ଆଲୋକ ସାହୁ, ଯୁଗ୍ମ ସମ୍ପାଦକ ସମରେନ୍ଦ୍ର ଶେଖର ଦାସ, ଉପ ସଭାନେତ୍ରୀ ସୁନିତା ଆଚାରି, ଯୁଗ୍ମ ସମ୍ପାଦକ ଲକ୍ଷ୍ମନ ପୂଜାରୀ, କାଳୁ ଚରଣ ମହାରଣା, ବ୍ଲକ ସଂଗଠକ ନନ୍ଦି କିଶୋର ନାଏକ, କୋଷାଧକ୍ଷ ସିତେସ କୁମାର ପାଢୀ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଜଗନ୍ନାଥ ମୁଣ୍ଡ ପରିଚାଳନା କରିଥିବାବେଳେ ଲଳିତ ମୋହନ ନେଗି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ନବବର୍ଷରେ ଶୋଭାଯାତ୍ରା

**ଟିଟିଲାଗଡ଼,୩୦।୩(ଶରତ ମିଶ୍ର )**

ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତେରାପନ୍ଥ ମହିଳା ମଣ୍ଡଳର ଅଧକ୍ଷା ବବି ଜୈନ ଅଂଶଗ୍ରହଣ କରି ହିନ୍ଦୁ ନବବର୍ଷର ଐତିହାସିକ ଓ ପବିତ୍ରତା ବିଷୟରେ କହିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଶିଶୁମାନଙ୍କୁ ହିନ୍ଦୁ ନବବର୍ଷର ଉତ୍ସବ ନେଇ ବିସ୍ତୃତ ବିବରଣୀ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିଶୁ ଭାଇ ଭଉଣୀ, ଗୁରୁଜୀ ଗୁରୁମା, ଅଭିଭାବିକ ଅଭିଭାବିକା ଏବଂ ସମସ୍ତ ସେବାବ୍ରତୀ ତଥା ବନବାସୀ, ବୈଠକରେ ସମବେତ ଭଉଣୀଙ୍କ ସହଭାଗିତାରେ ରାଷ୍ଟ୍ରୀୟ ନବବର୍ଷର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଟିଟିଲାଗଡ଼ ପୌରପରିଷଦର ଅଧକ୍ଷା ମମତାଦେବୀ ଜୈନ ସାମିଲ ହୋଇଥିଲେ। ଶୋଭାଯାତ୍ରାକୁ ସହରର ବିଭିନ୍ନ ଅଞ୍ଚଳରେ ଜନ ସାଧାରଣ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶୋଭାଯାତ୍ରାରେ ବରିଷ୍ଠ ଆଚାର୍ଯ୍ୟ ମଦନ ମୋହନ ପୁଟେଲ ଓ ମୋତି ପୁଟେଲ ଉଦଘୋଷକ ଭାବେ କାର୍ଯ୍ୟ ନିର୍ବାହୀ କରି ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ସମସ୍ତଙ୍କ ପାଖକୁ ପହଞ୍ଚାଇ ଥିଲେ। ବିଦ୍ୟାଳୟର ସହ ପ୍ରଧାନାଚାର୍ଯ୍ୟ ନୃପରାଜ ସେଠ, କୋଷାଧକ୍ଷ ଶେଷଦେବ ମେହେର, ସମ୍ପାଦକ ଉମ୍ବରୁଧର କର୍ମୀ, ସଦସ୍ୟା ଝୁମିରାଣୀ ମିଶ୍ର, ସଦସ୍ୟା ଅହଲ୍ୟା ନାଗ, ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ସମାବେଶରେ ଯୋଗଦାନ କରିଥିଲେ।

# ଜୁନାଗଡ଼ ଓକିଲ ସଂଘ ନିର୍ବାଚନ: ବାଳକୃଷ୍ଣ ସଭାପତି, ହିମାଂଶୁ ସମ୍ପାଦକ

**ଜୁନାଗଡ଼, ୩୦।୩ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବାଳକୃଷ୍ଣ ଆଚାରୀ ଓ ସମ୍ପାଦକ ଭାବେ ହିମାଂଶୁ ଶେଖର ବରାଡ଼ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଦିଗାମ୍ବର ନାଏକ, ସହସମ୍ପାଦକ ଧନେଶ୍ୱର ନାଏକ ଓ ଜୟଦେବ ସୁନାନୀ, ସହ ସମ୍ପାଦକ (ଲାଇବ୍ରେରି) ଜୁଲିରାଣୀ ନାୟକ, କୋଷାଧକ୍ଷ ମିଳାପଚନ୍ଦ ଜୈନ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ମଦନ ମୋହନ ସାହୁ, ଅଶୋକ କୁମାର ପାତ୍ର, ନୀଳକଣ୍ଠ ମିଶ୍ର, କୈଳାସ ଚନ୍ଦ୍ର ଚୌଧୁରୀ, ଦିପେନ କୁମାର ସାହୁ, ବିଶ୍ୱନାଥ କର ନିର୍ବାଚିତ ହୋଇଥିଲେ। ବରିଷ୍ଠ ଆଇନଜୀବୀ ଶିଶିର କୁମାର ପଟ୍ଟନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ।

# ନୂଆପଡ଼ାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

**ନୂଆପଡ଼ା,୩୦।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଅନ୍ତ୍ୟୋଦୟ ଗୃହ ଯୋଜନା ରବିବାର ଶୁଭାରମ୍ଭ ହୋଇଛି। କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆନୁଷ୍ଠାନିକ ଭାବରେ ଯୋଜନାର ଶୁଭାରମ୍ଭ କରିଛନ୍ତି। ନୂଆପଡ଼ା ପୋଲିସ ପଡିଆଠାରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା। ଏଥିରେ ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି ଓ ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ଭାନୁ ପ୍ରତାପ ସିଂ ମାଝି, ଭରତଲାଲ ରାଉତ, ଅବନୀ ରଞ୍ଜନ ଯୋଶୀ, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମଞ୍ଚ ଉପରେ ଜିଲାପାଳ ୧୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଜିଲାରେ ମୋଟ ୩୪୯ ଜଣ ଓ ନୂଆପଡା ସଦର ବ୍ଲକରେ ୫୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା।



ଅଧିକାରୀଙ୍କ ଗହଣରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ।

# ଜିଲାସ୍ତରୀୟ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

**ନୂଆପଡ଼ା,୩୦।୩ (ମକାରୁ ବେମାଲ)**

ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶୁକ୍ରବାର ଜିଲା ବୈଧମାପ ବିଜ୍ଞାନ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରଦା ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ପରଦା ଅଧକ୍ଷ ରୁଦ୍ର ଚରଣ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଧା ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ତ୍ରିନାଥ ବିଶି, ବୈଧମାପ ବିଜ୍ଞାନ ବିଭାଗ ଉପନିୟନ୍ତ୍ରକ ପୃଥ୍ୱୀରାଜ ହାଁସଦା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ଖାଉଟି ଅଦାଲତ



ଉପଭୋକ୍ତା ଅଧିକାର ଉପରେ ଆଲୋଚନା କରାଯାଉଛି।

ମୁଖ୍ୟ କିରାଣି ପ୍ରମାନନ୍ଦ ହଂସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖାଉଟି ଅଧିକାର ଓ ଖାଉଟି ଅଦାଲତ ଉପରେ ଅଲୋକପାତ କରିଥିଲେ। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଖାଉଟିମାନଙ୍କ ଅଧିକାର ଉପରେ ଆଲୋଚନା କରିଥିଲେ। ଡିଆଇପିଆର୍‌ଓ ପଣ୍ଡା ଉପଭୋକ୍ତାମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରିଥିଲେ। ବୈଧମାପ ବିଜ୍ଞାନ ବିଭାଗ ଉପନିୟନ୍ତ୍ରକ ଉପଭୋକ୍ତା ଦୈନନ୍ଦିନ ବ୍ୟବହାର କରୁଥିବା ସାମଗ୍ରୀର ଓଜନ ନିକିତିରେ ଠକାମୀର ଶିକାର ହେଉଥିବାରୁ ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରତାପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ସୋହେଲାରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ

ସୋହେଲା, ୩୦।୩(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ସ୍ଥାନୀୟ ମାଁଦୁର୍ଗାଙ୍କ ମନ୍ଦିରରେ ରବିବାର ପ୍ରତିପଦା ତିଥିରେ ସକାଳୁ ନବ ଦିନାତ୍ମକ ଦୁର୍ଗା ପୂଜାରମ୍ଭ ହୋଇଯାଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ସୋହେଲା ଦ୍ୱାରା ମାଁ ଦୁର୍ଗା ମନ୍ଦିରରେ ଆଜି ପୂଜକ ମାନଙ୍କ ଦ୍ୱାରା ଚଣ୍ଡୀହୋମ ସହିତ ନବ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ବାସନ୍ତିକ ନବରାତ୍ର ଦୁର୍ଗାପୂଜାରେ ଭକ୍ତ ଠାକୁର ପୂଜାକର୍ତ୍ତା ରହିଥିବା ପଣ୍ଡିତ ଚିକେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦାନନ୍ଦ ଷଡଙ୍ଗୀ, ସରୋଜ ଦେବତା, ରବିନାରାୟଣ ଦେବତା, ମନ୍ଦିର ପୂଜକ ବିନୋଦ ବିହାରୀ ମହାପାତ୍ର, ସୁମନ୍ତ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ଦେବତା, ପ୍ରଫୁଲ୍ଲ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ରଜତ ଜୟନ୍ତୀ ପାଇଁ କଳସ ଯାତ୍ରା

ଗାଇସିଲେଟ,୩୦।୩(ଦୁର୍ଗାପ୍ରସାଦ ତ୍ରିବେଦୀ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଏହା ସହିତ ରଜତ ଜୟନ୍ତୀ ପାଇଁ କଳସ ଯାତ୍ରାର ଶୁଭାରମ୍ଭ ହୋଇଛି। କଳସ ଯାତ୍ରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରୁ ବାହାରି ମହାଦେବ ମନ୍ଦିର ଯୋଷୀ ବନ୍ଧରୁ ପବିତ୍ର ଜଳ ନେଇ ଗାଇସିଲେଟ ଗ୍ରାମ ପରିକ୍ରମା କରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସନ୍ଥ ମାନଭଞ୍ଜନ ମହାରାଜା ଜୀ, ସମ୍ମାନିତ ଅତିଥି ଅରୁଣ ପାଣିଗ୍ରାହୀ, ବୁଦ୍ଧଦେବ ପୁରୋହିତ, ରବୀନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ସରୋଜିନୀ ପୁଟେଲ ସଂଯୋଜନା କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ବୁଦ୍ଧଦେବ ପୁରୋହିତ। ଧର୍ମାନନ୍ଦ ମହଲା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ତଥା ପରିଚାଳନା ସମିତିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ଈଶ୍ୱର ନାଗ ସମ୍ପାଦକ ନିର୍ବାଚିତ

ବରପାଲି,୩୦।୩(ଚିତ୍ତରଞ୍ଜନ ସାହୁ)

ବରପାଲି ଓକିଲ ସଂଘର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ଏଥିରେ ମନୋଜ କୁମାର ପଟ୍ଟନାୟକ ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ସୁଧିର ମେହେର ଉପସଭାପତି, ଈଶ୍ୱର ନାଗ ସମ୍ପାଦକ, ମହେନ୍ଦ୍ର କୁମାର ଗହିର ଯୁଗ୍ମ ସମ୍ପାଦକ, ଭ୍ରମର ବେହେରା ସହସମ୍ପାଦକ, ପରିତୋଷ ମେହେର ଲାଇବ୍ରେରୀ ସମ୍ପାଦକ, ଶରତ ଚନ୍ଦ୍ର ପାଣିଗ୍ରାହୀ କୋଷାଧ୍ୟକ୍ଷ, ପୂର୍ଣ୍ଣେନ୍ଦୁ କୁମାର ଦାଶ ସହକାରୀ ଲାଇବ୍ରେରୀ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ତାରାପଦ ତ୍ରିପାଠୀ, ଲାଲ ବିକ୍ରମ ସିଂଦେଓ, ସୁରେଶ ଚନ୍ଦ୍ର ଖଟୁଆ, ରାଜକିଶୋର ପ୍ରଧାନ ଏବଂ ଆନନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକାରିଣୀ କମିଟି ସଭ୍ୟଭାବେ ମନୋନୀତ ହୋଇଛନ୍ତି।



ଈଶ୍ୱର ନାଗ

## ରାଷ୍ଟ୍ରୀୟ ନବବର୍ଷ ପାଳିତ

ବାଉଁଶୁଣୀ,୩୦।୩(ଦେବାଶିଷ ନେପାକ)

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଇଂ. ପ୍ରଭାସ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ନାରାୟଣ ଦେହୁରୀ ମୁଖ୍ୟଅତିଥି ଯୋଗଦେଇ ହିନ୍ଦୁ ନବବର୍ଷ ସମ୍ପର୍କରେ କହିଥିଲେ। ବୌଦ୍ଧ ସଙ୍କୁଳ ପ୍ରମୁଖ ଦଶରଥ ମେହେର, ଉପସଭାପତି ବସୁଦେବ ଗହୀର, ସ୍ୱୟଂ ସେବକ ବିଦ୍ୟାଧର ମେହେର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣା ଅତିଥି ପରିଚୟ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ହରିହର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦସଙ୍କୁଳ ଗଛକୁ କାଟିଲେ ଅଗ୍ନିଶମ ବାହିନୀ

ବାଉଁଶୁଣୀ,୩୦।୩(ଦେବାଶିଷ ନେପାକ)

ବୌଦ୍ଧ ଜିଲ୍ଲା ବାଉଁଶୁଣୀ-ଗୁନ୍ଦୁଲିଆ ପୂର୍ତ୍ତ ବିଭାଗ ରାସ୍ତାର ବୈଦ୍ୟନାଥପୁର ଗ୍ରାମ ନିକଟରେ ନିଆଁ ଲାଗି ବିପଦସଙ୍କୁଳ ଅବସ୍ଥାରେ ଥିବା ଏକ ଗଛକୁ ବାଉଁଶୁଣୀ ଅଗ୍ନିଶମ ବାହିନୀ ରବିବାର ଅପରାହ୍ନ ୫ଟାରେ କାଟିଛି। ବୈଦ୍ୟନାଥପୁର ଗ୍ରାମ ନିକଟ ରାସ୍ତା କଡରେ ଥିବା ଏକ ପୁରୁଣା ସେଲସମା ଗଛ ମୂଳରେ କେହି ଦୁର୍ବୃତ୍ତ ଶନିବାର ରାତିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଗଛଟି ରାସ୍ତା ପଟକୁ ବିପଦସଙ୍କୁଳ ଅବସ୍ଥାରେ ଢଳି ରହିଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବାଉଁଶୁଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବାହିନୀ ଗଛରେ ଲାଗିଥିବା ନିଆଁକୁ ଲିଭାଇବା ସହ ଗଛକୁ କାଟିଦେଇଥିଲେ।

# ଉଚ୍ଛେଦ ଆରମ୍ଭ, ମାଟିରେ ମିଶିଲା ଅଟ୍ଟାଳିକା

■ ଲେଙ୍ଗୁ ମିଶ୍ର ଛକ -ଜୀରାବ୍ରିଜ ରାସ୍ତା ଜବରଦଖଲ

■ ଜବରଦଖଲରେ ରହିଥିବା ୧୨ଘର ଧୂଳିସାତ୍

ବରଗଡ,୩୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ଆନ୍ଦୋଳନ ଚେତାବନୀ ଦେବା ପରେ ପ୍ରଶାସନର ଚେତା ଫେରିଛି। ବରଗଡ଼ ପୌର ପ୍ରଶାସନ ରବିବାରରୁ ଉଚ୍ଛେଦ ଆରମ୍ଭ କରିଛି। ସକାଳୁ ବୁଲଡ଼ୋଜର ଜବରଦଖଲ ସ୍ଥାନରେ ମାଡ଼ି ବସିଥିଲା। ଫଳରେ ଦୀର୍ଘବର୍ଷ ପୂର୍ବରୁ ସରକାରୀ ଜମିରେ ନିର୍ମିତ ଅଟ୍ଟାଳିକା, କୋଠାଘର, ଦୋକାନ ଗୃହ ଆଦି ମାଟିରେ ମିଶିଛି। ଉଚ୍ଛେଦର ପ୍ରଥମ ପର୍ଯ୍ୟାୟରେ ୧୨ଟି ଘର ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି। ଆଗକୁ ଜବରଦଖଲରେ ରହିଥିବା ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ ରାସ୍ତା ଜବରଦଖଲ ଉପରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ସୂଚନା ମୁତାବକ, ଗତ ଗୁରୁବାର ପୌର ପ୍ରଶାସନ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ଜୀରା ବ୍ରିଜ ରାସ୍ତା ଜବରଦଖଲ ମାପଚୁପ କରିଥିଲା। ମାପଚୁପ ପରେ ଶୁକ୍ରବାର ଉଚ୍ଛେଦ ନେଇ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ରବିବାର ଉଚ୍ଛେଦ ହେବ ବୋଲି ସୂଚନା ଦିଆଯାଇଥିଲା। ରାଜସ୍ୱ ଏବଂ ପୌର ବିଭାଗ ପକ୍ଷରୁ ଚିହ୍ନିତ ଜବରଦଖଲ ଅଂଶ ଖାଲି କରିବା ପାଇଁ ଡାକବାଜି ଯନ୍ତ୍ରରେ ସୂଚାଇ ଦିଆଯାଇଥିଲା। ଯଦି ସମ୍ପୃକ୍ତ ସ୍ଥାନରେ ରହିଥିବା କୌଣସି



ଅଟ୍ଟାଳିକା ଉପରେ ବୁଲଡ଼ୋଜର ମାଡିଛି।

ମୂଲ୍ୟବାନ ଜିନିଷ ଉଚ୍ଛେଦ ସମୟରେ କ୍ଷତିଗ୍ରସ୍ତ ହୁଏ, ତେବେ ପୌର ପ୍ରଶାସନ ଦାୟୀ ରହିବ ନାହିଁ। ଫଳରେ ଉଚ୍ଛେଦ ପୂର୍ବରୁ ସେଭଳି ସାମଗ୍ରୀ ସେଠାରୁ ନେଇ ଯିବା ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ସେହିପରି ଶନିବାର ସନ୍ଧ୍ୟାରେ ପୋଲିସ ସମ୍ପୃକ୍ତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲା। ଏହି କ୍ରମରେ ରବିବାର ସକାଳୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ପୋଲିସ ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରିବା ସହିତ ବିଭିନ୍ନ ସ୍ଥାନକୁ ସିଲ୍ କରି ଦେଇଥିଲା। ପୋଲିସ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ବୋଲଡୋଜର ଗୋଟିଏ ପରେ ଆଉ ଗୋଟିଏ ଘରକୁ ମାଡି ବସିଥିଲା। ଏଭଳି ଭାବରେ ଜବରଦଖଲରେ ରହିଥିବା ୧୨ଘର ଧୂଳିସାତ୍ ହୋଇଥିଲା। ଏବେ ମଧ୍ୟ ଏହି ସ୍ଥାନରେ ଜବରଦଖଲରେ ଅନେକ ବଡବଡିଆଙ୍କ ଅଟ୍ଟାଳିକା ରହିଛି। ତାହା ଉଚ୍ଛେଦ ହୋଇ ନ ଥିବା ଯୋଗୁ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ସମ୍ପୃକ୍ତ ଜବରଦଖଲକାରୀଙ୍କ ଶୁଣାଣି ବାକି ରହିଛି ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ଜବରଦଖଲକାରୀଙ୍କୁ ହଟାଇ ରାସ୍ତା ପ୍ରଶସ୍ତିକରଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ପ୍ରକାଶ ଥାଉକି, ୨୦୨୩ ମସିହାରୁ ଏଠାରେ ଜବରଦଖଲ ଉଚ୍ଛେଦ ଦାବି ଜୋର୍ ଧରି ଆସିଛି। ଜିଲ୍ଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ସେତେବେଳେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୩ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇ ନା ଥିଲା । ଏହାକୁ ନେଇ ଅସନ୍ତୋଷ ବଢି ଚାଲିଥିବା ବେଳେ ଗତ ୨୨ତାରିଖ ସ୍ଥାନୀୟ ସମଲେଶ୍ୱରୀ ସଂଘର ଆହ୍ୱାନରେ ନାଗରିକ ବୈଠକ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ ସମେତ ବିଭିନ୍ନ ରାଜନୈତିକ ଏବଂ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଏବଂ ସହରର ସଚେତନ ନାଗରିକମାନେ ଉପସ୍ଥିତ ଥିଲେ। ବୈଠକରେ ଉଚ୍ଛେଦ ନେଇ ଦୃଢ ଦାବି ହୋଇଥିବା ବେଳେ ସେଥିରେ ପ୍ରଶାସନିକ ଅପାରଗତାକୁ ନେଇ ଉଦବେଗ ପ୍ରକାଶ ପାଇବା ସହିତ ଆନ୍ଦୋଳନ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଛେଦ କରା ନଗଲେ ଆନ୍ଦୋଳନ ପାଇଁ ସ୍ମାରକପତ୍ରରେ ଚେତାବନୀ ଦିଆଯାଇଥିଲା। ଏହି ଆନ୍ଦୋଳନ ଚେତାବନୀ ପରେ ପ୍ରଶାସନର ଚେତା ପଶିଥିଲା ଏବଂ ରବିବାର ସକାଳୁ ଉଚ୍ଛେଦ ଆରମ୍ଭ ହୋଇଥିଲା।

## ମା' ସମଲେଶ୍ୱରୀ ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା



ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

ସରଣ୍ଡା,୩୦।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଗୋଡ଼ଭଗା ସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ଦେବୀ ପୀଠରେ ରବିବାର ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ମନ୍ଦିର ପୂଜା କମିଟି ଦ୍ୱାରା ଆୟୋଜିତ ନବରାତ୍ର ଦୁର୍ଗା ପୂଜା ଆସନ୍ତା ୭ତାରିଖ ଚୈତ୍ର ନବମୀ ଦିନ ପୂର୍ଣ୍ଣାହୁତି ହେବ। ପୂଜାରମ୍ଭ ପୂର୍ବରୁ ମା' କାଳୀଙ୍କ କଳସାଧିବାସ ହୋଇ ପୂର୍ଣ୍ଣ କଳସ ଅଣାଯାଇଥିଲା। ପରେ ମା'ଙ୍କ ଉପଚାର ପୂଜା ହୋଇ ଅଖଣ୍ଡ ଦୀପ ସ୍ଥାପନ କରାଯାଇ ଚୈତ୍ର ନବରାତ୍ର ବାସନ୍ତିକ ପୂଜାରମ୍ଭ ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ଶହସ୍ର ଭକ୍ତ ମାନସିକ ଅଖଣ୍ଡ ଦୀପ ସ୍ଥାପନ କରିଥିଲେ । ପରେ ଚଣ୍ଡିହବନ ଅନୁଷ୍ଠିତ ହୋଇ ଆରତ୍ରି, ପୁଷ୍ପାଞ୍ଜଳି କରାଯାଇଥିଲା । ପଣ୍ଡିତ ପ୍ରଭାକର ଶତପଥୀ, ପଣ୍ଡିତ ମଳୟ ଦାଶ, ପୂଜା ଅର୍ଚ୍ଚନା କରିଥିବା ବେଳେ ଗୋଡ଼ଭଗା ଗୌନ୍ତିଆ ଶୁଶିଲ ସିଂ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ମା' ସମଲେଶ୍ୱରୀ ମନ୍ଦିର ନବରାତ୍ର ପୂଜା ପରିଚାଳନା କମିଟିର ସମସ୍ତ ସଭ୍ୟ ବାସନ୍ତିକ ଦୁର୍ଗା ପୂଜାରେ ସହଯୋଗ କରିଥିଲେ। ଏହି ଅବସରରେ ୨୦୨୩-୨୪ରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ୧୦ ଲକ୍ଷ ଅନୁଦାନରେ ମନ୍ଦିରରେ କରାଯାଇଥିବା ମରାମତି ଓ ନବୀକରଣ କାର୍ଯ୍ୟକୁ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ବିଧାୟକ ମହାନନ୍ଦ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ ।

## ରାଷ୍ଟ୍ରୀୟ କବି ସଙ୍ଗମର ହିନ୍ଦୁ ନବବର୍ଷ ପାଳନ

ବରଗଡ଼, ୩୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହିନ୍ଦୀ ବିଭାଗରେ ରାଷ୍ଟ୍ରୀୟ କବି ସଙ୍ଗମ ବରଗଡ଼ ନଗର ଶାଖାର ଅଧ୍ୟକ୍ଷ ଅଭିଜିତ ପ୍ରତିହାରଙ୍କ ଅଧ୍ୟକ୍ଷତାରେ ଭାରତୀୟ ନବବର୍ଷ ମହା ସମାରୋହରେ ପାଳିତ ହୋଇଯାଇଛି। ବରଗଡ଼ ଶିଶୁ କଲ୍ୟାଣ ପରିଚାଳନା ସମିତିର ସଦସ୍ୟା ରାଧା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଶିକ୍ଷା ସାହିତ୍ୟ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସର୍ଦ୍ଦାର ପ୍ରିତମ ସିଂ, ମହାମନ୍ତ୍ରୀ ଖୁସବୁ ଶର୍ମା ପ୍ରମୁଖ ଯୋଗ ଦେଇ ଭାରତୀୟ ନବବର୍ଷ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ତରଣୀ ରସେନ ଗୁରୁ ସାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ବରିଷ୍ଠ ସଦସ୍ୟ ସଦାଶିବ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଦ୍ୟାଶା ପାଣିଗ୍ରାହୀ ଓ ସୁପ୍ରିତି ଭୋଇଙ୍କ ସଂଯୋଜନାରେ ଦ୍ୱିତୀୟ ଅଧିବେଶନର କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁପ୍ରଭା ସାମଲ,ପୁଷ୍ପାଞ୍ଜଳି ପଣ୍ଡା, ନୁରାବତୀ ସାହୁ,ରାଧାରାଣୀ ପଟ୍ଟନାୟକ, କବିତା ରଥ, ସୁଜାତା ପଣ୍ଡା, ଶ୍ରଦ୍ଧାଞ୍ଜଳୀ ତ୍ରିପାଠୀ, ଅନୀମା ଚକ୍ରବର୍ତ୍ତୀ, ଗୌରୀ ଶଙ୍କର ପଣ୍ଡା, ଡଃ ଡୋଲାମଣି ଶତପଥି, ପ୍ରଦୀପ ମିଶ୍ରଙ୍କ ସମେତ ଶିଶୁ ଲେଖିକା ଅନନ୍ୟା ଦାଶ, ଅନାମିକା ଦାଶ ଅନେଓ୍ୱଷା ଦାଶ, ବୈଷ୍ଣବୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଗୋବିନ୍ଦ ଦାଶ ଉପାଧ୍ୟକ୍ଷ ନିର୍ମଳ କର, ବରଗଡ଼ ମହିଳା ସମିତି ପୂର୍ବତନ ଅଧ୍ୟକ୍ଷା ହର୍ଜିନ୍ଦର୍ କୌର ଓ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ସୁପ୍ରଭା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।




ହିନ୍ଦୁ ନବବର୍ଷ ପାଳନ କରାଯାଉଛି।

## ହିନ୍ଦୁ ନବବର୍ଷରେ ନାମଯଜ୍ଞ ଶୁଭାରମ୍ଭ

ବରଗଡ଼,୩୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ନିଗମାନନ୍ଦ ବିହାରରେ ରବିବାର ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଓ ଭାରତୀୟ ନବ ବର୍ଷ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମ ଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ କୁଞ୍ଜ ବିହାରୀ ଭୋଇ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ନିଗମାନନ୍ଦ ବିହାର ପଡ଼ାର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଜୀରା ନଦୀରେ କଳସ ପୂଜନ କରିବା ସହ ଏକ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପଡ଼ାବାସୀଙ୍କ ମିଳିତ ଉଦ୍ୟମରେ ରବିବାର ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦାରେ ଏହି ନାମଯଜ୍ଞ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ହେବ ବୋଲି ସ୍ଥାନୀୟ ସଂକୀର୍ତ୍ତନ ପରିଷଦର ସଭାପତି ବାଙ୍କା ବିହାରି ସାହୁ ସୂଚନା ପ୍ରଦାନ କରିଛନ୍ତି ।

**ବରପାଲି,ଚିତ୍ତରଞ୍ଜନ ସାହୁ):** ରବିବାର ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳିତ ହୋଇଛି। ଶ୍ରୀ ରାଧାରାଣୀ ସେବାଶ୍ରମ ବରପାଲି ଆନୁକୂଲ୍ୟରେ ଏହି ନବବର୍ଷକୁ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ଆଶ୍ରମରେ ସକାଳେ ପୂଜାର୍ଚ୍ଚନା କରାଯିବା ସହ ଅପରାହ୍ନରେ ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଭକ୍ତ ଯୋଗଦେଇଥିଲେ।

## ମୃତ୍ୟୁ ପରେ ଶରୀର ଦାନ କରିବେ ରାମବାଇ



ଶରୀର ଦାନ ପାଇଁ ମହିଳା ଚାଷୀ ରାମବାଇ ସ୍ୱାକ୍ଷରିତ ଚୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼, ୨୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଡା ଗ୍ରାମର ରାମବାଇ ଦାସ। ଜଣେ କର୍ମଠ ମହିଳା ଚାଷୀଭାବେ ଜଣାଶୁଣା। ଏବେ ସେ ମୃତ୍ୟୁ ପରେ ଶରୀର ଦାନ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରି ପୁଣି ଚର୍ଚ୍ଚାକୁ ଆସିଥିବାବେଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଶରୀର ଦାନ ପାଇଁ ସେ ଶନିବାର ଭୀମସାର୍, ବୁର୍ଲା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ରାମବାଇ ଏକଦା ମହିଳା ଚାଷୀ ଭାବେ ପ୍ରଧାନମନ୍ତ୍ରୀଙ୍କଠାରୁ ଦିଲ୍ଲୀରେ ସମ୍ମାନିତ ହୋଇଥିଲେ। ଏକ ଗରିବ ପରିବାରରେ ଜନ୍ମ ହୋଇଥିବା ରାମବାଇଙ୍କ ଜୀବନ ସଂଘର୍ଷରୁ ଆରମ୍ଭ ହୋଇଥିଲା। ତାଙ୍କ ବୈବାହିକ ଜୀବନ ମଧ୍ୟ ଦୁଃଖମୟ ଥିଲା। ସ୍ୱାମୀଙ୍କୁ ଖୁବ କମ ବୟସରେ ହରାଇଥିଲେ ରାମବାଇ। ରାମବାଇଙ୍କ ଉପରେ ଏକମାତ୍ର ଝିଅ ଓ ବୁଢ଼ୀ ମା' ସହିତ ପରିବାର ପୋଷଣର ଦାୟିତ୍ୱ ନ୍ୟସ୍ତ ଥିଲା। ନିଜସ୍ୱ କିଛି ସମ୍ପତ୍ତି ନଥିବାରୁ ଅନ୍ୟମାନଙ୍କ ଜମିରେ ଭାଗ ଚାଷ କରି ସେ ପରିବାର ପ୍ରତିପୋଷଣ କରନ୍ତି। ସମାଜ ପାଇଁ କିଛି କରିବାର ନିଶା ସବୁବେଳେ ତାଙ୍କୁ ବିଚଳିତ କରିଥାଏ ବୋଲି ରାମବାଇ କହନ୍ତି। ଜୁହାର ପରିବାର, ସମ୍ବଲପୁରର ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶଙ୍କ ପରିବାରର ୫ଜଣ ସଦସ୍ୟା, ସଦସ୍ୟ ସର୍ବାଙ୍ଗ ଦାନ କରିବା ତାଙ୍କୁ ପ୍ରେରଣା ଦେଇଥିଲା ଏବଂ ଏଥିପାଇଁ ସେ ମଧ୍ୟ ଶରୀର ଦାନ ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ରାମବାଇ କହିଛନ୍ତି। ମୃତ୍ୟୁ ପରେ ନିଜର ଶରୀର ଦାନ ପାଇଁ ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ସହିତ ସେ ଯୋଗାଯୋଗ କରିଥିଲେ। ଏଥିପାଇଁ ଆବଶ୍ୟକ ଚୁକ୍ତିପତ୍ରକୁ ନିଷ୍ଠା ପରିବାର ଦାରା ପ୍ରସ୍ତୁତ ପରେ ସ୍ୱାକ୍ଷର କରିବା ସହ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭୀମସାର୍) ଆନାଟୋମି ବିଭାଗକୁ ନିଷ୍ଠା ପରିବାରର ମହିଳା ଶାଖାର ସଂଯୋଜିକା ତ୍ରିପୁରା ସୁହୁଲା ଓ ସକ୍ରୀୟ ସଦସ୍ୟା ସୁତପା ଗଡତିଆଙ୍କ ସହ ଯାଇ ନିଜର ଚୁକ୍ତିପତ୍ରକୁ ରାମବାଇ ପ୍ରଦାନ କରିଥିଲେ । ଏଭଳି ମହତ ଚିନ୍ତା ଥିବା ମହିଳା ଚାଷୀ ରାମବାଇ ଏକ ବଡ ଉଦାହରଣ ସୃଷ୍ଟି କରିବା ସହ ଅନେକଙ୍କ ପାଇଁ ପ୍ରେରଣା ଯୋଗାଇଛନ୍ତି ବୋଲି ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା ଓ ଅଶ୍ୱିନୀ ତ୍ରିପାଠୀ ମତବ୍ୟକ୍ତ କରି ରାମବାଇଙ୍କୁ ପ୍ରଶଂସା କରିଛନ୍ତି।

## ବିଶ୍ୱ ନାଟ୍ୟ ଦିବସରେ ନାଟକ ଶିକାର ମଞ୍ଚସ୍ଥ

ପଦ୍ମପୁର ୩୦।୩ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ସୌମ୍ୟରଞ୍ଜନ ନାୟକଙ୍କ ଲିଖିତ ଓ ଡ. ସରୋଜ ନାୟକଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ଶିକାର ମଞ୍ଚସ୍ଥ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ଲଳିତ ମୋହନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପ୍ରଫେସର କେଶରଞ୍ଜନ ପ୍ରଧାନ ବିଶ୍ୱ ନାଟ୍ୟ ଦିବସର ଉଦ୍ଦେଶ୍ୟ ବୁଝାଇଥିଲେ। ସମ୍ମାନିତ ଅତିଥି ନାଟ୍ୟକାର ଅଶୋକ ବହିଦାର ପଦ୍ମପୁରର ଗୌରବମୟ ନାଟ୍ୟ ଐତିହ୍ୟ ଉପରେ ସୂଚନା ଦେଇଥିଲେ।

## ୨୨୧ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ବୌଦ୍ଧ/କନ୍ଧମାଳ, ୩୦।୩ (ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର)

ବୌଦ୍ଧ ବ୍ଲକ ମୂର୍ଷୁଣ୍ଡି ଖେଳ ପଡିଆରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ଉନ୍ନୟନ ମୁଖ୍ୟ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଜିଲାସ୍ତରୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ବୌଦ୍ଧ ବ୍ଲକର ୯୧ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେହିପରି ଜିଲାର ହରଭଙ୍ଗା ବ୍ଲକରେ ୮୦ ଜଣ ଓ କନ୍ଧମାଳ ବ୍ଲକରେ ୫୦ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କନ୍ଧମାଳ ବ୍ଲକ ସଦର ହାଇସ୍କୁଲ ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପଦ୍ମାଳୟା ପ୍ରଧାନ, ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି, ସିଆରପି, ଏମ୍‌ବିକେ ମହିଳାମାନେ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

# ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

ପାଇକମାଳ,୩୦।୩ (ବଡ ଶତପଥୀ)

ଓଡ଼ିଶାରେ ଭାଜପା ସରକାରଙ୍କ ଦ୍ୱାରା ଗରିବ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କରିଛନ୍ତି। ଏ ଉପଲକ୍ଷେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲାକୁ ସ୍ୱତନ୍ତ୍ର ଭାବେ ପହଞ୍ଚି ଶୁଭାରମ୍ଭ କରିଥିଲେ। ସେହିପରି ବରଗଡ଼ ଜିଲା ପାଇକମାଳ, ବ୍ଲକ ହାଇସ୍କୁଲ ପଡ଼ିଆଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସଭା କରାଯାଇ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ପାଇକମାଳ ବ୍ଲକର ୧୩୧ଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଗରିବ ଲୋକ ବିଧବା, ଦିବ୍ୟାଙ୍ଗ, ହାତୀ ଉପଦ୍ରବରେ ବାସହୀନ, ଘରପୋଡ଼ି ପରିବାର ଯେପରି ଏହି ଗୃହ ଯୋଜନାରେ ସାମିଲ ହେବେ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ସରକାରୀ କର୍ମଚାରୀମାନଙ୍କୁ ତାଗିଦ୍ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ସେହି କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସାଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ଦିଶ୍ରୀ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ଯୋଗଦେଇ ଅନ୍ତ୍ୟୋଦୟ ଉପଭୋକ୍ତାମାନଙ୍କୁ କାର୍ଯ୍ୟାଦେଶ ଦେଇଥିଲେ। ବ୍ଲକ ଏବିଏଫ୍ ମଧୁସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବରପାଲି,(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ୨୫୪ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, ଏମ୍‌ପି ପ୍ରତିନିଧି ଅଚ୍ୟୁତ ବାରିକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀ ମେହେରଙ୍କ ସମେତ ସମସ୍ତ ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ହେମନ୍ତ କୁମାର ପ୍ରଧାନ ଓ ଅଜିତ ପାଣିଗ୍ରାହୀ।

**ଝାରବନ୍ଧ,(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ପଡ଼ିଆଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ ମନକି ବାତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନ୍ତୋର୍ଦୟ ଗୃହ ଯୋଜନାର ଉଦ୍‌ଘାଟନ ଉତ୍ସବର ଲାଇଭ ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିପିଓ ସୁଶାନ୍ତ କୁମାର ପାଣି ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଡିଓ ପର୍ଶୁରାମ ପଣ୍ଡା, ସିଡିପିଓ ସୁଷମା ପଟେଲ, ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଚିନ୍ତାମଣି ରାଉତ,ପଦ୍ମନ ରଣା ସମେତ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉତ୍ସବରେ ବ୍ଲକର ୭୦ ଜଣ ହିତାଧିକାରୀଙ୍କୁ ଅନ୍ତୋର୍ଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହିକାର୍ଯ୍ୟକ୍ରମକୁକୈଳାସ ପ୍ରଧାନ, ପୁରେନ୍ଦର ସାହୁ ସମେତ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।




ବରପାଲିରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ।

## ସଂକ୍ଷେପରେ

### ସୁଭଦ୍ରା ନାଁରେ ଆସୁଛି ଲିଙ୍କ୍: ଠକାମିର ଶିକାର ହେଲେ ଯୁବକ

ବଡ଼ଗାଁ, ୩୦।୩(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ଜଣେ ଯୁବକଙ୍କ ମୋବାଇଲକୁ ଶୁକ୍ରବାର ସୁଭଦ୍ରା ନାଁରେ ଏକ ଲିଙ୍କ ଆସିଥିଲା। ସେ ଏହି ଲିଙ୍କ ଖୋଲିବାରୁ ତାଙ୍କ ଆକାଉଣ୍ଟରୁ ସାଢ଼େ ୪ ହଜାର ଟଙ୍କା କଟିଯାଇଥିଲା। ଏନେଇ ସେ ବଡ଼ଗାଁ ଥାନାରେ ଜଣାଇବା ସହ ରାଉରକେଲା ସାଇବର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ସୂଚନାଅନୁଯାୟୀ, କଣ୍ଟିଆମୁରା ଗ୍ରାମର ବ୍ୟବସାୟୀ ତିଳକ ହୋତାଙ୍କ ଜଣେ ସମ୍ପର୍କୀୟଙ୍କ ହ୍ୱାଟ୍ସଅପରେ ଏକ ଲିଙ୍କ ଆସିଥିଲା। ସେ ଲିଙ୍କକୁ କ୍ଲିକ କରିବା ପରେ ତାଙ୍କ ମୋବାଇଲ ଫୋନରେ ଥିବା ସମସ୍ତ ନମ୍ବରକୁ ସୁଭଦ୍ରା ନାମରେ ଏକ ଲିଙ୍କ ଯାଇଥିଲା। ତିଳକ ଲିଙ୍କକୁ କ୍ଲିକ କରିବା ପରେ ସେ ବ୍ୟବହାର କରୁଥିବା ସିମ ୧ ଘଣ୍ଟା ମଧ୍ୟରେ ବନ୍ଦ ହୋଇଯିବ ବୋଲି ମେସେଜ ଆସିଥିଲା। କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଖାତାରୁ ସାଢ଼େ ଚାରି ହଜାର ଟଙ୍କା କଟିଯାଇଥିଲା। ସେ ଏସବୁ ଜାଣିବା ପରେ ଏଟିଏମରୁ ସମସ୍ତ ଟଙ୍କା ଉଠାଇ ଆଣିଥିଲେ। ତାଙ୍କ ସିମ ହ୍ୟାକ ହୋଇଥିବା ସନ୍ଦେହ କରିଥିଲେ। କିଛି ସମୟ ପରେ ସିମ ବନ୍ଦ ହୋଇଯାଇଥିଲା। ତାଙ୍କ ନମ୍ବରକୁ ଅନ୍ୟ କେହି ବ୍ୟବହାର କରୁଥିବା ସେ ଜାଣିବାକୁ ପାଇଥିଲେ।

# ୪୧୧୪ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ






ସୁନ୍ଦରଗଡ଼ରେ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଉଛି। ସବ୍‌ଡେଗାରେ ଅତିଥି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି। କୁଆଁରମୁଣ୍ଡାରେ ଉପସ୍ଥିତ ଅତିଥି। ଲହୁଣିପଡ଼ାରେ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

## ସୁନ୍ଦରଗଡ଼ରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

ସୁନ୍ଦରଗଡ଼,୩୦।୩(ଜୟ ନାରାୟଣ ମେଣ୍ଡୁଲି)

କଳାହାଣ୍ଡି ଜିଲା ଭବାନୀପାଟଣାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ସଦର ବ୍ଲକ ସ୍ଥିତ କିରେଇ ପଡ଼ିଆଠାରେ ଜିଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡିଠାରେ ଆୟୋଜିତ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମନୋଜ ମହାଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ, ଉପାଧ୍ୟକ୍ଷ ଚନ୍ଦ୍ରମା ମେହେର, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ତହସିଲଦାର କୁଳମଣି ରଣବିଡ଼ା, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟାସଭ୍ୟ, ବହୁ ସଂଖ୍ୟାରେ ଜନସାଧାରଣ ଏବଂ ହିତାଧିକାରୀ ଉପସ୍ଥିତ ଥିଲେ। ଜିଲାରେ ଏହି ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ମୋଟ ୪୧୧୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି।

**ହେମଗିର,(ଚୈତନ୍ୟ ପଟେଲ):** ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ରିନା ନାଏକ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ଏଇ ଚିନ୍ମୟ କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ମହିମା ସେଠ ତଥା ବ୍ଲକର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତଥିଲେ। ଏହି ଅବସରରେ ହେମଗିର ବ୍ଲକର ୧୯ଟି ପଞ୍ଚାୟତର ୨୬୭ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ କରାଗଲା। ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ସବ୍‌ଡେଗା,(ଅନନ୍ତ ପଟେଲ):** ସବ୍‌ଡେଗା ବ୍ଲକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆରେ ଏଲଇଡ଼ି ଟିଭି ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ବ୍ଲକର ୧୪ଟି ପଞ୍ଚାୟତରୁ ଯୋଜନାରେ ସାମିଲ କରାଯାଇଥିବା ୨୦୨ ଜଣ ହିତାଧିକାରୀଙ୍କୁ ସେଠାରେ କାର୍ଯ୍ୟଦେଶ ବଣ୍ଟନ କରିଥିଲେ। ବିଡିଓ ବିଶ୍ୱନାଥ ସାହୁ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ମଧ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆବଶ୍ୟକ ସୁବିଧା ଉପଲବ୍ଧ କରାଯାଇ ନ ଥିବାରୁ ହିତାଧିକାରୀ ଓ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାନପୋଷ ଉପଜିଲାପାଳ ବିଜୟ ନାୟକ ଯୋଗଦେଇ ହିତାଧିକାରୀମାନଙ୍କୁ ପକ୍କା ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ବ୍ଲକରେ ଚିହ୍ନିତିକୃତ ୩ଶହ ଜଣଙ୍କ ମଧ୍ୟରୁ ୧୮୬ ଜଣ ହିତାଧିକାରୀଙ୍କୁ ଏକକାଳୀନ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ଓ ଅବଶିଷ୍ଟ ହିତାଧିକାରୀଙ୍କୁ ଆଗାମୀ ଦିନରେ କାର୍ଯ୍ୟାଦେଶ ବଣ୍ଟନ କରାଯିବା ପ୍ରକ୍ରିୟା ଚାଲୁ ରହିବ ବୋଲି ବିଡିଓ ଜଗଦୀଶ ଚନ୍ଦ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଶ୍ୟାମ ସୁନ୍ଦର ସାହୁ, ଲାଲୁ ସିଂ ଦେଓ, ଦିଲ୍ଲୀପ ପଟେଲ, ଭୋଲା ନାଥ ସାହୁ, ବାଲକ୍ରିଷ୍ଣ ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଏଲଏମ ସଂଯୋଜିକା ରଶ୍ମିତା ବେହେରା ଉପସ୍ଥିତ ରହି ମଞ୍ଚ ପରିଚାଳନା କରିଥିଲେ। ଏବିଡିଓ ପ୍ରଶାନ୍ତ ଜେନା, ଏଇଇ ଚୈତନ୍ୟ ହେମ୍ବ୍ରମ, ଗୃହ ଯୋଜନା ବିପିସି ସବନମ ସାହୁ, ଏପିଓ ଶ୍ରବଣ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

**ଲହୁଣୀପଡ଼ା,(ଦାଶରଥି ପଣ୍ଡା):** ଲହୁଣୀପଡ଼ା ବ୍ଲକ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା, ଜିଲାପରିଷଦ (କ) ଜୁଲିଆନି କାଣ୍ଡିର, ଜିଲା ପରିଷଦ (ଖ)ଶୁଶିଳା ନାଏକ, ଏମପି ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓରାମ, ବିଧାୟକ ପ୍ରତିନିଧି ଲାଲବାହାଦୁର ମାହାନ୍ତ ଉପସ୍ଥିତ ଥିଲେ। ଏପିଓ ବିଷ୍ଣୁ ମୋହନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଲହୁଣୀପଡ଼ା ବ୍ଲକ ୧୭ଟି ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିବା ବେଳେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଏସଏଚଜି, ସିଆରପି, ଏମବିକେ ଓ ହିତାଧିକାରୀ ଉପସ୍ଥିତ ଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଯାଉର ଏକ୍କା, ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ସାହୁ, ନରେଶ ମାଝୀ, ଚନ୍ଦନ ମୁର୍ମୁ, ବରିଷ୍ଠ କିରାଣୀ ମନୋଜ କୁମାର ପଟେଲ, ଅଭିଜିତ ମଲ୍ଲ, ବ୍ଲକ କୋଷାଧ୍ୟକ୍ଷ ଦେବରାଜ ମାହାନ୍ତ ଓ ବ୍ଲକ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଉତ୍ତମ ଚରିତ୍ର ଗଠନ କରିବାକୁ ପରାମର୍ଶ




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

କୁତ୍ରା,୩୦।୩(ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁତ୍ରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କମଳ ଅଗ୍ରୱାଲ, ଆଲୁମିନି ସଭାପତି ଶଙ୍କରପ୍ରସାଦ ଟପ୍ପୋ, ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବା ସହିତ ଖେଳକୁଦରେ ମନ ବଳାଇବା, ଉତ୍ତମ ଚରିତ୍ର ଗଠନ କରି ସଂସ୍କାରି ହେବା ପାଇଁ ଉପଦେଶ ଦେଇଥିଲେ। ସଭାକାର୍ଯ୍ୟକୁ ଶିକ୍ଷକ ଧୃତିସୁନ୍ଦର ସାହୁ ପରିଚାଳନା କରିଥିବାବେଳେ ବିଜ୍ଞାନ ବିଭାଗ ମୁଖ୍ୟ ଦୀପିକା କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦେବ ନିମନ୍ତ୍ରଣ କଲେ ଗ୍ରାମବାସୀ

### ୬ରୁ ପ୍ରସିଦ୍ଧ ରାମଲୀଳା ଯାତ୍ରା

ବଡ଼ଗାଁ,୩୦।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ମୁକ୍ତ ମଞ୍ଚରେ ଅଭିନୀତ ରାତ୍ରିକାଳୀନ ପ୍ରସିଦ୍ଧ ରାମଲୀଳା ଯାତ୍ରା ଆସନ୍ତା ୬ ତାରିଖଠାରୁ ଆରମ୍ଭ ହେବ। ପ୍ରାୟ ୩ଶହ ବର୍ଷ ହେଲା ପାରମ୍ପରିକଭାବେ ରୀତିନୀତି ଅନୁସାରେ ଯାତ୍ରାର ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଆସୁଛି। ସେ ଅନୁଯାୟୀ ରବିବାର ପୂର୍ବାହ୍ନରେ ଯାତ୍ରା କମିଟି କର୍ମକର୍ତ୍ତା, କଳାକାର ଓ ଗ୍ରାମବାସୀମାନେ ବଡ଼ଗାଁ ଓ ଆଖପାଖ ଗ୍ରାମରେ ଥିବା ବିଭିନ୍ନ ଦେବୀ ଦେବତାଙ୍କ ମନ୍ଦିରକୁ ଯାଇ ଦେବ ନିମନ୍ତ୍ରଣ କରିଛନ୍ତି। ରାମଲୀଳା ଯାତ୍ରା ସଂସଦର ସଭାପତି ଦିଲୀପ ପୁରୋହିତ, ଉପସଭାପତି ଚିନ୍ତାମଣି ସାହୁ, ପ୍ରଣବ ପଣ୍ଡା, ସମ୍ପାଦକ ଦିବ୍ୟ ଲୋଚନ ପୃଷେଟ, ସହସମ୍ପାଦକ ଧନପତି ହୋତା, କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, ସହ କୋଷାଧ୍ୟକ୍ଷ ଦିଲୀପ କୁମାର ପୃଷେଟଙ୍କ ସହିତ ଗ୍ରାମବାସୀମାନେ ପ୍ରଥମେ ଦେବ ମଣ୍ଡପସ୍ଥିତ ପ୍ରଭୁ ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଓ ଦେବ ନିମନ୍ତ୍ରଣ କଲାପରେ ଜଗନ୍ନାଥ ମନ୍ଦିର ଓ କୂଳ ପୁରୋହିତ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ଘରକୁ ଯାଇ ଗୃହ ପରିସର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗ୍ରାମଶ୍ରୀ ମନ୍ଦିର, ଭଦ୍ରି ବିଶାଳ ଶିବ ମନ୍ଦିର, ଗୁରୁ ଜୟ ଶଙ୍କର ବ୍ରହ୍ମଚାରୀ ମନ୍ଦିର, ସମଲେଇ ମନ୍ଦିର, ମାଉସୀ ମା' ମନ୍ଦିର, ଥାନା ପରିସରରେ ଥିବା ସମଲେଇ ମନ୍ଦିର, କାଳୀ ମନ୍ଦିର, ଗୌଡ଼ ପଡ଼ାସ୍ଥିତ ଶିବ ମନ୍ଦିର, ମହାବୀର ଛକ ପାର୍ଶ୍ୱ ହନୁମାନ ମନ୍ଦିର, ଚଲନାମୁଣ୍ଡାସ୍ଥିତ ଆଖଣ୍ଡଳମଣି ମନ୍ଦିର, ଭୋଇପାଲି ଗାଁରେ ଥିବା ଜଂଘା ବଡଦେଓ ମନ୍ଦିର, ଶ୍ରୀରାମ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ଓ ଦେବ ନିମନ୍ତ୍ରଣ କରିଥିଲେ। ତେବେ ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରାରେ ସର୍ବଦା ଅଗ୍ରଣୀ ଭୂମିକା ନିଭାଇ ଆସିଥିବା ରାମ ସେବକ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ଗତବର୍ଷ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଦେବ ନିମନ୍ତ୍ରଣ ପାଇଁ ଯାତ୍ରା କମିଟି କର୍ମକର୍ତ୍ତା, କଳାକାର ଓ ଗ୍ରାମବାସୀମାନେ ଦେବ ମଣ୍ଡପରେ ସମବେତ ହେଲା ପରେ ସ୍ୱର୍ଗତ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କୁ ମନେପକାଇଥିଲେ।



ଦେବ ନିମନ୍ତ୍ରଣ ପାଇଁ ବାହାରିଥିବା ଗ୍ରାମବାସୀ।

## ଚାଷୀଙ୍କ ପାଇଁ ହେବ ଆଦର୍ଶ ମଣ୍ଡି



ମଣ୍ଡି ପରିଦର୍ଶନରେ ଆସିଥିବା ଅଧିକାରୀମାନେ।

ସୁନ୍ଦରଗଡ, ୩୦।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼, ପାନପୋଷ ଏବଂ ବଣାଇ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ବିଭିନ୍ନ ମଣ୍ଡି ଗୁଡିକ ଆଦର୍ଶ ମଣ୍ଡିରେ ପରିଣତ ହେବ। ଜିଲାର ଉଜ୍ୱଳପୁର, ଫୁଲଝର, ଭାଲୁଲତା ଏବଂ ଦରେଇକେଲା ଉପବଜାର ତଥା ମଣ୍ଡି ଗୁଡିକୁ ଚାଷୀଙ୍କ ନିମନ୍ତେ ଆଦର୍ଶ ମଣ୍ଡିରେ ପରିଣତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସମବାୟ ସମିତି ସମୂହର ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାର ମୁଖ୍ୟ ସମବାୟ ଅଧିକାରୀ ଉମାଶଙ୍କର ଦାସ, ଏଆରସିଏସ ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ବର୍ତ୍ତମାନର ସ୍ଥିତି ତଥା ଆବଶ୍ୟକ ଭିତ୍ତିଭୂମି ଉପରେ ସମୀକ୍ଷା କରିଛନ୍ତି। ଯାହା ଫଳରେ ଧାନ ବିକ୍ରୟ ସମୟରେ ଚାଷୀ ସବୁ ସୁବିଧା ପାଇ ପାରିବେ ଏବଂ ଭିତ୍ତି ଭୂମିର ଅନ୍ୟ ସମୟରେ ମଧ୍ୟ ସଦୁପଯୋଗ ହୋଇପାରିବ ବୋଲି ଜିଲା ମୁଖ୍ୟ ସମବାୟ ଅଧିକାରୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି।

## କୋଇଲା ଖଣିରେ ପ୍ରବେଶକଲା ଗାଙ୍ଗପୁର ମଲ୍ଟି ଏକ୍ସେଲ୍ ଟ୍ରକ୍ ଆସୋସିଏଶନ



ଅତିଥି ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

ସୁନ୍ଦରଗଡ଼,୩୦।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ କୋଇଲା ଖଣିରେ ପ୍ରବେଶକଲା ଆଉ ଏକ ନୂତନ ସଂଘ ଗାଙ୍ଗପୁର ମଲ୍ଟି ଏକସେଲ ଟ୍ରକ ଆସୋସିଏଶନ। ହେମଗିରି ବ୍ଲକରେ ଥିବା ଏସିଆର ସର୍ବବୃହତ କୋଇଲା ଖଣି କୁଲଡା, ଗର୍ଜନବାହାଲ, ମନୋହରପୁର, ଜାମକାନୀରେ ସୁନ୍ଦରଗଡ଼ ଟ୍ରକ୍ ଆସୋସିଏଶନ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ଓ ବିସ୍ଥାପିତ ଟ୍ରକ ମାଲିକ ସଂଘ ଥିବାବେଳେ ରବିବାରଠାରୁ ବିଧିବଦ୍ଧଭାବେ ଗାଙ୍ଗପୁର ମଲ୍ଟି ଏକସେଲ ଟ୍ରକ୍ ଆସୋସିଏଶନ କୋଇଲା ପରିବହନ କ୍ଷେତ୍ରରେ ପ୍ରବେଶ କରିଛି। ୨ଦିନ ପୂର୍ବରୁ ଏହି ସଂଘର ଅଧ୍ୟକ୍ଷ ଅଜୟ ପଟେଲ, ସଭାପତି ସୁକୁମାର ପଣ୍ଡା ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟି ସଂଘର ସୁପରିଚାଳନା ନେଇ ଆଲୋଚନା କରିଥିଲେ। ରବିବାର ଖଣି ଅଞ୍ଚଳ ସିଆରମାଲଠାରେ ଗାଙ୍ଗପୁର ମଲ୍ଟି ଏକସେଲର ନୂତନ କାର୍ଯ୍ୟାଳୟଠାରେ ଅନେକ ଟ୍ରକକୁ ଗର୍ଜନବାହାଲ ଓ କୁଲଡା ଖଣିରୁ ଲୋଡ଼ିଂ ପାଇଁ ଟୋକନ ବଣ୍ଟା ଯାଇଛି।

## ନାଟକ ବଣମଲ୍ଲୀ ଦର୍ଶକଙ୍କ ମନ ମୋହିଲା

### ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ସୁନ୍ଦରଗଡ,୩୦।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ପକ୍ଷରୁ ସ୍ଥାନୀୟ ଜିଲା ସଂସ୍କୃତି ଭବନରେ ଆୟୋଜିତ "ବସନ୍ତ ମହୋତ୍ସବ"ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଓ ପୂର୍ବତନ ନଗରପାଳ ତଥା ବିଶିଷ୍ଟ ଗାଳ୍ପିକ ରାଜକିଶୋର ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନବଜୀବନ ଅନୁଷ୍ଠାନର ପୂର୍ବତନ ସଭାପତି ତଥା ଏହି ମହୋତ୍ସବର ପ୍ରଥମ ଆୟୋଜକ ସ୍ୱନାମଧନ୍ୟ ନାଟ୍ୟକାର, ନିର୍ଦ୍ଦେଶକ, ପ୍ରଯୋଜକ ସ୍ୱର୍ଗତ ଭୋଳଙ୍କ ସ୍ମୃତିଚାରଣ କରି ସୁନ୍ଦରଗଡ କଳା ଓ ସଂସ୍କୃତିକୁ ଏକ ନବ ଦିଗନ୍ତରେ ପହଞ୍ଚାଇବାରେ ତାଙ୍କ ବଳିଷ୍ଠ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ସୁନ୍ଦରଗଡର କଳା, ସଂସ୍କୃତିକୁ ଏହି ମହୋତ୍ସବ ଆଗକୁ ନେବ ବୋଲି ଆଶା ପ୍ରକାଶ କରିବା ସହ ଏହି ମହୋତ୍ସବର ସ୍ରଷ୍ଟା ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ଚିନ୍ତନକୁ ନମନ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ଷଡ଼ଙ୍ଗୀ ସୁନ୍ଦରଗଡର ନାଟ୍ୟ ଜଗତର ବିବର୍ତ୍ତନ ଉପରେ ଆଲୋକପାତ କରିବା ସହିତ ସୁନ୍ଦରଗଡର ଏହି ସାଂସ୍କୃତିକ ଐତିହ୍ୟକୁ କିପରି ସ୍ୱର୍ଗତ ଭୋଳ ଆଗକୁ ନେଇଥିଲେ ତାହା ବର୍ଣ୍ଣନା କରିଥିଲେ। ଏହାପରେ କଣ୍ଠଶିଳ୍ପୀ ସୁଜାତା ପରିଡ଼ା ଓ ଶରଦେନ୍ଦୁ(ନିକୁ)ମହାପାତ୍ର ହିନ୍ଦୀ ଗୀତ ପରିବେଷଣ କରିଥିଲେ। ସ୍ୱର୍ଗତ ଭୋଳଙ୍କ ଆଦୃତ ପରମ୍ପରାକୁ ପାଥେୟ କରି ସ୍ଥାନୀୟ କଳାକାରଙ୍କ କଳାନୈପୁଣ୍ୟକୁ ପ୍ରଦର୍ଶିତ ଓ ପ୍ରୋତ୍ସାହିତ କରିବା ଦିଗରେ ବିଭାପା ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେଶ ସାମଲଙ୍କ ସୁନ୍ଦର ଭାଓଲିନ ବାଦନ ଓ ଆୟୁଶ୍ରୀ ତ୍ରିପାଠୀଙ୍କ ସୁଲଳିତ ହିନ୍ଦୀ ସଙ୍ଗୀତ ପରିବେଷଣରେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଉପସ୍ଥିତ ଦର୍ଶକ। ଏହା ପରେ ଆରମ୍ଭ ହୋଇଥିଲା କୋରାପୁଟ ନାଲକୋ ଦାମନଯୋଡିର ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବ ଅନୁଷ୍ଠାନର ନାଟକ 'କଳା ମଲ୍ଲୀ'। ସୁନାମଧନ୍ୟ ଲେଖକ ସୁଶାନ୍ତ କୁମାର ଦାସଙ୍କ ରଚିତ ଏହି ନାଟକର ନିଖୁଣ ନିର୍ଦ୍ଦେଶନା ଦେଇଥିଲେ ବିଖ୍ୟାତ ନିର୍ଦ୍ଦେଶକ ଶେଷଦେବ ଶତପଥୀ। ନବଜୀବନ ସଭାପତି ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣନିଧି ମହାନ୍ତି, ରାଜକିଶୋର ମହାରଣା, ଅଜୟ ବହିଦାର, ଚନ୍ଦ୍ରମଣି ମିଶ୍ର, ଶ୍ୟାମ ନନ୍ଦନ ସହାୟ, ଗୋପକୃଷ୍ଣ ନାୟକ, ଦେବେନ ଅମାତ, ଲତିକା ପଟ୍ଟନାୟକ, କୁମୁଦ ପଣ୍ଡା, ବୃନ୍ଦାବନ ଦାଶ, ବିଜୁ ମହାରଣା, ସିଦ୍ଧାନ୍ତ ପଣ୍ଡା, ଲକ୍ଷ୍ମୀପ୍ରଭା ପତି ଓ ଚିରବ୍ରତ ଦତ୍ତ ତଥା ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ।



ନାଟକ ବଣମଲ୍ଲୀ ମଞ୍ଚସ୍ଥ ହେଉଛି।

## ଯୁବକଙ୍କୁ ଗୁଳିମାଡ଼ ଘଟଣାରେ ୪ ଗିରଫ



ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଉଛି।

ରାଉରକେଲା,୩୦।୩(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅଧୀନ ଦେଓଗାଁ ସ୍ଥିତ ଏକ ଢାବାରେ ଜଣେ ଯୁବକଙ୍କ ଉପରକୁ ଗୁଳିମାଡ଼ ଘଟଣାରେ ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗରପାଲୀ ଥାନା ଉତ୍କଳ ନଗରର ଜ୍ଞାନପ୍ରକାଶ ଲେଙ୍କା(୨୨), ଆର୍‌ଏଚ୍ କଲୋନୀର ଅଶୋକ ତରାଇ(୨୯), ନାରାୟଣ ମାର୍କେଟର ପ୍ରଦୀପ ହରିଚନ୍ଦନ ଏବଂ ଶୁଭମ୍ ପରିଡ଼ା(୧୯)। ସେମାନଙ୍କଠାରୁ ଏକ ଆମ୍ବୁଲାନ୍ସ ଗାଡ଼ି (ନଂ.ଓଡ଼ି୦୭ଏମ୍/୩୭୪୩), ୩ଟି ବାଇକ୍ (ନଂ.ଓଡ଼ି୩୧କେ/୪୫୧୫, ନଂ. ଓଡ଼ି୧୨ଇ/୭୮୦ ଏବଂ ନଂ. ଓଡ଼ି୧୪ଏଜି/୬୯୨୩), ୪ଟି ମୋବାଇଲ ଓ ଗୋଟିଏ ଖଣ୍ଡା ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ସନ୍ଧ୍ୟା ୭ଟାରେ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଜ୍ଞାନଙ୍କ ନାଁରେ ଭୁବନେଶ୍ୱର ଏବଂ ଟାଙ୍ଗରପାଲୀରେ ୪ଟି, ଶୁଭମ୍‌ଙ୍କ ନାଁରେ ଟାଙ୍ଗରପାଲୀରେ ୩ଟି, ଅଶୋକଙ୍କ ନାଁରେ ଟାଙ୍ଗରପାଲୀରେ ଗୋଟିଏ ଆପରାଧିକ ମାମଲା ରହିଛି। ପୂର୍ବ ଶତ୍ରୁତାରୁ ଏହି ଗୁଳିମାଡ଼ ହୋଇଥିଲା। ଉକ୍ତ ମାମଲାରେ ସମ୍ପୃକ୍ତ ୪/୫ ଜଣ ଫେରାର ଅଛନ୍ତି। ପୋଲିସ ସୂଚନା ଅନୁସାରେ, ଫର୍ଟିଲାଇଜର ଲାଲଟାଙ୍କି ଅଞ୍ଚଳର ଦିବ୍ୟଜ୍ୟୋତି ମହାନ୍ତି (୨୯) ଓ ତାଙ୍କ ସାଙ୍ଗମାନଙ୍କ ମଧ୍ୟରେ ୩/୪ ମାସ ତଳେ କୌଣସି କଥାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଆକ୍ରମଣକାରୀ ଯୋଜନା କରିଥିଲେ। ଗତ ୨୭ ତାରିଖ ସନ୍ଧ୍ୟାରେ ଦିବ୍ୟଜ୍ୟୋତି ଓ ତାଙ୍କ ସାଙ୍ଗ ନିତେଶ ମିଶ୍ରଙ୍କ ସହ ବ୍ରିଟାନିଆ କଲୋନିର ଗୌରବ ବିଶ୍ୱାଳଙ୍କୁ ଫର୍ଟିଲାଇଜର ଏଲ୍‌ଆଣ୍ଡଟି ଗେଟ୍ ନିକଟରେ ଭେଟିବାକୁ ଯାଇଥିଲେ। ସେଠାରେ ଗୌରବଙ୍କ ସହଯୋଗୀ ରତିକ ସାହୁ, ଶଙ୍କର ଗୌଡ, ଶୁଭମ୍ ପରିଡ଼ା, ଜ୍ଞାନେନ୍ଦ୍ର ଲେଙ୍କାଙ୍କ ସମେତ ଅନ୍ୟମାନେ ଯୋଜନାବଦ୍ଧ ଭାବେ ଖଣ୍ଡା, ଭୁଜାଲି, ପିସ୍ତଲ ଧରି ଜଗି ରହିଥିଲେ। ଦିବ୍ୟଜ୍ୟୋତି ବାଇକରେ ପହଞ୍ଚିବା ପରେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଦିବ୍ୟଜ୍ୟୋତି ୧୪୩ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା ତାରିଣୀ ଢାବାର ଏକ ରୁମ୍‌ରେ ପଶିଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ୨ ରାଉଣ୍ଡ ଗୁଳି କରି ଫେରାର ହୋଇଯାଇଥିଲେ। ଦିବ୍ୟଜ୍ୟୋତି ଗୁଳିମାଡ଼ରୁ ବର୍ତ୍ତିଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପରେ ସେ ଏବଂ ନିତେଶ ଥାନାରେ ଏତଲା ଦେଇଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ଅନ୍ତ୍ୟୋଦୟ ଯୋଜନାରେ ୧୯୪୪ଜଣଙ୍କୁ କାର୍ଯ୍ୟାଦେଶ


ସମ୍ବଲପୁର: ଯୋଜନା ଶୁଭାରମ୍ଭ ଅବସରରେ ହିତାଧିକାରୀଙ୍କ ସହ ଜିଲାପାଳ ଓ ଅନ୍ୟମାନେ।


ନାକଟୀଦେଉଳ: ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

**ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)**

ଅନ୍ତ୍ୟୋଦୟ ଗୃହ ଯୋଜନାରେ ସମ୍ବଲପୁର ଜିଲାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୨୦୭୦ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ପକ୍କାଘର। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ) ପ୍ରେକ୍ଷାଳୟରେ ଅନୁଷ୍ଠିତ ଅନ୍ତ୍ୟୋଦୟ ଯୋଜନାର ଜିଲାସ୍ତରୀୟ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ଏହି ଅବସରରେ ୧୯୪୪ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବୋନ୍ଦର କହିଛନ୍ତି, ଏହି ଯୋଜନାରେ ପକ୍କାଘର ଯୋଗାଇ ଦେବା ପାଇଁ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବାତ୍ୟା, ବନ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ଛୋଟ ସନ୍ତାନ ଥିବା ବିଧବା ମହିଳା, ସର୍ବନିମ୍ନ ୪୦ ପ୍ରତିଶତ ଭିନ୍ନକ୍ଷମ, କର୍କଟ, ପକ୍ଷାଘାତ ଭଳି ରୋଗରେ ପୀଡ଼ିତ ହୋଇଥିବା ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିବିଶେଷ, ଜଙ୍ଗଲ ଅଧିକାର ଆଇନ୍ ଭୁକ୍ତ ହିତାଧିକାରୀ ଏବଂ ସରକାରୀ ଯୋଜନାରେ ବିସ୍ଥାପିତ ଭଳି ୬ଟି କ୍ଷେତ୍ରରେ ଗୃହଶୂନ୍ୟ ଲାଭାର୍ଥୀଙ୍କୁ ଚିହ୍ନଟ କରାଯାଇଛି। ସେ ଆହୁରି କହିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ହେଉଛି ସମସ୍ତଙ୍କ ପାଖରେ ପକ୍କାଘର ରହିବା ଆବଶ୍ୟକ, କୌଣସି ପରିବାର ଏଥିରୁ ବଞ୍ଚିତ ହେବା ଅନୁଚିତ। ଏହି ଯୋଜନାରେ ପକ୍କା ଘର ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କୁ ଶୁଦ୍ଧ ପାନୀୟଜଳ, ଗ୍ୟାସ ପାଇପଲାଇନ୍, ଆଧୁନିକ ଶୌଚାଳୟ, ରୋଷେଇଘର ଓ ସୂର୍ଯ୍ୟଘର ଯୋଜନାରେ ସୋଲାର ବିଦ୍ୟୁତ୍ ଆଦି ସମନ୍ୱିତ ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଆବଶ୍ୟକସ୍ଥଳରେ ସ୍ୱାବଲମ୍ବୀ କରିବା ପାଇଁ ପକ୍କାଘର ସହିତ ଛେଳି ଓ ଗୋ ପାଳନ ପାଇଁ ଗୁହାଳର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି କହିଛନ୍ତି ଜିଲାପାଳ ବୋନ୍ଦର। ଏହି ଯୋଜନାରେ ଜିଲାର ୯ଟି ବ୍ଲକରେ ପ୍ରାୟ ୨୦୭୦ ଜଣ ହିତାଧିକାରୀ ଯୋଗ୍ୟତା ହାସଲ କରିଛନ୍ତି। ବାମରା ବ୍ଲକରେ ୨୫୪, ଧନକଉଡା ବ୍ଲକରେ ୧୩୧, ଜମନକିରାରେ ୩୧୦, ଯୁଯୁମୁରାରେ ୨୩୧, କୁଚିଣ୍ଡାରେ ୨୪୬, ମାନେଶ୍ୱରରେ ୧୭୯, ନାକଟିଦେଉଳରେ ୨୦୭, ରେଢ଼ାଖୋଲ ବ୍ଲକରେ ୧୯୦ ଓ ରେଙ୍ଗାଲି ବ୍ଲକରେ ୨୧୭ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀଶଳ କର, ପୂର୍ବତନ ବିଧାୟକ ନାଉରି ନାୟକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଧନକଉଡା ମଣ୍ଡଳ ଉନ୍ନୟନ ଅଧିକାରୀ ଅନିଲ କୁଲ ପ୍ରମୁଖ ଉପସ୍ଥିତ ଥିଲେ।

**ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ):** ସମ୍ବଲପୁର ଜିଲା ଜମନକିରା ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ପ୍ରଭିଣା କୁଲୁ, ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ଏମ୍‌ପି ପ୍ରତିନିଧି ରମେଶ କୁମାର ସାହୁ, ଗୁରୁପୁରୁଷୀ ମଣ୍ଡଳ ସଭାପତି ମନୋଜ କୁମାର ମାଝୀ, ଜମନକିରା ମଣ୍ଡଳ ସଭାପତି ବିଜୟ କୁମାର ନାୟକ, ଡ଼ା.ହରିଶ ଚନ୍ଦ୍ର ବାଘ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହାପରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରସ୍ତୁତ ହୋଇଥିବା ୩୧୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନର ଭାରପ୍ରାପ୍ତ ବିପିଏମ ସରୋଜ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

**ରେଢ଼ାଖୋଲ,(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ପରିସରରେ ସରକାରଙ୍କ ଅନ୍ତ୍ୟୋଦୟ ଯୋଜନାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆଙ୍କ ସମେତ ସରପଞ୍ଚ, ପିଆରଆଇ ସଦସ୍ୟ, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ତରଫରୁ କେତେଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

**କୁଚିଣ୍ଡା,(ବିରଞ୍ଚି ଦର୍ଶୀ):** ସମ୍ବଲପୁର ଜିଲା କୁଚିଣ୍ଡା ଓ ବାମରା ବ୍ଲକରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଛି। କୁଚିଣ୍ଡା ଟାଉନହଲଠାରେ କୁଚିଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ପିଇଓ, ଏଡିଇଓ, ଏମବିକେ, ସିଆରପି ଏବଂ ଅନ୍ତ୍ୟୋଦୟ ହିତାଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଉପାଧ୍ୟକ୍ଷ ରଶ୍ମିତା ନାଏକ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବିଡିଓ ଜୟନ୍ତ ସାହୁ, ଏବିଡିଓ ସହଦେବ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ୧୭ ପଞ୍ଚାୟତର ୨୫୫ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ପରିଚାଳନା କରିଥିଲେ। ସେହିପରି ବାମରା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୃରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ବିଡିଓ ପୁଷ୍ପକ ପ୍ରଧାନ ଅତିଥିଭାବେ ଯୋଗଦେଇ ୧୭ ପଞ୍ଚାୟତର ୨୫୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଡବ୍ଲ୍ୟୁଇଓ ରଞ୍ଜନ ରାମ ମଞ୍ଚ ପରିଚାଳନା କରିଥିଲେ। ବିଆରସି ଯୋଗେଶ ସାମଲ, ବିପିସି ସଞ୍ଜୟ ରାୟ ସହଯୋଗ କରିଥିଲେ।

**ନାକଟୀଦେଉଳ,(ବୈକୁଣ୍ଠନାଥ ସାହୁ):** ସମ୍ବଲପୁର ଜିଲାନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ରାଜ୍ୟ ସରକାରଙ୍କ ଅନ୍ତୋଦୟ ଗୃହ ଯୋଜନାରେ ବ୍ଲକର ୨୦୭ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଯୋଜନାରେ ଦିବ୍ୟାଙ୍ଗ, ବିଧବା, ହାତୀ ଭଙ୍ଗା ଏବଂ ଘର ପୋଡ଼ିରେ କ୍ଷତିଗ୍ରସ୍ତ ପରିବାର, ଗୁରୁତର ରୋଗୀ ଓ ଅନ୍ୟାନ୍ୟ ଜରୁରୀ ମନେ କରାଯାଉଥିବା ହିତାଧିକାରୀଙ୍କୁ ସାମିଲ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏଥିରେ ଘରପୋଡି ଓ ହାତୀ ଘରଭଙ୍ଗା ପୀଡିତ ୬ଜଣ, ୩୫ ଜଣ ଦିବ୍ୟାଙ୍ଗ, ୮୧ଜଣ ବିଧବା, ୯ଜଣ ଗୁରୁତର ରୋଗୀ, ୧ ଜଣ କୁଷ୍ଠରୋଗୀ, ୨ଜଣ ଜଙ୍ଗଲ ଜମି ହିତାଧିକାରୀଙ୍କ ସମେତ ଘର ପାଇଁ ଅତି ଜରୁରୀ ଥିବା ୭୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ସରପଞ୍ଚ ସଂଘର ବ୍ଲକ ସଭାପତି ରାମପ୍ରସାଦ ସାହୁ, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମନେ ନିର୍ଦ୍ଧାରିତ ସମୟରେ ଘର ନିର୍ମାଣ ଶେଷ କରି ପ୍ରୋତ୍ସାହନ ରାଶି ପାଇବା ଦିଗରେ ଚେଷ୍ଟିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଯୋଜନାକୁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭବାନୀପାଟଣାଠାରେ ଉଦ୍‌ଘାଟନ କରିଥିବା ବେଳେ ଏହାର ସିଧା ପ୍ରସାରଣ ଏଠାରେ କରାଯଇଥିଲା । ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆବାସ ଯୋଜନାର ବ୍ଲକ ସଂଯୋଜକ ସମରେନ୍ଦ୍ର ମାଝୀ ଏହାର ସଂଯୋଜନା କରିଥିଲେ।

## ସମଲେଇ ମନ୍ଦିରରେ ହିନ୍ଦୁନବ ବର୍ଷ କାର୍ଯ୍ୟକ୍ରମ

**ସମ୍ବଲପୁର,୩୦।୩(ବି.ଶଙ୍କର)**

### ଭକ୍ତଙ୍କ ଦ୍ୱାରା ୫ ହଜାର ୧ଦୀପ ପ୍ରଜ୍ୱଳନ

ଚୈତ୍ର ପ୍ରତିପଦା ତିଥିରେ ବିଶ୍ୱହିନ୍ଦୁ ପରିଷଦ ଓ ହନୁମାନ ଜୟନ୍ତି ସମନ୍ୱୟ ସମିତ ମିଳିତ ଆୟୋଜନରେ ହିନ୍ଦୁନବ ବର୍ଷ ରବିବାର ରାତିରେ ସମଲେଇ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରୁ ଭକ୍ତାମାନେ ସାମିଲ ହୋଇ ୫ହଜାର୧ଟି ଦୀପ ପ୍ରଜ୍ୱୋଳନ କରିଥିଲେ । ଦୀପଗୁଡ଼ିକର ସମାହାରରେ ସମଲେଶ୍ୱରୀ ମନ୍ଦିର ଅଞ୍ଚଳ ଝଟକି ଉଠିଥିଲା । ଭକ୍ତମାନଙ୍କ ଜୟ ମା' ସମଲେଇ, ଜୟଶ୍ରୀ ରାମ, ଜୟ ବୀର ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ମନ୍ଦିର ପରିସର । ସେହିପରି ଶ୍ରୀଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା ପଣ୍ଡିତମାନେ ସମବେତ ହୋଇ ପୂଜାର୍ଚ୍ଚନା ଓ ମନ୍ତ୍ରପାଠ କରିଥିଲେ। ଏଥିସହ ମହାଆଳତୀ କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସହସମ୍ପାଦକ ଓ ହନୁମାନ ଜୟନ୍ତି ସମନ୍ୱୟ ସମିତି ସଂପାଦକ ରାଜୀବ ଶତପଥୀଙ୍କ ସଂଯୋଜନାରେ ହିନ୍ଦୁ ନବ ବର୍ଷ ସଭା ହୋଇଥିଲା। ବିଧାୟକ ତଥା ହନୁମାନ ଜୟନ୍ତି ସମନ୍ୱୟ ସମିତି ସଭାପତି ଜୟନାରାୟଣ ମିଶ୍ର ସମସ୍ତଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗ ଦର୍ଶନ ମଣ୍ଡଳୀର ସଭ୍ୟ ଜୀବନ ମୁକ୍ତାନନ୍ଦ, କେନ୍ଦ୍ର ସମରସତା ପ୍ରମୁଖ ଦେବଜି ରାୱତ, କ୍ଷେତ୍ରୀୟ ସମାରସତା ପ୍ରମୁଖ ଗୌତମ ସରକାର ଯୋଗଦେଇ ହିନ୍ଦୁ ନବବର୍ଷର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମ୍ବଲପୁର ଶାଖା ବିଶ୍ୱହିନ୍ଦୁ ପରିଷଦ ସଭାପତି ରାଜେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଇ ଭଜନ ମଣ୍ଡଳୀର କଳାକାରମାନେ ଭଜନ ସଂଗୀତ ପରିବେଷର କରିଥିଲେ। ବ୍ରହ୍ମପଣ୍ଡିତ ମହାସଭା ସଭ୍ୟମାନେ ମହାଆଳତୀ, ବଜରଙ୍ଗ ଦଳ ଓ ଦୁର୍ଗାବାହିନୀ ପକ୍ଷରୁ ସାମୂହିକ ହନୁମାନ ଚାଳିଶା ପାଠ ହୋଇଥିଲା।


ହିନ୍ଦୁନବ ବର୍ଷ କାର୍ଯ୍ୟକ୍ରମରେ ମହାଆଳତୀ।

## ଭିମ୍‌ସାର ରକ୍ତ ସଙ୍କଟ ଦୂର ପାଇଁ ଡାକ୍ତରଙ୍କ ପ୍ରୟାସ



ରକ୍ତଦାତାଙ୍କ ସହିତ ଆୟୋଜକ ଏନ୍‌ଏମ୍‌ଓ ଓ ଆଇପିଏଚ୍‌ଏର କର୍ମକର୍ତ୍ତା।

**ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)**

### ସଂଗୃହୀତ ହେଲା ୫୦ରୁ ଅଧିକ ୟୁନିଟ୍ ରକ୍ତ

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା କେନ୍ଦ୍ର(ଭିମ୍‌ସାର) ରକ୍ତଭଣ୍ଡରରେ ଲାଗି ରହିଥିବା ରକ୍ତ ସଙ୍କଟ ଦୂର ପାଇଁ ଡାକ୍ତରଙ୍କ ପକ୍ଷରୁ ପ୍ରୟାସ କରାଯାଇଛି। ରବିବାର ଜାତୀୟ ମେଡ଼ିକୋ ସଙ୍ଗଠନ (ଏନ୍‌ଏମ୍‌ଓ) ଓ ଭାରତୀୟ ଜନସ୍ୱାସ୍ଥ୍ୟ ସଂଘ (ଆଇପିଏଚ୍‌ଏ) ଓଡ଼ିଶା ଶାଖା ପକ୍ଷରୁ ହିନ୍ଦୁ ନବ ବର୍ଷ ପାଳନ ଅବସରରେ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ସ୍ୱରୂପ ବୁର୍ଲାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୫୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏନ୍‌ଏମ୍‌ଓ ପଶ୍ଚିମ ଓଡ଼ିଶା ସଙ୍ଗଠନ ସଚିବ ସହକାରୀ ପ୍ରଫେସର ଡା. ସଞ୍ଜୀବ କୁମାର ମିଶ୍ର ସମସ୍ତ ରକ୍ତଦାତା ଓ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲ ମୋହନ ନାୟକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରନ୍ତ ପ୍ରଚାରକ ଶଙ୍କର ପଣ୍ଡା, ମହାନାଗର ପ୍ରଚାରକ ପ୍ରଫୁଲ୍ଲ ଭାଇ, ଆଇପିଏଚ୍‌ଏର ଉପସଭାପତି ପ୍ରଫେସର ଡା. ସୁବ୍ରତ ପ୍ରଧାନ, ଲୀଳାରାଣୀ ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ୮୭ କେଜି ଗଞ୍ଜେଇ ଜବତ, ୨ ଗିରଫ

**ରେଢାଖୋଲ,୩୦।୩(ଅଚ୍ୟୁତାନନ୍ଦ ପୁରୋହିତ)**

ଟ୍ରେନ ଯୋଗେ ଚୋରାଚାଲାଣ କରୁଥିବା ବେଳେ ରେଢାଖୋଲ ପୋଲିସ ଚଢାଉ କରି ରବିବାର ଅପରାହ୍ଣରେ ୮୭ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣ ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଆହ୍ଲାବାଦ ଜିଲା ଉତ୍ତର୍ଭ ଥାନା ଛଣ୍ୟପରାର ବ୍ରିଜେନ୍ଦ୍ର ପ୍ରତାପ ସିଂ(୨୩)ଓ ମଧ୍ୟପ୍ରଦେଶ ରାଜ୍ୟ ସାନ୍ତା ଜିଲା କଟୁଆଲି ଥାନା ରଘୁରାଜନଗରର ଧର୍ମେନ୍ଦ୍ର ସିଂ(୩୬) ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ ସୂଚନା ଦେଇଛନ୍ତି। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସ୍ତ୍ରୀ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**କୁଚିଣ୍ଡା,୩୦।୩(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଞ୍ଚଳରେ ଘରୋଇ କଳହକୁ ନେଇ ଜଣେ ମହିଳାଙ୍କୁ ହତ୍ୟା କରିଛନ୍ତି ତାଙ୍କ ସ୍ୱାମୀ। ମୃତା ହେଲେ ରାଧା କିଷାନ (୩୦)। ହତ୍ୟାକାରୀ ସ୍ୱାମୀ କୁସୁମୀ ପଞ୍ଚାୟତ ରାନେକେଲା(ବେନିଆପୋଷ)ର ଗୁଣନିଧି କିଷାନ(୩୫)ଙ୍କୁ ପୋଲିସ ଗିରଫ କରିଛି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ଗୁଣନିଧି ସ୍ୱୀକାର କରିଛନ୍ତି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ପଠାଯାଇଛି। ଗୁଣନିଧି ନିଶାସେବନ କରି ସ୍ତ୍ରୀଙ୍କୁ ମାରପିଟ କରନ୍ତି। ଶନିବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଏକ ଠେଙ୍ଗାରେ ରାଧାଙ୍କୁ ପିଟିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳେ ପଡୋଶୀମାନେ ରାଧାଙ୍କ ବାପ ଘରକୁ ଖବର ଦେଇଥିଲେ।

## ଜୀବନରେ ସଦ୍‌ଜ୍ଞାନ ଆହରଣ ସହ ସତ୍‌କର୍ମ ଜରୁରୀ

**ସମ୍ବଲପୁର,୩୦।୩(ଭବାନୀ ଶଙ୍କର ଭୋଇ)**

ସିଦ୍ଧେଶ୍ୱରୀ ଧର୍ମ ସଂସଦ ଏବଂ ଦିବ୍ୟ ଜୀବନ ସଂଘ ସମ୍ବଲପୁର ପକ୍ଷରୁ ରବିବାର ମୁଦିପଡାସ୍ଥିତ ଜୀବନ କ୍ଲବଠାରେ ସପ୍ତଦଶ ଦିବ୍ୟ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମ ସଂସଦ ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଜୀବନର ଲକ୍ଷ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ହେମନ୍ତ ମହାପାତ୍ର, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ଲକ୍ଷ୍ମୀନାରାୟଣ ପଣ୍ଡା, ଦିବ୍ୟ ଜୀବନ ସଂଘର ଲକ୍ଷ୍ମଣ ପଟେଲ ଅଂଶଗ୍ରହଣ କରିଥିଲେ। ବ୍ରହ୍ମରୁ ଜାତ ହୋଇ ସେହି ବ୍ରହ୍ମକୁ ଫେରିଯିବା ପାଇଁ ସଦଜ୍ଞାନ ଆହରଣ ଏବଂ ସତକର୍ମ ଆଚରଣ କରିବା ଜରୁରୀ ବୋଲି ବକ୍ତାମାନେ ମତ ଦେଇଥିଲେ। ଆଧାତ୍ମ ସମସ୍ତଙ୍କ ଘରେ ପହଞ୍ଚିଲେ ଯାଇ ସମାଜର ମଙ୍ଗଳ ହେବ । ସେଥିପାଇଁ ମାନବତ୍ତ୍ୱ ଭିତରେ ଦୈବୀ ଗୁଣର ପାଳନ ଜୀବନର ଲକ୍ଷ୍ୟ ବୋଲି ବକ୍ତାମାନେ ମତ ଦେଇଥିଲେ। ସଭାପରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ କମିଟି ଗଠନ କକରାଯାଇଥିଲା। ଏଥିରେ ହେମନ୍ତ ମହାପାତ୍ରଙ୍କୁ କମିଟି ସଭାପତି, ଅମୀୟ ପାଣି ଉପସଭାପତି, ଶ୍ରୀକାନ୍ତ ଷଡଙ୍ଗୀ ସମ୍ପାଦକ, ସବିତା ମିଶ୍ର ସହ ସମ୍ପାଦିକା ଏବଂ ବିଭୂତି ମିଶ୍ର କୋଷାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ ସହ ସ୍ୱର୍ଣ୍ଣ ଜୟନ୍ତୀ କମିଟି ଗଠନ କରାଯାଇଥିଲା। ସମ୍ପାଦକ ସୁଶାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସପ୍ତଦଶ ଦିବ୍ୟ ମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଡଇଁଚା ସମବାୟ ସମିତିର ବାର୍ଷିକ ବୈଠକ

**ନାକଟିଦେଉଳ,୩୦।୩(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକ ଡଇଁଚା ପ୍ରାଥମିକ ସେବା ସମବାୟ ସମିତି ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ହିନ୍ତରାଇ ଟେଣ୍ଟୁଳି ପଦାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରହ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସମବାୟ ବ୍ୟାଙ୍କ ନାକଟିଦେଉଳ ଶାଖା ପରିଚାଳକ ଗୋପୀନାଥ ମାଝୀ, ପ୍ରଶାସନିକ ପରିଦର୍ଶକ ନିହାର ରଞ୍ଜନ ସାହୁ, ଡିଇଓ ସ୍ମୃତି ରଞ୍ଜନ ବେହେରା, ଡଇଁଚା ପଞ୍ଚାୟତ କୃଷି ଅଧିଦର୍ଶକ ଜିତେନ୍ଦ୍ର କୁମାର ଦେବତା, ପ୍ରଗଣା ଚଷା ସମାଜ ସଭାପତି ମୂଳିଆ ରାଉଳ ଏବଂ ଏସ୍‌ଡିସିସି ବ୍ୟାଙ୍କର ଅବସରପ୍ରାପ୍ତ ଶାଖା ପରିଚାଳକ ବିଶ୍ୱାମିତ୍ର ପ୍ରଧାନ ଯୋଗଦେଇ କୃଷି ସମ୍ବନ୍ଧୀୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ସମିତିର ଆୟ ବ୍ୟୟ ଏବଂ ଅଡିଟ ରିପୋର୍ଟ ଉପରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସହ ସମ୍ପାଦକ ସୁଦର୍ଶନ ପ୍ରଧାନ ବାର୍ଷିକ ବିବରଣୀ ପାଠ, ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଚରିତ୍ର ଗଠନର ମାଧ୍ୟମ ହେଉଛି ଶିକ୍ଷା

**କୁଚିଣ୍ଡା,୩୦।୩(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋସ୍ନାପ୍ରିୟା ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ରଞ୍ଜନ କୁମାର ମହାପାତ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ବାଘ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଚକ୍ରଧର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା ପିଲାଙ୍କ ଉତ୍ତମ ଭବିଷ୍ୟତ ଓ ଚରିତ୍ର ଗଠନର ମାଧ୍ୟମ ହୋଇଥିବା ବେଳେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ସମନ୍ୱୟ ରହିଲେ ଯାଇ ଶିକ୍ଷାର ବିକାଶ ସମ୍ଭବ ହେବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୧.୬୫କୋଟି ଆତ୍ମସାତ୍ ନେଇ ଉଦ୍‌ବେଗ

**ଜମନକିରା,୩୦।୩(ରବୀନ୍ଦ୍ର ପ୍ରସାଦ ଦାନୀ)**



ବୈଠକରେ ଉପସ୍ଥିତ ଚାଷୀ ସମୂହ ଏବଂ ଲାମ୍ପସ କର୍ମଚାରୀ।

### ଜମନକିରା ଲାମ୍ପସର ସାଧାରଣ ବୈଠକ

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ଲାମ୍ପସର ୪୫ତମ ସାଧାରଣ ସଭା ବୋର୍ଡ ସଭାପତି ଉମାକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ପକ୍ଷରୁ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସିନୁରାଜ ସାହୁ ପରିଚାଳନା ଅଧିକାରୀ ଭାବେ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଭାଗର ଉପନିବନ୍ଧକ ଏବଂ ସହକାରୀ ନିବନ୍ଧକ ଅନୁପସ୍ଥିତ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ, ବାର୍ଷିକ ବିବରଣୀ ପଠନ, ୨୦୨୪-୨୫ ଆର୍ଥିକ ବର୍ଷର ଜମାଖର୍ଚ୍ଚ ମଞ୍ଜୁରୀ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ, ଅଡିଟ ରିପୋର୍ଟ ପଠନ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ, ଋଣ ଅସୁଲି, ସାର ଓ ବିହନ, ସମିତିର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପଦକ୍ଷେପ ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା ପର୍ଯ୍ୟାଲୋଚନ କରାଯାଇଥିଲା। ତେବେ ଏହା ପୂର୍ବରୁ ଥିବା ୨ଜଣ ଏମଡି ଓ ଜଣେ ମ୍ୟାନେଜରଙ୍କ ନାଁରେ ୧ କୋଟି ୬୫ ଲକ୍ଷ ଟଙ୍କାର ଅର୍ଥ ଆତ୍ମସାତ ହୋଇଥବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉଭୟ ଏମଡିଙ୍କ ନାଁରେ ଭିଜିଲାନ୍ସ କେସ୍ ରୁଜୁ ହୋଇଥିବା ବେଳେ ଜଣେ ଗିରଫ ହୋଇଥିଲେ। ସେମାନଙ୍କଠାରୁ ଉକ୍ତ ଟଙ୍କା ଅସୁଲ କରିବା ସହ କାର୍ଯ୍ୟରୁ ସମ୍ପୂର୍ଣ୍ଣ ବହିଷ୍କାର କରିବା ପାଇଁ ଚାଷୀମାନେ ବୈଠକରେ ଦାବି କରିଥିଲେ। ଏଥିସହ ଉକ୍ତ ସମୟରେ ଯୋଉଁ ଉଚ୍ଚ ପଦସ୍ଥ ଅଧିକାରୀମାନେ କାର୍ଯ୍ୟରତ ଥିଲେ ସେମାନଙ୍କୁ ମଧ୍ୟ ଏହି ମାମଲାରେ ଉତ୍ତର ଦାୟୀ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଏହି ଲ୍ୟାମ୍ପସ ଅଧୀନରେ ଥିବା ଜମନକିରା ସମେତ ଟିକିଲିପଡ଼ା, କଟଙ୍ଗପାଣୀ ଏବଂ ଭୋଜପୁର ଆଦି ଲ୍ୟାମ୍ପସଗୁଡ଼ିକ ଖୋଲା ଯାଇଥିବାବେଳେ ଅଧିକାରୀ ଓ କର୍ମଚାରୀ ନଥିବା ଯୋଗୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥାୟୀ ଅଧିକାରୀ ନିୟୋଜିତ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀଭାବେ କାର୍ଯ୍ୟ କରିବେ ବୋଲି ଉପରୋକ୍ତ ପଞ୍ଚାୟତଗୁଡିକରୁ ଆସିଥିବା ଚାଷୀ ସମୂହ ଦାବି କରିଥିଲେ। ଏହି ଲ୍ୟାମ୍ପସ ଦୀର୍ଘଦିନରୁ କ୍ଷତିରେ ଚାଲୁଛି। ଏଥିପାଇଁ ପ୍ରତ୍ୟେକ ଦିନ ଆନୁମାନିକ ୯୨ହଜାର ଟଙ୍କାର ସୁଧ ବ୍ୟାଙ୍କକୁ ପରିଶୋଧ କରିବା ରିପୋର୍ଟରୁ ଜଣା ପଡ଼ିବା ପରେ ଚାଷୀମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ତେବେ ଏହି ଋଣ ଯେପରି ଆଗାମୀ ଦିନରେ କମ୍ କରିବାକୁ ପଡ଼ିବ ସେ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ଚାଷୀମାନେ ଅଧିକାରୀ ଓ କର୍ମଚାରୀଙ୍କୁ କହିଥିଲେ। ଏଥିରେ ସମିତିର ସମସ୍ତ ଡାଇରେକ୍ଟରମାନେ ଉପସ୍ଥିତ ଥିଲେ। ଶେଷରେ ସଭାପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାୟକଙ୍କଠାରୁ ୧.୪ କୋଟି ସାଇବର ଠକେଇ



ଗିରଫ ହୋଇଥିବା କର୍ଣାଟକର ୪ ଏବଂ ତାମିଲନାଡୁର ୩ ଅଭିଯୁକ୍ତ।

## କର୍ଣାଟକ, ତାମିଲନାଡୁରୁ ୭ ଗିରଫ

ଭୁବନେଶ୍ୱର,୩୦।୩
(ସତ୍ୟଜିତ୍ ରାଉତ)

ଅନ୍‌ଲାଇନ୍ ଟ୍ରେଡିଂରେ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ସାଇବର ଠକମାନେ ଓଡ଼ିଶାର ଜଣେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ପରେ କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ୭ ଜଣ ସାଇବର ଠକଙ୍କୁ କର୍ଣାଟକ ଓ ତାମିଲନାଡୁରୁ ଗିରଫ କରିଛି। ସେମାନେ ହେଲେ କର୍ଣାଟକର ରାଜୁ ସି (୩୪), ତାଙ୍କ ସ୍ତ୍ରୀ ଜ୍ୟୋତି ରାଜୁ (୩୯), ଇସ୍ମାଇଲ୍ ରାହାଇଦ୍ (୨୭) ଓ ବାସିମ୍ (୨୮) ଏବଂ ତାମିଲନାଡୁ ଟେଙ୍କାଶି ଜିଲାର ପଚ୍ଚରାଜା ଏସ୍ (୩୪), କୋଏମ୍ବାଟୁରର ଜେଗାଥିଶ୍ ରାଧାକ୍ରୀଷ୍ଣନ୍ (୪୦) ଓ ଇ ଶକ୍ତିକୁମାରଭେଲ୍ (୫୦)। ଗିରଫ ପରେ ଅଭିଯୁକ୍ତମାନଙ୍କୁ କର୍ଣାଟକ ଓ ତାମିଲନାଡୁର ଭିନ୍ନ ଭିନ୍ନ କୋର୍ଟରେ ହାଜର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ସମସ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ମୋବାଇଲ, ସିମ୍‌କାର୍ଡ, ହ୍ୱାଟ୍ସଆପ୍ ଚାଟ୍ ସ୍କ୍ରିନ୍‌ଶଟ୍, ଆଧାର କାର୍ଡ, ପ୍ୟାନ୍ କାର୍ଡ, ବ୍ୟାଙ୍କ ପାସବୁକ୍, ଚେକବୁକ ଓ ଡେବିଟ୍ କାର୍ଡ ଆଦି ଜବତ କରିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ପ୍ରୟାସ ଚଳାଇଥିବା କହିଛି।

ସୂଚନା ଅନୁଯାୟୀ, ଠକେଇର ଶିକାର ବିଧାୟକଙ୍କୁ କିଛି ମାସ ତଳେ ଅଭିଯୁକ୍ତମାନେ ହ୍ୱାଟ୍ସଆପ୍‌ରେ ମେସେଜ୍ କରିଥିଲେ। ଅନ୍‌ଲାଇନ୍ ଟ୍ରେଡିଂରେ ନିବେଶ କଲେ ବହୁଗୁଣ ଲାଭ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ପରେ ବିଧାୟକଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡ଼ି ଅଭିଯୁକ୍ତ ଓ ସହଯୋଗୀମାନେ ନିଜକୁ ଟ୍ରେଡ୍ ଆନାଲିସିସ୍ ଭାବେ ପରିଚୟ ଦେଇ ଫସାଇଥିଲେ। ଠକଙ୍କ କଥାରେ ପଡ଼ି ବିଧାୟକ ଓଟିସି (ଓଭର୍-ଦି-କାଉଣ୍ଟର) ଓ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ନିବେଶ କରିଥିଲେ। ସେ ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ତେବେ ପ୍ରଥମେ କ୍ଷତି ହେବା ପରେ ମଧ୍ୟ ଠକମାନେ ତାଙ୍କୁ ପୁଣି ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ବିଧାୟକ ଜଣକ ଟଙ୍କା ଉଠାଣ କରିବାକୁ ଚାହିଁବାରୁ ଠକମାନେ ଅତିରିକ୍ତ ଦେୟ ମାଗି ଭୁଆଁ ବୁଲାଇଥିଲେ। ଏନେଇ ବିଧାୟକ ଜଣକ କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ। ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏ ସଂକ୍ରାନ୍ତରେ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି। ଏଯାଏ ୧୫ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଥିବା ବେଳେ ୪ ଲକ୍ଷ ଟଙ୍କା ଫେରାଇ ଅଣାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ଅଭିଯୋଗ ଦେଇଥିବା ବିଧାୟକଙ୍କୁ ପଚାରିବାରୁ ନାମ ଗୋପନ ରଖି କହିଛନ୍ତି ଯେ, ସେ ନିଜେ ଠକେଇର ଶିକାର ହୋଇନାହାନ୍ତି। ଅନ୍ୟ ଜଣେ ଠକେଇର ଶିକାର ହୋଇଥିବାବେଳେ ତାଙ୍କ ଆକାଉଣ୍ଟରୁ ଟଙ୍କା ଯାଇଥିଲା। ତେଣୁ ଏସଂକ୍ରାନ୍ତରେ ସେ ଅଭିଯୋଗ କରିଥିବା ସେ କହିଛନ୍ତି।

# ଅଣ୍ଡା ବିକାଳିଙ୍କୁ ୬ କୋଟିର ଜିଏସ୍‌ଟି ପୈଠ ନୋଟିସ

ଅନେକ ସରକାରୀ ଓ ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତି, ସେବା ପ୍ରଦାନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଲୋକଙ୍କ ପରିଚୟ ହାସଲ ପାଇଁ ଆଧାର, ପାନ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋଡ଼ାଯାଉଛି। ବହୁ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଉଛି। ସାଧାରଣତଃ ଲୋକମାନେ ମଧ୍ୟ ଆଧାର, ପାନ୍ ତଥ୍ୟ ଦେବାକୁ ଦ୍ୱିଧା ପ୍ରକାଶ କରୁନାହାନ୍ତି, ଯେଉଁଥିପାଇଁ ସେମାନଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିପାରେ। କାରଣ ଉକ୍ତ ତଥ୍ୟକୁ ଅସାମାଜିକ ତଥା ଠକ୍ ଗ୍ୟାଙ୍ଗ ହାତେଇ ନେଇ ଅନେକ ଅପରାଧ ଏବଂ ଠକେଇ କାର୍ଯ୍ୟ ଘଟାଉଛନ୍ତି। ଏହାର କୁପରିଣାମ ତଥ୍ୟରେ ଉଲ୍ଲେଖ ଥିବା ନାମଧାରୀଙ୍କୁ ଭୋଗିବାକୁ ପଡୁଛି, ଯାହାକି ମଧ୍ୟପ୍ରଦେଶ ଦମୋହ ସହରର ଅଣ୍ଡା ବିକାଳି ପ୍ରିନ୍ସ ସୁମନ ନାମକ ଜଣେ ଯୁବକଙ୍କ କ୍ଷେତ୍ରରେ ଘଟିଛି। ତାଙ୍କୁ ୬ କୋଟି ଟଙ୍କା ପୈଠ କରିବାକୁ ଆୟକର ବିଭାଗରୁ ନୋଟିସ ଆସିଛି। ଦିଲ୍ଲୀରେ ତାଙ୍କ ନାମରେ ଏକ ସଂସ୍ଥା ରହିଥିବା ଏବଂ ପ୍ରାୟ ୫୦ କୋଟି ଟଙ୍କାର କାରବାର କରିଥିଲେ ମଧ୍ୟ ଜିଏସ୍‌ଟି ଦେୟ ପୈଠ କରି ନ ଥିବା ନୋଟିସରେ ଉଲ୍ଲେଖ ରହିଛି। ଦିନରାତି କଠିନ ପରିଶ୍ରମ କଲେ ମଧ୍ୟ ପରିବାର ପାଇଁ ଭଲ ରୋଜଗାର ଯୋଗାଡ଼ କରିପାରୁ ନ ଥିବା ପ୍ରିନ୍ସ କେବେ ଦିଲ୍ଲୀ ଯାଇନାହାନ୍ତି। ହେଲେ ତାଙ୍କ ପାନ୍ ଓ ଆଧାର ତଥ୍ୟରୁ ସେ ଠକ୍ ଗ୍ୟାଙ୍ଗର ଟାର୍ଗେଟ୍ ହୋଇ ଅସୁବିଧାରେ ପଡ଼ିଥିବା ଜଣାପଡ଼ିଛି। ଏଥିରୁ ବ୍ୟକ୍ତିଗତ ତଥ୍ୟ ବା ଡାଟା ସୁରକ୍ଷା ଅତି ଜରୁରୀ ହୋଇପଡ଼ିଥିବାବେଳେ ଏ ଦିଗରେ ଅବହେଳା ନାନା ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ଥିବା ପ୍ରିନ୍ସଙ୍କ ଘଟଣାରୁ ସ୍ପଷ୍ଟ ହେଉଛି।

## ଆଧାର, ପାନ୍ ତଥ୍ୟ ଲିକ୍‌ରୁ ଠକେଇ

ଦମୋହ, ୩୦।୩

ଦମୋହ ସହରର ସାହିକୁ ସାହି ବୁଲି ଠେଲାଗାଡ଼ିରେ ଅଣ୍ଡା ବିକନ୍ତି ପ୍ରିନ୍ସ ସୁମନ। ଗତ କିଛି ଦିନ ତଳେ ତାଙ୍କ ପାଖରେ ପହଞ୍ଚିଥିଲା ଆୟକର ବିଭାଗର ନୋଟିସ, ଯେଉଁଥିରେ ତାଙ୍କୁ ୬ କୋଟି ଟଙ୍କା ପୈଠ କରିବାକୁ ଉଲ୍ଲେଖ ଥିଲା। ଏଥିରେ ସେ ଚକିତ ହୋଇପଡ଼ିଥିଲେ। କାରଣ ଦିଲ୍ଲୀର ୱାର୍ଡ ୩୩, ଷ୍ଟେଟ୍ ଜୋନ୍-୩ ଅଧୀନରେ ତାଙ୍କ ନାମରେ ପ୍ରିନ୍ସ ଇଣ୍ଟରପ୍ରାଇଜେସ୍ ନାମରେ ଏକ ସଂସ୍ଥା ୨୦୨୨ରେ ପଞ୍ଜୀକୃତ ହୋଇଥିବା ନୋଟିସରୁ ସେ ଜାଣିବାକୁ ପାଇଥିଲେ। ଉକ୍ତ ସଂସ୍ଥା ଚମଡ଼ା, କାଠ ଓ ଲୁହା କାରବାର କରୁଥିବାବେଳେ ୨୦୨୨ରୁ ୨୦୨୪ ମଧ୍ୟରେ ପ୍ରାୟ ୫୦ କୋଟି ଟଙ୍କାର କାରବାର କରି ଜିଏସ୍‌ଟି ଦେୟ ପୈଠ କରିନାହିଁ। ଏ ବାବଦରେ ୬ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଛି। ଏହାପରେ ପ୍ରିନ୍ସ ପୋଲିସ ଏବଂ ଆଇନଗତ ସହାୟତା ନେଇଛନ୍ତି। ସେ କେବେ ବି ଦିଲ୍ଲୀ ଯାଇନାହାନ୍ତି କି ତାଙ୍କର ଏଭଳି କିଛି ସଂସ୍ଥା ନାହିଁ। କିନ୍ତୁ ସେ ୨୦୨୩ରେ କିଛିଦିନ ପାଇଁ ଇନ୍ଦୋରରେ ଶ୍ରମିକ ଭାବେ କାମ କରିଥିଲେ ଏବଂ ସେଠାରେ ତାଙ୍କ ଆଧାର ଏବଂ ପାନ୍ କାର୍ଡ ତଥ୍ୟ ଜଣେ ବ୍ୟକ୍ତିଙ୍କୁ ଦେଇଥିଲେ ବୋଲି ପ୍ରିନ୍ସ କହିଛନ୍ତି। ଏକ ଛୋଟ ଗ୍ରୋସରି ଦୋକାନ କରିଥିବା ପ୍ରିନ୍ସଙ୍କ ବାପା ଶ୍ରୀଧର ସୁମନ ସ୍ଥାନୀୟ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ତଦନ୍ତ ଦାବି କରିଛନ୍ତି। ଓକିଲ ଅଭିଲାଷ ଖାରେ କହିଛନ୍ତି ଯେ, ପ୍ରିନ୍ସଙ୍କ ବ୍ୟକ୍ତିଗତ ତଥ୍ୟକୁ ଦୁରୁପଯୋଗ କରାଯାଇ ଏଭଳି ଜିଏସ୍‌ଟି ଠକେଇ କରାଯାଇଛି। ଏହି ଘଟଣାରେ ସେ ଆୟକର ବିଭାଗରେ ଏକ ପିଟିଶନ ଦାଖଲ କରିବା ସହ ଏଭଳି ଜିଏସ୍‌ଟି ଦୁର୍ନୀତି ପଛରେ ରହିଥିବା ବ୍ୟକ୍ତିମାନଙ୍କର ପର୍ଦ୍ଦାଫାଶ କରିବାକୁ ଥାନାରେ ଅଭିଯୋଗ କରିଛନ୍ତି।

# ଜେଲ ଗଲେ ଓଡବ୍ଲ୍ୟୁଏସ୍‌ଏସ୍‌ବି ସହକାରୀ ପ୍ରକଳ୍ପ ପରିଚାଳକ

## ଆୟଠାରୁ ୧୧୪% ଅଧିକ ସମ୍ପତ୍ତି ଠୁଳ କରିଥିଲେ ଦେବାଶିଷ

ଭୁବନେଶ୍ୱର,୩୦।୩ (ସୂର୍ଯ୍ୟକାନ୍ତ ବେହେରା)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଓଡ଼ିଶା ଜଳ ଯୋଗାଣ ଏବଂ ସ୍ୱେରେଜ ବୋର୍ଡ (ଓଡବ୍ଲ୍ୟୁଏସ୍‌ଏସ୍‌ବି)ର ସହକାରୀ ପ୍ରକଳ୍ପ ପରିଚାଳକ ଦେବାଶିଷ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ଶନିବାର ଭିଜିଲାନ୍ସ ଟିମ୍ ତାଙ୍କ ଘର, କାର୍ଯ୍ୟାଳୟ ସମେତ ୭ଟି ସ୍ଥାନରେ ଚଢ଼ାଉ କରି ସମ୍ପତ୍ତି ଯାଞ୍ଚ କରିଥିଲା। ତେବେ ପ୍ରକୃତ ଆୟଠାରୁ ୧୧୪% ଅଧିକ ସମ୍ପତ୍ତି ଠୁଳ କରିଥିବା ଜଣାପଡିବା ପରେ ଦେବାଶିଷଙ୍କ ନାମରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ. ୦୪/୨୦୨୫) ରୁଜୁ କରାଯାଇ ଏହି ପଦକ୍ଷେପ ନିଆଯାଇଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଦେବାଶିଷଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ଛାତରୁ ପଡ଼ିଗଲେ ନା କେହି ଠେଲିଦେଲେ

ଭୁବନେଶ୍ୱର,୩୦।୩
(ସୂର୍ଯ୍ୟକାନ୍ତ ବେହେରା)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଯଶୀପୁର ଅଞ୍ଚଳର ତାପସ ରଞ୍ଜନ ନାୟକ। ସେ ଫିଲୋସଫି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ମଧୁସୂଦନ ଛାତ୍ରାବାସ ଛାତ ଉପରୁ ତଳକୁ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ତେବେ ସେ ଛାତରୁ କେମିତି ପଡ଼ିଲେ ତାହା ଜଣାପଡ଼ିନାହିଁ। ଅସାବଧାନତା ଯୋଗୁ ସେ ଛାତରୁ ତଳକୁ ଖସିପଡିଲେ ନା କେହି ତାଙ୍କୁ ଠେଲି ଦେଇଛନ୍ତି, ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଛାତ୍ରାବାସ ପଛପଟେ ତାପସଙ୍କ ମୃତଦେହ ଚିତ୍ ହୋଇ ପଡ଼ି ରହିଥିଲା। ମୁଣ୍ଡର ପଛପାର୍ଶ୍ୱରୁ ପ୍ରବଳ ରକ୍ତସ୍ରାବ ହୋଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଖବରପାଇ ଶହୀଦନଗର ପୋଲିସ ରବିବାର ସକାଳେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏହାସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।



ତାପସ ରଞ୍ଜନ ନାୟକ

ତାପସ ଉକ୍ତ ହଷ୍ଟେଲର ରୁମ୍ ନଂ.୧୮୯ରେ ଅନ୍ୟ ସାଙ୍ଗମାନଙ୍କ ସହ ରହୁଥିଲେ। ସାଙ୍ଗମାନଙ୍କ କହିବା କଥା, ତାଙ୍କର ସବୁ ପିଲାଙ୍କ ସହ ଭଲ ସମ୍ପର୍କ ଥିଲା। ଶନିବାର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ୟୁପିଏଲ୍ କ୍ରିକେଟ ମ୍ୟାଚ୍ ମଧ୍ୟ ସେ ଖେଳିଥିଲେ। ରାତି ପ୍ରାୟ ୨ଟାରେ ରୁମ୍‌ରେ ଗରମ ହେଉଥିବାରୁ ରୁମ୍‌ମେଟ୍‌ଙ୍କୁ କହି ଛାତ ଉପରକୁ ଶୋଇବାକୁ ଯାଇଥିଲେ। ପୂର୍ବରୁ ଛାତ ଉପରେ ଆଉ କେତେଜଣ ଛାତ୍ର ମଧ୍ୟ ଶୋଇଥିଲେ। ହେଲେ ରବିବାର ସକାଳେ ତାପସଙ୍କ ମୃତଦେହ ହଷ୍ଟେଲ ପଛ କଂକ୍ରିଟ ଚଟାଣରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଛାତ୍ରମାନେ ଦେଖି ୱାର୍ଡେନଙ୍କ ଜରିଆରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଛାତ ଉପରେ ଶୋଇଥିବା ଅନ୍ୟ ପିଲାଙ୍କୁ ପଚରାଉଚରା କରିଥିଲା। ତେବେ ଘଟଣା ସଂକ୍ରାନ୍ତରେ ପରିବାର ଲୋକେ କାହାକୁ ଦାୟୀ କରି ନ ଥିବାରୁ ଶହୀଦନଗର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେପଟେ ତାପସଙ୍କ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

# ୭୧ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୩୦।୩
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଭିନ୍ନ ସ୍ଥାନରେ ରବିବାର ୭୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ବିଜାପୁର ଜିଲା ପୋଲିସ ନିକଟରେ ୧୪ ଜଣଙ୍କ ସହ ମୋଟ ୫୦ ମାଓବାଦୀ ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ପିଏଲଜିଏ, ଏସିଏମ୍ ଜନତାନା ସରକାର ସଂଗଠନର ସଦସ୍ୟ ସାମିଲ ଅଛନ୍ତି।

ସେହିପରି ନାରାୟଣପୁର ଜିଲା ପୋଲିସ ନିକଟରେ ୬ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ପାଇକେ ମଣ୍ଡବୀ, ରୈନି ବଡେ, ମେଡେ ଗୋଟା, ପାଣ୍ଡରୀ ଗୋଟା, ଜ୍ୟୋତି ଉସେଣ୍ଡି ଓ ଶୀତଲ ବଡେ। ଏ ସମସ୍ତଙ୍କ ନାମରେ ସରକାରଙ୍କ ତରଫରୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା। ଦ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୧୫ ଆତ୍ମସମର୍ପଣ କରିଛନ୍ତି। ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ନେତାମାନେ ମାଓବାଦୀଙ୍କ ଉପରେ ଅତ୍ୟାଚାର କରୁଥିବା ଏବଂ ନିରୀହ ଆଦିବାସୀଙ୍କୁ ବିନା କାରଣରେ ହତ୍ୟା କରୁଥିବାରୁ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ବିସ୍ଫୋଟକ ସହ ୫ ମାଓବାଦୀ ଗିରଫ



ମାଲକାନଗିରି,୩୦।୩ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ବିସ୍ଫୋଟକ ସହ ୫ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ଦାନ୍ତେୱାଡା ଜିଲା ଗିଦମ ଥାନା ଅନ୍ତର୍ଗତ ତୁମନାର ନଦୀ ଘାଟ ନିକଟରେ ଡିଆର୍‌ଜି ଓ ବସ୍ତର ଫାଇଟର ଯବାନମାନେ କୋମ୍ବିଂ କରିଥିଲେ। ଏହି ସମୟରେ କେତେଜଣ ଲୁଚିବାକୁ ଚେଷ୍ଟା କରିଥିଲେ। ଏହା ଦେଖି ଯବାନମାନେ ଘେରାବନ୍ଦୀ କରି ୨ ମହିଳା ଓ ତିନି ପୁରୁଷଙ୍କୁ ଗିରଫ କରିଥିଲେ। ମହିଳା ଆଇଇଡି ବୋମା ଖଞ୍ଜିବା କାର୍ଯ୍ୟ କରୁଥିବା ପୋଲିସ ସୂତ୍ରରୁ ପ୍ରକାଶ। ଗିରଫ ମାଓବାଦୀ ହେଲେ ରମସିଲା ଆୟୋମ, କୋକ୍କୋ ଆୟୋମ, ରାମୁ ଆୟୋମ, ବୁଘରୁ ଆୟୋମ ଓ ଲଖମୁ ଆୟୋମ ବୋଲି ଜଣାପଡିଛି। ଏମାନେ ଭୈରମଗଡ ମାଓବାଦୀ ସଂଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲେ। ଏମାନଙ୍କ ନିକଟରୁ ଗୋଟିଏ ପ୍ରେସର ବୋମା, ତାର, ବ୍ୟାଟେରି, ଦିଆସିଲି ଓ ସାବଳ ଇତ୍ୟାଦି ଜବତ କରାଯାଇଛି।

# ବନ୍ଦ କୋଠରିରୁ ଦମ୍ପତିଙ୍କ ମୃତଦେହ ଜବତ

ମୁରିବାହାଲ,୩୦।୩
(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୁଡିଘାଟ ଗ୍ରାମରେ ରବିବାର ସକାଳେ ଏକ ଦମ୍ପତିଙ୍କ ମୃତଦେହ ବନ୍ଦ କୋଠରିରୁ ଜବତ କରାଯାଇଛି। ସେମାନେ ହେଲେ ପ୍ରେମରାଜ ମାଝୀ(୨୬) ଓ ତାଙ୍କ ସ୍ତ୍ରୀ ଭାନୁମତୀ ମାଝୀ(୨୩)। ରାତ୍ର ଭୋଜନ ସାରି ଉଭୟେ ଘରେ ଶୋଇଥିଲେ। ସକାଳୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନେ କବାଟ ଖୋଲି ନ ଥିଲେ। ସନ୍ଦେହ ହେବାରୁ ପରିବାର ଲୋକେ ଓ ସାହିପଡିଶା କବାଟ ବାଡେଇ ଡାକିଥିଲେ। ମାତ୍ର ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ଶେଷରେ ସେମାନେ ମୁରିବାହାଲ ଥାନା ପୋଲିସକୁ ଜଣାଇଥିଲେ। ଖବର ପାଇ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। କବାଟ ଭାଙ୍ଗି ଘର ଭିତରେ ପଶିବା ପରେ ଉଭୟଙ୍କ ମୃତଦେହ ଘର ଭିତରେ ପଡି ରହିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୫) ରୁଜୁ କରାଯାଇ ତଦନ୍ତ ଚାଲିଥିବା କଣ୍ଟାବାଞ୍ଜି ଏସ୍‌ଡିପିଓ ମାରାଣ୍ଡି କହିଛନ୍ତି। ଦମ୍ପତିଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ୪ବର୍ଷ ତଳେ ବିବାହ କରିଥିବା ମାଝୀ ଦମ୍ପତି ନିଃସନ୍ତାନ ଥିଲେ।

# ଯୁବତୀଯୁବକଙ୍କ ମୃତଦେହ ଜବତ

ମୁରିବାହାଲ,୩୦।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ତଥା ହଲଦୀ ପଞ୍ଚାୟତ ଅନ୍ତର୍ଗତ ସେମେଲପାଲି ଗାଁର ଏକ ଘରୁ ରବିବାର ସକାଳେ ଯୁବତୀଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେମେଲପାଲି ଗାଁର ଅରବିନ୍ଦ ନାଗ(୧୮) ଏବଂ ସଂଯୁକ୍ତା ନାଗ(୨୦)। ଖବର ପାଇ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ମୁରିବାହାଲ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ମାଜିଷ୍ଟ୍ରେଟଭାବେ ମୁରିବାହାଲ ତହସିଲଦାର ଜଗଦୀଶ କାର୍ତ୍ତମି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଅରବିନ୍ଦ ଓ ସଂଯୁକ୍ତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ହେଲେ ଉଭୟେ ସମ୍ପର୍କୀୟ ହୋଇଥିବାରୁ ସେମାନଙ୍କ ମଧ୍ୟରେ ବିବାହକୁ ଉଭୟ ପରିବାର ସ୍ୱୀକୃତି ଦେଉ ନ ଥିଲେ। ଏହାହିଁ ସେମାନଙ୍କ ମୃତ୍ୟୁର କାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଶନିବାର ସଂଯୁକ୍ତା ନିଖୋଜ ଥିବା ନେଇ ତାଙ୍କ ବାପା ମୁରିବାହାଲ ଥାନାରେ ଅଭିଯୋଗ କରିଥିଲେ। ହେଲେ ସଂଯୁକ୍ତା କିପରି ଅରବିନ୍ଦଙ୍କ ଘରକୁ ଗଲେ ଓ ସେଠାରେ ଉଭୟଙ୍କର କିପରି ମୃତ୍ୟୁ ହେଲା ତାହା ରହସ୍ୟାବୃତ ରହିଛି। ଏ ନେଇ ମୁରିବାହାଲ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୫)ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଏହାର ରହସ୍ୟ ଉନ୍ମୋଚନ ହେବ ବୋଲି ଆଇଆଇସି ସିପରା ସୁରୟା ଲୁଗୁନ କହିଛନ୍ତି।


## ASKA SCIENCE COLLEGE, ASKA
(Accredited B++ by NAAC)
College Square, Nuagam, Aska, Ganjam,
Odisha-761111
Website: www.askasciencecollege.com

**TENDER CALL NOTICE**

Aska Science College, Aska, Ganjam, Odisha through open tender call notice No. 001/2025/ASC invites expression of interest from registered reputed Manufacturing Companies / Firms or their authorized dealers / Agents Distributors to supply and install Desktop Computer System as per the tender paper uploaded in the college website www.askasciencecollege.com.

Sd./- Principal

## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ)

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟରେ ଏନ୍‌ଏଚ୍-୩୧୬ (ପୁରୁଣା ଏନ୍‌ଏଚ୍-୨୦୩) ର ଭୁବନେଶ୍ୱର-ପୁରୀ ସେକ୍ସନର କି.ମି. ୦.୦୦୦ ରୁ କି.ମି. ୬୭.୨୩୮ ପାଇଁ ପୁରୀ ଜିଲ୍ଲାରେ କି.ମି. ୨୧.୦୦୦ ରେ ପିପିଲି ଠାରେ ଥିବା ଟୋଲ୍ ପ୍ଲାଜାରେ ୦୧.୦୪.୨୦୨୫ (୦୦.୦୦ଘ.) ରୁ ୩୧.୦୩.୨୦୨୬ ପର୍ଯ୍ୟନ୍ତ ନିମ୍ନପ୍ରକାର ସଂଶୋଧିତ ୟୁଜର ଫି ଲାଗୁ କରାଯିବ।

| ଯାନର ବର୍ଗ | ଏକକ ଯାତ୍ରା କରିବା ପାଇଁ ଶୁଳ୍କ (ଟ.) | ଗୋଟିଏ ଦିନ ମଧ୍ୟରେ ଫେରନ୍ତ ଯାତ୍ରା ପାଇଁ ଶୁଳ୍କ (ଟ.) | ଗୋଟିଏ ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ନିମନ୍ତେ ଶୁଳ୍କ(ଟ.) |
|---|---|---|---|
| କାର, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | ୧୪୫ | ୨୧୫ | ୪୭୬୫ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ମାଲବାହୀ ଯାନ କିମ୍ବା ମିନି ବସ୍ | ୨୨୫ | ୩୩୫ | ୭୪୩୫ |
| ବସ୍ କିମ୍ବା ଟ୍ରକ୍ | ୪୫୫ | ୬୮୫ | ୧୫୧୭୦ |
| ହେବି କନ୍‌ଷ୍ଟ୍ରକଶନ ମେସିନାରୀ (ଏଚସିଏମ୍) କିମ୍ବା ଆର୍ଥ ମୁଭିଂ ଇକ୍ୟୁପମେଣ୍ଟ (ଇଏମଇ) କିମ୍ବା ମଲ୍ଟି ଏକ୍ସଲ ଯାନ (ଏମଏଭି) (୩ ରୁ ୬ ଏକ୍ସଲ) | ୭୦୦ | ୧୦୪୫ | ୨୩୨୭୫ |
| ଓଭରସାଇଜ ଯାନ (୭ କିମ୍ବା ଅଧିକ ଏକ୍ସଲ) | ୮୯୦ | ୧୩୩୫ | ୨୯୬୪୦ |

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଉପରୋକ୍ତ ଟୋଲ ପ୍ଲାଜା ଠାରୁ ୨୦ କି.ମି. ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବାଣିଜ୍ୟିକ ଯାନଗୁଡିକ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ନିମନ୍ତେ ମୂଲ୍ୟ ଟ.୩୫୦/- ହେବ।
ପିଆଇୟୁ-ଭୁବନେଶ୍ୱର, ଏନ୍‌ଏଚ୍‌ଏଆଇ, ଇମେଲ: bhu@nhai.org

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

ରାଷ୍ଟ୍ରର ନିର୍ମାଣ, କେବଳ ସଡକ ନୁହେଁ

## ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com

NIT No. - OSSC/Mktg (Hort) - 21/2025

**Short e-Tender Call Notice for Procurement of Cinnamon Seedling for Kharif-2025**

**No.CAD-3002** : OSSC Ltd. invites Short e-Tender only from registered Nursery Owner (and in case of GOI PSUs, their authorized Agencies) on item wise rate contract basis for **Procurement of Cinnamon Seedling for Kharif-2025** in double cover system through online mode only for the work below.

| | |
|---|---|
| Name of the work | Purchase of Cinnamon Seedling for Kharif-2025 |
| No. of work | One |
| Availability of bid documents in portal | 15.00 hours on dt.02.04.2025 to 17.00 hrs of dt.11.04.2025 |
| Last date of receipt of tender in portal | 17.00 hrs of dt.11.04.2025 |
| Date and time opening of Bid | 10.30 hrs of dt.15.04.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

Sd./- Managing Director
OSSC Ltd.

OIPR-01045/11/0053/2425

## ODISHA HYDRO POWER CORPORATION LTD.
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com

No. OHPC:TECH:C&P:37/2024-25/2241 Date : 25.03.2025

**INVITATION OF BID FOR EXPRESSION OF INTEREST**

**No. CAD-2970** : Odisha Hydro Power Corporation Ltd. Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) from eligible Cost Accountant Firms having head office in the State of Odisha for **"Appointment/Empanelment as Cost Auditors for conducting Cost audit of OHPC Ltd."**

**For details related to the eligibility criteria, scope of the work etc. please visit our website www.ohpcltd.com from 03.04.2025.**

OIPR-04012/11/0035/2425 C&P Head

## OFFICE OF THE NOTIFIED AREA COUNCIL, BIJEPUR
AT/PO/PS : Bijepur, Dist.-Bargarh (Odisha), PIN-768032
Phone No.-06685-274153, E_Mail ID : bijepurnac2018@gmail.com
No. 517/Dt. 28.03.2025

**"e"-Procurement Notice**

**Bid Identification No.EO/Bijepur/03/2024-25**

**No.C-2036** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

1. Nature of work : Civil works
2. No. of works : 08 Nos.
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 10 hours of 02.04.2025 to 17 hours of 16.04.2025
6. Last date/time for receipt of Bids in the portal : Dt.16.04.2025 up to 17 hours
7. Bids received online shall be opened on : Dt.17.04.2025 at 11 hours
8. Name and address of the Officer inviting Bid : Executive Officer Bijepur NAC

Further, the details can be seen from the procurement Portal www.tendersodisha.gov.in

Sd./- Executive Officer
Bijepur NAC

OIPR-13123/11/0011/2425

## ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com

NIT No. - OSSC/Mktg (Hort) - 19/2025

**Short e-Tender Call Notice for Procurement of Certified Onion seeds for Kharif-2025**

**No.CAD-3002** : OSSC Ltd. invites Short e-Tender only from registered Onion seed producers (and in case of GOI PSUs, their authorized Agencies) on item wise rate contract basis for **Procurement of Certified Onion Seeds for Kharif-2025** in double cover system through online mode only for the work below.

| | |
|---|---|
| Name of the work | Purchase of Certified Onion Seeds for Kharif-2025 |
| No. of work | One |
| Availability of bid documents in portal | 15.00 hours on dt.02.04.2025 to 17.00 hrs of dt.11.04.2025 |
| Last date of receipt of tender in portal | 17.00 hrs of dt.11.04.2025 |
| Date and time opening of Bid | 10.30 hrs of dt.15.04.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

Sd./- Managing Director
OSSC Ltd.

OIPR-01045/11/0046/2425

## ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
MCL
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5245

## OFFICE OF THE UMERKOTE MUNICIPALITY NABARANGPUR, ODISHA,PIN-764073
E-mail: nac_umerkote@rediffmail.com

**e-PROCUREMENT NOTICE**

**Bid Identification No.UKTM-MUN-01/2025-26**

No.C-2019: Bid documents consisting of Work, Estimated Cost, Cost of Tender Paper, EMD and time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No. of Works : 57 Nos.
3. Estimated Cost : Rs.1.34 Lakhs to Rs.31.30 Lakhs
4. Period of Completion : As per DTCN
5. Date & Time of Bidding : From 10.00 AM of 02.04.2025 to 11.04.2025 upto 5.00 PM
6. Last date & time for receipt of bids online in portal : Dt.11.04.2025 at 5.00 P.M.
7. Bids received online shall be opened on : 11.00 AM hours of Dt.15.04.2025
8. Name and address of the Officer Inviting Bid : Executive Officer Umerkote Municipality
Further details can be seen from the procurement portal : www.tenderorissa.gov.in

Sd./- Executive Officer
Umerkote Municipality

OIPR-13180/11/0013/2425

## OFFICE OF THE CHIEF ENGINEER, MEGA LIFT BHUBANESWAR
Plot No. A-8/2, Bhoinagar, Bhubaneswar, Odisha, PIN-751022
E-Mail : cemlpwr.od@gmail.com

**Government of Odisha "e" Procurement Notice**

**Bid Identification No. 16ML/2024-25**

**No.A-1239** : Online open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work** : Execution of 06 nos. of Lift Irrigation Schemes with intake points on Rushikulya River, Ramnadi River, Jira Nalla & Rushikulya River (Near ISS Singipur) having Command area between 500Ha. to 2000 Ha. in Cluster No. XXXI in the district of Ganjam including its distribution network, upto 1 Ha Chak having total planned Culturable Command Area of 6,343 Ha. on "EPC -Turn Key" basis including power system connectivity and Operation & Maintenance of complete commissioned schemes for fifteen years.
2. **Period of completion** : 36 (Thirty-six) calendar months including rainy season.
3. **Date & time of availability of bid document in the portal** : 03.04.2025, 10 A.M.
4. **Last date/Time for receipt of bids in the portal** : 23.04.2025 up to 5.00 P.M.
5. **Name & address of the officer inviting Bid** : Chief Engineer, Megalift A-8/2, Bhoi Nagar, Bhubaneswar, Pin – 751022

Further details can be seen from the e-procurement portal "https://tendersodisha.gov.in"

Sd./- Chief Engineer, Megalift
Bhubaneswar

OIPR-32504/11/0037/2425

# ଇସ୍ପାତ ଶିଳ୍ପରେ ଓଡ଼ିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରୁଛି

**ଓଡ଼ିଶା ଆଇରନ୍ ଓ ଷ୍ଟିଲ୍ ଶିଳ୍ପରେ ସ୍କାନ୍ ଗ୍ରୁପ୍ ବେଶ୍ ଜଣାଶୁଣା। ଏହାର ଫ୍ଲାଗଶିପ୍ କମ୍ପାନୀ ସ୍କାନ ଷ୍ଟିଲ୍ ଲିମିଟେଡ୍ ରାଜଗାଙ୍ଗପୁରରେ ଅବସ୍ଥିତ ଏହାର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟକୁ ପ୍ରତିନିଧିତ୍ୱ କରୁଥିବାବେଳେ ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି। ୨୦୧୪ରେ ଏହା ବିଏସ୍‌ଇରେ ତାଲିକାଭୁକ୍ତ ହେବାର ସଫଳତା ହାସଲ କରିପାରିଛି। ବର୍ଷ ବର୍ଷ ଧରି କମ୍ପାନୀ ଦ୍ୱାରା ଇସ୍ପାତ ତିଆରିରେ ସର୍ବବୃହତ୍ ଟିଏମ୍‌ଟି ଉତ୍ପାଦକ ଭାବେ ପରିଚିତ ହୋଇପାରିଛି। କମ୍ପାନୀର ଚେୟାରମ୍ୟାନ ରାଜେଶ ଗାଡ଼ୋଡ଼ିଆଙ୍କର ସହ ଏହି ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

**ପ୍ର–ଶିକ୍ଷା ଓ ଇସ୍ପାତ ଶିଳ୍ପରେ ଔଦ୍ୟୋଗିକ ଯାତ୍ରା କିପରି ରହିଛି?**
ଉ–ମୋର ପ୍ରାରମ୍ଭିକ ଜୀବନଟି ଏକ ଦୃଢ଼ ବ୍ୟବସାୟମୁଖୀ ମନୋଭାବ ଏବଂ ଉଦ୍ୟମଶୀଳତା ପ୍ରତି ଅଭିରୁଚି ଦ୍ୱାରା ଗଠିତ ହୋଇଥିଲା। ମୁଁ ମୋର ବିଟେକ୍ ସମ୍ପନ୍ନ କରି ବେଙ୍ଗାଲୁରୁରୁ ଫେରିଲି ଏବଂ ମୋର ପିତାଙ୍କ ସହିତ ଏକ ବାଣିଜ୍ୟ କାର୍ଯ୍ୟ ଆରମ୍ଭ କଲି । ସେହିଁ ମୋର ବ୍ୟବସାୟ ନେତୃତ୍ୱ ଦକ୍ଷତାକୁ ଚିହ୍ନଟ କରିଥିଲେ। ୧୯୯୨ରେ ତାଙ୍କ ମାର୍ଗଦର୍ଶନରେ ମୁଁ ଓଡ଼ିଶାର ରାଜଗାଙ୍ଗପୁରରେ ଏକ ଛୋଟ କାରଖାନା ପ୍ରତିଷ୍ଠା କଲି। ଇସ୍ପାତ ଶିଳ୍ପରେ ଉନ୍ନତ ସମ୍ଭାବନା ଦେଖି ମୁଁ ଏହି ଶିଳ୍ପରେ ବ୍ୟବସାୟ ବୃଦ୍ଧି ନିମନ୍ତେ ଏହାକୁ ବିସ୍ତାର କଲି। ଏବେ ସ୍କାନ ଷ୍ଟିଲ୍ ଏକ ଅଗ୍ରଗାମୀ ବ୍ରାଣ୍ଡ ଭାବେ ପରିଚିତ, ଯାହା ନୂତନତ୍ୱ, ଗୁଣବତ୍ତା ଏବଂ ଅଦମ୍ୟ ପ୍ରୟାସ ଉପରେ ଆଧାରିତ।

**ପ୍ର–ଓଡ଼ିଶାରେ ଇସ୍ପାତ ଶିଳ୍ପର ସ୍ଥିତି କିପରି ଦେଖୁଛନ୍ତି?**
ଉ–ଇସ୍ପାତ ଶିଳ୍ପରେ ଓଡ଼ିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରୁଛି। ଏହି କ୍ଷେତ୍ରରେ ଭାରତର ସାମଗ୍ରିକ ସକାରାତ୍ମକ ପ୍ରଗତି ସହିତ ଏହି ଅଭିବୃଦ୍ଧି ମେଳ ଖାଉଛି। ନିକଟରେ ରାଜ୍ୟ ସରକାର ୩୨,୭୩୬ କୋଟି ଟଙ୍କା ମୂଲ୍ୟର ଶିଳ୍ପ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଛନ୍ତି, ଯାହା ରାଜ୍ୟର ଶିଳ୍ପ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ। ଏହି ଅନୁମୋଦନଗୁଡ଼ିକ ବୃହତ୍ ଶିଳ୍ପ ବିନିଯୋଗକୁ ଆକର୍ଷିତ କରିବ। ସମୃଦ୍ଧ ପ୍ରାକୃତିକ ସମ୍ପଦ, ଉତ୍କୃଷ୍ଟ ସ୍ଥାନ ଏବଂ ସରକାରୀ ନୀତି ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଇସ୍ପାତ ଶିଳ୍ପ ବଜାର ଭାବେ ପ୍ରତିଷ୍ଠିତ କରିଛି ।

**ପ୍ର–ଏ କ୍ଷେତ୍ରରେ ପ୍ରମୁଖ ଆହ୍ୱାନ କ'ଣ ରହିଛି?**
ଉ–ଓଡ଼ିଶାର ଇସ୍ପାତ ଶିଳ୍ପ କ୍ଷେତ୍ରରେ କଞ୍ଚାମାଲର ମୂଲ୍ୟ ପରିବର୍ତ୍ତନ, ଉଚ୍ଚ ଲଜିଷ୍ଟିକ୍ ଖର୍ଚ୍ଚ ଏବଂ ପରିବେଶ ସୁରକ୍ଷା ନିୟମ ଅନୁପାଳନ ଭଳି ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଭିତ୍ତିଭୂମିର ଅଭାବ ଏବଂ ବିଦ୍ୟୁତ୍ ଯୋଗାଣ ସମସ୍ୟା ମଧ୍ୟ ଉତ୍ପାଦନ କ୍ଷମତା ଉପରେ ପ୍ରଭାବ ପକାଇଥାଏ। ବିଶ୍ୱ ବଜାରର ଅସ୍ଥିରତା ଏବଂ ଆମଦାନୀ କ୍ଷେତ୍ରରେ ପ୍ରତିଯୋଗିତା ଦ୍ୱାରା ଚାପ ଆହୁରି ବୃଦ୍ଧି ପାଇଛି। କୁଶଳୀ ଶ୍ରମିକମାନଙ୍କୁ ନିୟୋଜିତ ରଖିବା ମଧ୍ୟ ସହଜ ବ୍ୟାପାର ନୁହେଁ। ଏହାସତ୍ତ୍ୱେ ଓଡ଼ିଶାର ଇସ୍ପାତ ଶିଳ୍ପରେ କ୍ରମାଗତ ଭାବେ ପୁଞ୍ଜି ବିନିଯୋଗ ଫଳରେ ଏଥିରେ ଅଭିବୃଦ୍ଧି ପରିଲକ୍ଷିତ ହେଉଛି।

**ପ୍ର– ଆଗାମୀ ଦିନରେ କେଉଁ ସବୁ ଯୋଜନାକୁ ରୂପରେଖ ଦେବାକୁ ଯାଉଛନ୍ତି?**
ଉ–କମ୍ ଖର୍ଚ୍ଚରେ ଉତ୍ପାଦନ, ଉତ୍ପାଦରେ ଉତ୍ତମ ଗୁଣବତ୍ତା ରକ୍ଷା, ନିଷ୍ଠାପର ମାନବ ସମ୍ବଳ ଏବଂ ସୁଦୃଢ଼ ଡିଷ୍ଟ୍ରିବ୍ୟୁଶନ୍ ନେଟୱର୍କ କାରଣରୁ ସ୍କାନ ଷ୍ଟିଲ୍ ଆଜି ଘରେ ଘରେ ପରିଚିତ ହୋଇପାରିଛି। ଆମେ ସର୍ବଦା ଦୀର୍ଘକାଳୀନ ସମ୍ପର୍କ ଉପରେ ବିଶ୍ୱାସ କରୁ। ବିଜନେସ୍ ପାର୍ଟନର ହୁଅନ୍ତୁ କି ଆମ କର୍ମଚାରୀ, ଆମେ ସମସ୍ତଙ୍କ ସହ ସୁସମ୍ପର୍କ ବଜାୟ ରଖୁ। ଆସନ୍ତା ୬ବର୍ଷ ମଧ୍ୟରେ ୬୦୦ କୋଟି ବିନିଯୋଗରେ ଆମେ ଷ୍ଟିଲ୍ ବ୍ୟବସାୟ ସମ୍ପ୍ରସାରିତ କରିବୁ। ସୁନ୍ଦରଗଡ଼ସ୍ଥିତ ଷ୍ଟିଲ୍ ପ୍ଲାଣ୍ଟ ସହ ଅନ୍ୟସ୍ଥାନରେ ପ୍ଲାଣ୍ଟ ପ୍ରସ୍ତୁତ କରାଯିବ। ସେହିପରି ଲଜିଷ୍ଟିକ୍, ରିଅଲ୍ ଇଷ୍ଟେଟ୍ ଏବଂ ଗ୍ରୀନ ଏନର୍ଜି କ୍ଷେତ୍ରରେ ମଧ୍ୟ ଆମେ ବ୍ୟବସାୟ ବଢ଼ାଇବାକୁ ଯୋଜନା ରଖିଛୁ। ଆମେ ବାର୍ଷିକ ୧୦ ହଜାର କୋଟି ଟର୍ନଓଭର ଲକ୍ଷ୍ୟ ରଖିଛୁ। ଆମେ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ ହେବା ପ୍ରକ୍ରିୟାରେ ଅଛୁ, ଯାହା ଆମର ଶେୟାରକୁ ଉଭୟ ଏକ୍ସଚେଞ୍ଜରେ ବାଣିଜ୍ୟ କରିବାକୁ ସକ୍ଷମ କରିବ।

**ପ୍ର– ନବାଗତଙ୍କ ପାଇଁ କ'ଣ ବାର୍ତ୍ତା ରହିବ?**
ଉ– ବ୍ୟବସାୟରେ ସଫଳତା ପାଇଁ ଦୂରଦୃଷ୍ଟି ସମ୍ପନ୍ନ ହେବା ଆବଶ୍ୟକ। ସବୁବେଳେ ଉତ୍ପାଦରେ ଉତ୍ତମ ଗୁଣବତ୍ତାକୁ ପ୍ରାଧାନ୍ୟ ଦେବା ଦରକାର। ସତର୍କତା ସହ ପୁଞ୍ଜିନିବେଶ ଦ୍ୱାରା ଦୀର୍ଘକାଳୀନ ଅଭିବୃଦ୍ଧି ସୁନିଶ୍ଚିତ କରାଯାଇପାରିବ। ସୁସମ୍ପର୍କ ସ୍ଥାପନ କରିବା ସହ ଆହ୍ୱାନର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଦରକାର। ସବୁବେଳେ ଶିକ୍ଷାଗ୍ରହଣ ପ୍ରକ୍ରିୟ ଜାରି ରଖିବା ଉଚିତ।

–ସାକ୍ଷାତ୍କାର: **ଅନୁରାଧା ମହାରଣା,** ଭୁବନେଶ୍ୱର


ରାଜେଶ ଗାଡ଼ୋଡ଼ିଆ

# ଉଦ୍ୟୋଗୀମାନେ ନୈତିକତା ବଜାୟ ରଖିବା ଜରୁରୀ

**ଅତ୍ୟାଧୁନିକ ପ୍ରଣାଳୀରେ କାଜୁ ପ୍ରକ୍ରିୟାକରଣ କରି ବଜାରରେ ଉପଲବ୍ଧ କରାଇବାରେ ବିନାୟକ କ୍ୟାସ୍ୟୁଜ୍ ବେଶ୍ ପରିଚିତ। ଓଡ଼ିଶା କାଜୁକୁ ସାରା ଭାରତରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଢେଙ୍କାନାଳସ୍ଥିତ ଏହି କମ୍ପାନୀ ୨୦୨୨ରେ ପ୍ରତିଷ୍ଠିତ ହୋଇଥିଲା। ବହୁତ କମ୍ ସମୟ ମଧ୍ୟରେ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ୍ ମଧ୍ୟରୁ ଗୋଟିଏ ହୋଇସାରିଛି। ଉଦ୍ୟୋଗୀ ନେହା ଅଗ୍ରୱାଲାଙ୍କ ସୁଦକ୍ଷ ପରିଚାଳନାରେ ଏହି କମ୍ପାନୀ ସଫଳତାର ପାହାଚ ଚଢ଼ିବାରେ ଲାଗିଛି। ନେହାଙ୍କ ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ସାକ୍ଷାତ୍କାର...**

**ପ୍ର– କାଜୁ ବ୍ୟବସାୟ କିପରି ଆରମ୍ଭ କଲେ?**
ଉ– ବ୍ୟବସାୟଭିତ୍ତିକ ପରିବାରରେ ମୋର ଜନ୍ମ। ତେଣୁ ବ୍ୟବସାୟ କରିବା ସହ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ମୋର ସବୁବେଳେ ଉଦ୍ଦେଶ୍ୟ ଥିଲା। ଗବେଷଣା କରି ଜାଣିଲି କାଜୁ ଶିଳ୍ପ ସ୍ଥାନୀୟ ଉତ୍ପାଦକୁ ବ୍ୟବହାର କରି ସମଗ୍ର ଭାରତରେ ନିଜର ଉପସ୍ଥିତି ସ୍ଥାପନ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ଏହା ସ୍ଥାନୀୟ ଯୁବପିଢ଼ିଙ୍କୁ ବିଶେଷକରି ଗ୍ରାମୀଣ ମହିଳାମାନଙ୍କୁ ସାମିଲ କରିପାରିବ। ତେଣୁ ଏହି କ୍ଷେତ୍ରରେ ଆଗକୁ ବଢ଼ିଥିଲି।

**ପ୍ର– ପ୍ରତିଯୋଗିତାମୂଳକ ବଜାରରେ ଆପଣଙ୍କ ଉତ୍ପାଦର କ'ଣ ସ୍ୱତନ୍ତ୍ରତା ରହିଛି?**
ଉ– ସମଗ୍ର ଭାରତରେ କାଜୁର ଏକ ବଜାର ଅଛି ଏବଂ ଏହାର ରପ୍ତାନି ସୁଯୋଗ ମଧ୍ୟ ଅଛି। ଭାରତରେ ଖାଦ୍ୟସାମଗ୍ରୀର ଚାହିଦା ସର୍ବଦା ରହିଥାଏ। ଲୋକଙ୍କ ଆୟର ବୃଦ୍ଧି ସହିତ କାଜୁର ଚାହିଦା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଆମେ ବିଶ୍ୱର ବିଭିନ୍ନ ସ୍ଥାନରୁ ସର୍ବୋତ୍ତମ ଯନ୍ତ୍ର ସହିତ ଏକ ଆଧୁନିକ ସ୍ୱୟଂଚାଳିତ ଉତ୍ପାଦନ କେନ୍ଦ୍ର ପ୍ରସ୍ତୁତ କରିଛୁ। ଏହା ଆମକୁ ସ୍ୱଳ୍ପ ପ୍ରକ୍ରିୟାକରଣ ଖର୍ଚ୍ଚରେ କ୍ରମାଗତ ଭାବରେ ଅଧିକ ଉତ୍ପାଦନର ସୁବିଧା ଦେଇଥାଏ । ଗ୍ରାହକଙ୍କ ଚାହିଦା ପୂରଣ କରିବା ପାଇଁ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରିମିୟମ୍ ଉତ୍ପାଦ ପ୍ରସ୍ତୁତ କରାଯାଉଛି।

**ପ୍ର–ବଜାରରେ ମିଳୁଥିବା ପ୍ରକ୍ରିୟାକୃତ କାଜୁରେ ଅନେକ ଅପମିଶ୍ରଣ ଭଳି ଅଭିଯୋଗ ଆସିଥାଏ। ଆପଣ ଆପଣଙ୍କ ଉତ୍ପାଦର ଗୁଣବତ୍ତା ବଜାୟ ରଖିବା ପାଇଁ କି ପଦକ୍ଷେପ ନେଇଥା'ନ୍ତି?**
ଉ– କେତେକ ଅସାଧୁ ବ୍ୟବସାୟୀ ପ୍ରକ୍ରିୟାକୃତ କାଜୁରେ ଅପମିଶ୍ରଣ କରିଥା'ନ୍ତି। ସେମାନଙ୍କର ଏପରି କାର୍ଯ୍ୟକଳାପ ସମଗ୍ର ଇଣ୍ଡଷ୍ଟ୍ରୀକୁ ବଦନାମ କରିଥାଏ। ମାତ୍ର ଆମ ଉତ୍ପାଦର ମାନ ପରୀକ୍ଷଣ ଆମ ପାଇଁ ଆମର ଇନ୍‌ସପେକ୍ସନ୍ ସେକ୍ସନ ରହିଛି। ଚ୍ୟାନେଲ ପାର୍ଟନରଙ୍କୁ କାଜୁ ହସ୍ତାନ୍ତର ପୂର୍ବରୁ ଏସବୁର ଭଲଭାବେ ଯାଞ୍ଚ କରାଯାଇଥାଏ। ଆମେ ସିଲ୍ ହୋଇଥିବା କଣ୍ଟେନର ଏବଂ ପ୍ରିପ୍ରିଣ୍ଟେଡ୍ ରିଟେଲ ପ୍ୟାକ୍‌ରେ ଆମ ଉତ୍ପାଦ ବିକିଥାଉ।

**ପ୍ର– ବ୍ୟବସାୟ ସମ୍ପ୍ରସାରଣ ଦିଗରେ ଆଗକୁ କ'ଣ ଯୋଜନା ରହିଛି?**
ଉ– ମାତ୍ର ୨ବର୍ଷର ବ୍ୟବସାୟିକ ଯାତ୍ରାରେ ଆମେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ଉତ୍ତମମାନର କାଜୁ ଯୋଗାଣ କ୍ଷେତ୍ରରେ ଆମେ ନିଜର ସ୍ଥିତି ସୁଦୃଢ଼ କରିପାରିଛୁ। ବର୍ତ୍ତମାନ ଆମେ ଦୈନିକ ୧୦ ଏମ୍‌ଟି କାଜୁର ପ୍ରକ୍ରିୟାକରଣ କରିପାରୁଥିବାବେଳେ ଆଗକୁ ଏହି କ୍ଷମତା ୩୦ ଏମ୍‌ଟିକୁ ବୃଦ୍ଧି କରିବାକୁ ଯୋଜନା ରଖିଛୁ।

**ପ୍ର– ନବାଗତଙ୍କ ପାଇଁ ସଫଳତାର କିଛି ମନ୍ତ୍ର?**
ଉ– ଯେକୌଣି କ୍ଷେତ୍ର ହେଉନା କାହିଁକି, ଉଦ୍ୟୋଗୀମାନେ ନୈତିକତା ବଜାୟ ରଖିବା ଜରୁରୀ। ଉତ୍ପାଦର ମାନ ସର୍ବୋତ୍କୃଷ୍ଟ ରଖି ଗ୍ରାହକଙ୍କୁ ସନ୍ତୋଷଜନ ସେବା ପ୍ରଦାନ କଲେ ସଫଳତା ନିଶ୍ଚୟ ମିଳିଥାଏ। ଆରମ୍ଭରେ ହୁଏତ କିଛି ସମସ୍ୟା ହୋଇପାରେ ମାତ୍ର ଏହି ଅଭ୍ୟାସ ଜାରି ରଖିଲେ ଦୀର୍ଘକାଳୀନ ସଫଳତା ପାଇଁ ପଥ ପରିଷ୍କାର କରିଥାଏ।

–ସାକ୍ଷାତ୍କାର: **ଅନୁରାଧା ମହାରଣା,** ଭୁବନେଶ୍ୱର


ନେହା ଅଗ୍ରୱାଲା

## ଗିଫ୍ଟ କଲେଜର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର,୩୦।୩

ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ଗଙ୍ଗପଡାସ୍ଥିତ ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ 'ଲେଲିହାନ–୨୦୨୫' ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଗିଫ୍ଟର ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଡିନ୍ ଏକାଡେମିକ୍ ଡ. ଆର.ଏନ୍.ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଉପାଧ୍ୟକ୍ଷ ଡ. ଦେବେନ୍ଦ୍ର ପଣ୍ଡା, ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ଓଏଲଫେୟାର ପ୍ରଫେସର ସୌମେନ୍ଦ୍ର ବେହେରା ଏବଂ ଏସ୍‌ପିଓସି ଇଂ. ଅଭିଜିତ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନ ସହ ଜଡିତ ଥିବା କିମ୍ବା ୧୦ ବର୍ଷ କାର୍ଯ୍ୟ କରିଥିବା ଅଧ୍ୟାପକ–ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ଏହି ଅବସରରେ ଶିକ୍ଷାନୁଷ୍ଠାନର ଅନେକ ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଫେସର ବିସ୍ମିତା ବିଶ୍ୱାଳ, ପ୍ରଫେସର ଦୀପ୍ତି ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା

ଭୁବନେଶ୍ୱର,୩୦।୩ (ଅଭୟ ଦାଶ)

ଓଡ଼ିଶା ବାନ୍ଧକଳାର ପ୍ରଚାର ଓ ପ୍ରସାର ପାଇଁ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ବିଧାନସଭା କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟିଥିଲେ। ଏପରିକି ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଏବଂ ଅରୁନ୍ଧତୀ ବାନ୍ଧକଳାର ପ୍ରମୁଖ ରବିଶ ଟଣ୍ଡନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପର ବିକାଶ ଓ ଏହାର ଜାତୀୟ ଅନ୍ତର୍ଜାତୀୟ ବଜାରରେ ବର୍ତ୍ତମାନର ଉପସ୍ଥିତି ସହ ଏହି ସର୍ବପୁରାତନ ବାନ୍ଧକଳା ଓ ଏହା ସହିତ ଜଡିତ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିବିଶେଷ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶାର ପାରମ୍ପରିକ ବୈଭବଶାଳୀ ହସ୍ତତନ୍ତର ଇତିହାସ ବହୁପୁରାତନ। ଏପରିକି କଳା, ପ୍ରତିଭା ଓ ପାରଦର୍ଶିତାରେ ବୁଣା ସମ୍ବଲପୁରୀ ଶାଢ଼ିକୁ ନେଇ ପ୍ରତ୍ୟେକଟି ଓଡ଼ିଆ ଦେଶବିଦେଶରେ ଗୌରବାନ୍ୱିତ ହୋଇଥାଏ। ତେଣୁ ଏହି ହସ୍ତତନ୍ତ ଶିଳ୍ପ ପ୍ରତି କିଭଳି ଅଧିକ କାରିଗରଙ୍କୁ ଯୋଡ଼ାଯାଇ ପ୍ରୋତ୍ସାହିତ କରାଯାଇ ଏକ ବିକଶିତ ବଜାର ପ୍ରତିଷ୍ଠା ସହ ଉନ୍ନତମାନର ସଂସାଧନ ଯୋଗାଇ ଦେବା ପାଇଁ ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ସୋନପୁରଠାରେ ୧୦ ଏକର ପରିମିତ କ୍ୟାମ୍ପସରେ ୩୦୦୦ ତନ୍ତ ବୁଣାଯନ୍ତ୍ର ଏବଂ ୫୦୦୦ ରୁ ଅଧିକ ବୁଣାକାର ପୁରୁଷ ଓ ମହିଳାଙ୍କୁ ନେଇ ଆରମ୍ଭ ହେବାକୁ ଯାଉଥିବା ଅତ୍ୟାଧୁନିକ ଗବେଷଣାଗାର ଓ ଟ୍ରେନିଂସେଣ୍ଟର ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଇ ପାରିବ ସେ ସମ୍ବନ୍ଧରେ ବିସ୍ତୃତ ବିଚାରବିମର୍ଶ ହୋଇଥିଲା। ସେହିଭଳି ଉପମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଅବସରରେ ଓଡ଼ିଶା ହସ୍ତତନ୍ତର ବିକାଶ, ଏହି ଶିଳ୍ପରେ ବେଶି ମହିଳା ବର୍ଗକୁ ସାମିଲ କରାଯିବା ସହ ବୁଣାକାର ସମାଜର ପ୍ରତିଭାକୁ ଏକ ନୂଆସ୍ତରକୁ ଅଣାଯାଇ ସେମାନଙ୍କୁ କିଭଳି ଉପକୃତ କରାଯାଇପାରିବ ସେ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏବଂ ଅଚ୍ୟୁତାନନ୍ଦ ମେହେର ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି।

## ଏପ୍ରିଲ ୧ରୁ ହୋମ୍ ଶପିଂ ସ୍ପ୍ରି

ନୂଆଦିଲ୍ଲୀ,୩୦।୩

ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ସେଲ୍‌ସ ତଥା ଗ୍ରୀଷ୍ମକାଳୀନ ସଂସ୍କରଣ 'ହୋମ୍ ଶପିଂ ସ୍ପ୍ରି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍‌ସ ୨୦୨୫ ଏପ୍ରିଲ ୧ରୁ ୫ ପର୍ଯ୍ୟନ୍ତ ଉପଲବ୍ଧ। ଯେଉଁଥିରେ ଗ୍ରାହକମାନଙ୍କୁ ଏୟାର କୁଲର, ରିକ୍ଲାଇନର, ଭ୍ୟାକ୍ୟୁମ୍ କ୍ଲିନର, ପାଣି ବୋତଲ, ପରଦା ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ବିଭିନ୍ନ ପ୍ରକାରର ହୋମ୍, କିଚେନ୍ ଏବଂ ଆଉଟଡୋର ଉତ୍ପାଦରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏପରିକି ଗ୍ରାହକମାନେ ଲୁମିନସ୍, ନରୱାଲ, ବଜାଜ, ଦ ବେଟର ହୋମ୍ ଏବଂ ଆହୁରି ଅନେକ ବ୍ରାଣ୍ଡର ଶୀର୍ଷ ଏବଂ ମୋଷ୍ଟ ୱାଚଲିଷ୍ଟେଡ୍ ପ୍ରଡକ୍ଟସ ଉପରେ ଆକର୍ଷଣୀୟ ରିହାତି ଉପଭୋଗ କରିପାରିବେ। ସେହିଭଳି ଆଶାୟୀ ଗ୍ରାହକମାନେ ୧୦୦୦ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ କ୍ୟାଶବ୍ୟାକ୍, ଉତ୍ପାଦ ଉପରେ ସର୍ବନିମ୍ନ ୪୦% ରିହାତି ଏବଂ ଆହୁରି ଅନେକ ଆକର୍ଷଣୀୟ ଅଫର ପାଇପାରିବେ। ସେହିପରି ଘର, ରୋଷେଇ ଘର ଏବଂ ବାହାରର ଉତ୍ପାଦ ଉପରେ ବଛାବଛା ବ୍ୟାଙ୍କ କାର୍ଡ ସହିତ ଅତିରିକ୍ତ ୧୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସୋଫା ସେଟ୍, ଡାଇନିଂ ସେଟ୍, ଶୋପିସ୍ ଏବଂ ଆହୁରି ଅନେକ କିଛି ଚୟନ କରିପାରିବେ। ଯେବେକି ଦୁଇ କିମ୍ବା ଅଧିକ ଜିନିଷ କିଣିବା ଉପରେ ଅତିରିକ୍ତ ୩% ରିହାତି ସହ 'ଅଧିକ କ୍ରୟ, ଅଧିକ ସଞ୍ଚୟ' କରିପାରିବେ । ବଜାଜ ପିଏକ୍ସ୯୭ ଟର୍କ ନୂଆ ୩୬ଏଲ୍ ପର୍ସନାଲ ଏୟାର କୁଲରକୁ ଆମାଜନ.ଇନ୍‌ରେ ମାତ୍ର ୫୭୯୯ ଟଙ୍କା, ଦି ବେଟର ହୋମ୍ କପର ୱାଟର ବଟଲକୁ ୮୪୯ ଟଙ୍କା, ଉଗାଓ ଫ୍ଲେକ୍ସି ୱାଟର ହୋସ୍ ପିଭିସି ପାଇପ୍ ସହ ଲିକ୍–ପ୍ରୁଫ୍ ଟ୍ୟାପ୍ ଆଡାପ୍ଟର(୧୫ ମିଟର)କୁ ୭୫୯ ଟଙ୍କା, ନୀଳକମଲ ସିଏରା ଭେଲଭେଟ୍ ଫେବ୍ରିକ୍ ମାନୁଆଲ୍ ରିକ୍ଲାଇନରକୁ ୧୪,୯୯୦ ଟଙ୍କା, ବିଏସ୍‌ବି ହୋମ୍ ୩ଡି ପ୍ରିଣ୍ଟେଡ ୧୪୪ ଟିସି ମାଇକ୍ରୋଫାଇବର ଡବଲ ବେଡ୍ ସିଟ୍ ସହ ୨ କିଙ୍ଗ ସାଇଜ୍ ତକିଆ କଭର ୧୮୬ ଟଙ୍କା, ହିପୋ ଆଉଟଡୋର ସନ୍ ବ୍ଲକିଂ ବାଲକୋନି ଲୁପ୍ କର୍ଟେନ ୧୧୨୫ ଟଙ୍କା, ବିସେଲ୍ ପୋର୍ଟେବଲ୍ ୱେଟ୍ ଏବଂ ଡ୍ରାଏ ଭ୍ୟାକ୍ୟୁମ୍ କ୍ଲିନର ୧୬,୯୯୦ ଟଙ୍କାରେ ଉପଲବ୍ଧ ରହିଛି।

# ଓଡ଼ିଶା ବଜାରରେ ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ କ୍ଲାସିକ ୬୫୦


ରୟାଲ ଏନ୍‌ଫିଲ୍ଡର 'ଅଲ୍ ନ୍ୟୁ କ୍ଲାସିକ ୬୫୦' ମଡେଲ ଖିମ୍‌ଜୀ ଅଟୋମୋବାଇଲର ଫୁଲନଖରା ଶୋ'ରୁମ୍‌ରେ ଅନାବରଣ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଏଏସ୍‌ଏମ୍ ଭିକ୍ଟୋର ଓଷ୍ଟାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।


ରୟାଲ ଏନ୍‌ଫିଲ୍ଡର 'ଅଲ୍ ନ୍ୟୁ କ୍ଲାସିକ ୬୫୦' ମଡେଲ ଜୟବାବା ଅଟୋମୋବାଇଲ୍ସର ସାମନ୍ତରାପୁର ଶୋ'ରୁମ୍‌ରେ ଅନାବରଣ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଆର୍‌ସି ଚନ୍ଦନ ଗୋରାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।


ରୟାଲ ଏନ୍‌ଫିଲ୍ଡର 'ଅଲ୍ ନ୍ୟୁ କ୍ଲାସିକ ୬୫୦' ମଡେଲ ଗୁଗ୍‌ନାନୀ ଅଟୋମୋବାଇଲ୍ସର ମଞ୍ଚେଶ୍ୱର ଶୋ'ରୁମ୍‌ରେ ଅନାବରଣ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡ ଶୋ'ରୁମ୍‌ର ଏସ୍‌ଏମ୍ ପ୍ରଭାତ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଅଭନୀଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରେଳମନ୍ତ୍ରୀ ଉତ୍ତରଦାୟିତ୍ୱ ତୁଲାଇନାହାନ୍ତି: ଭକ୍ତ

ଭୁବନେଶ୍ୱର,୩୦।୩
(ରବିନାରାୟଣ ଜେନା)

ଚୌଦ୍ୱାର ମଙ୍ଗୁଳିଠାରେ ରବିବାର ଘଟିଥିବା ରେଳ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

ଭକ୍ତ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ରେଳ ଦୁର୍ଘଟଣାରେ ମୁଁ ଗଭୀର ମର୍ମାହତ। ସାରା ଭାରତରେ ବିଶେଷ କରି ଓଡ଼ିଶାରେ ବାରମ୍ବାର ରେଳ ଦୁର୍ଘଟଣା ଘଟୁଛି। ବହୁ ମୂଲ୍ୟବାନ ଜୀବନ ଯିବା ସହ ଧନସମ୍ପତ୍ତି ନଷ୍ଟ ହେଉଛି। ରେଳ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁ ଏଭଳି ରେଳ ଦୁର୍ଘଟଣା ବାରମ୍ବାର ଘଟୁଛି। ରେଳ ଦୁର୍ଘଟଣା ରୋକିବା ପାଇଁ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବର୍ତ୍ତମାନର ରେଳମନ୍ତ୍ରୀଙ୍କ ସମୟରେ ଭାରତ ବର୍ଷରେ ସବୁଠାରୁ ଅଧିକ ଭୟଙ୍କର ଓ ମର୍ମନ୍ତୁଦ ରେଳ ଦୁର୍ଘଟଣା ଘଟୁଛି। ରେଳମନ୍ତ୍ରୀ ଏଭଳି ଘଟଣାରେ ନିଜର ଉତ୍ତରଦାୟିତ୍ୱ ଦେଖାଉ ନାହାନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ଭକ୍ତ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ। ସେ କହିଛନ୍ତି, ରେଳବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ନ୍ୟାୟୋଚିତ ଅନୁକମ୍ପାମୂଳକ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉ। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତୁ। ଆଜିର ରେଳ ଦୁର୍ଘଟଣା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ଅବହେଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭକ୍ତ ଦାବି କରିଛନ୍ତି।



ମହାରାଷ୍ଟ୍ରର ନାଗପୁରଠାରେ ଆର୍‌ଏସ୍‌ଏସ୍ ମୁଖ୍ୟାଳୟରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନ୍‌ବିସ୍ ଓ ଅନ୍ୟମାନେ।

# ଆଉ ଏକ ହିନ୍ଦୁ ପାର୍ଟି ଗଢ଼ିବି: ବାସଙ୍ଗୌଡା

## ଭାଜପାରୁ ବହିଷ୍କୃତ ବିଧାୟକଙ୍କ ଦାବି

ବିଜୟପୁରା, ୩୦ ।୩

ନିକଟରେ ଦଳବିରୋଧୀ କାର୍ଯ୍ୟ ପାଇଁ ଭାଜପାରୁ ବହିଷ୍କୃତ ହୋଇଥିବା କର୍ନାଟକ ବିଧାୟକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାସଙ୍ଗୌଡା ପାଟିଲ ୟତନଲ ରାଜ୍ୟରେ ନୂତନ ହିନ୍ଦୁ ପାର୍ଟି ଗଢ଼ିବେ ବୋଲି ରବିବାର ସୂଚନା ଦେଇଛନ୍ତି। ଯଦି ଗୈରିକ ପାର୍ଟି ବି. ୱାଇ ବିଜେନ୍ଦ୍ରଙ୍କୁ ରାଜ୍ୟ ସଭାପତି ଓ ତାଙ୍କ ପିତା ବି. ଏସ୍. ୟେଦ୍ୟୁରପ୍ପାଙ୍କ ବଂଶଗତ ରାଜନୀତିକୁ ସମର୍ଥନ କରେ, ତା'ହେଲେ ସେ ଏଭଳି ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏବେ ମଧ ସେ ଭାଜପାକୁ ମା' ଭାବେ ସମ୍ମାନ ଦିଅନ୍ତି। ତାଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କୌଣସି ମତଭେଦ ନାହିଁ। ନୂଆ ପାର୍ଟି ଗଠନ ପାଇଁ ସେ ସମର୍ଥକଙ୍କ ସହ ଆଲୋଚନା କରି ଲୋକଙ୍କ ମତ ନେବେ। ସମ୍ଭବ ହେଲେ ବିଜୟା ଦଶମୀରେ ସେ ନୂଆ ଦଳ ଗଢ଼ିବେ ବୋଲି ବାସଙ୍ଗୌଡା କହିଛନ୍ତି। ରାଜ୍ୟର ହିନ୍ଦୁ କର୍ମକର୍ତ୍ତାଙ୍କଠାରୁ ସେ ଏନେଇ ଅନେକ ବାର୍ତ୍ତା ପାଉଛନ୍ତି। ବର୍ତ୍ତମାନ ରାଜ୍ୟ ଭାଜପା ଅଧୀନରେ କର୍ନାଟକରେ ହିନ୍ଦୁମାନେ ସୁରକ୍ଷିତ ନାହାନ୍ତି। ସେଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା, ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ଓ ଅନ୍ୟ କଂଗ୍ରେସ ନେତାଙ୍କ ସହ ଖାପଖାଇ ଚାଲୁଛନ୍ତି। ସୂଚନାଯୋଗ୍ୟ, ଦଳୀୟ ଶୃଙ୍ଖଳା ବାରମ୍ବାର ଭଙ୍ଗ କରୁଥିବାରୁ ଗତ ବୁଧବାର ଭାଜପା ତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କାର କରିଛି।

**BIRTHDAY WISH**



**AVNEESH NANDA**
S/o- Gayatri & Sambit
B-2/305, Parkwoods
May Lord Jagannath bless you with bright future and good health on this 8th
HAPPY BIRTHDAY
Jeje Bapa & Jeje Maa
Cuttack Road, Bhubaneswar
ଧ-୬୬୪୩୬

# ୨ ଥର ଭୁଲ୍ କରିଛି, ଆଉ କରିବିନି: ନୀତୀଶ



ପାଟନାର ବାପୁ ଅଡିଟୋରିୟମ୍‌ରେ ଆୟୋଜିତ ବିହାର ସମବାୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସହ କେନ୍ଦ୍ର ସହଯୋଗ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟମାନେ।

ପାଟନା,୩୦।୩

ଅତୀତରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୨ ଥର ଛାଡ଼ି ଗୋଟିଏ ଭୁଲ୍‌କୁ ଦୋହରାଇଥିଲି। ଆଗକୁ ଏଭଳି ଭୁଲ୍ ହେବ ନାହିଁ ବୋଲି ରବିବାର ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର କହିଛନ୍ତି। ପାଟନାର ବାପୁ ଅଡିଟୋରିୟମ୍‌ରେ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ନୀତୀଶ କହିଥିଲେ, ସେ ଗୋଟିଏ ଭୁଲ୍‌କୁ ୨ ଥର କରିଥିଲେ, ଯାହାର ପୁନରାବୃତ୍ତି ଆଉ କରିବେ ନାହିଁ।

ବିହାରରେ ସମବାୟ କ୍ଷେତ୍ରରେ ଆସିଥିବା ପ୍ରଗତିର ଶ୍ରେୟ ସେ ଶାହାଙ୍କୁ ଦେଇଛନ୍ତି। ଏତିକି ନୁହେଁ, ପୂର୍ବ ସହଯୋଗୀ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ ଓ ତାଙ୍କ ସ୍ତ୍ରୀ ରାବ୍‌ରୀ ଦେବୀଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ନୀତୀଶ କହିଛନ୍ତି, ୨୦୦୫ ପୂର୍ବରୁ ରାଜ୍ୟ ଆଗେଇ ପାରୁ ନ ଥିଲା। ସେମାନଙ୍କ ସମୟରେ ସନ୍ଧ୍ୟା ହେଲେ ଲୋକେ ବାହାରି ପାରୁ ନ ଥିଲେ। କିନ୍ତୁ ସେ କ୍ଷମତାକୁ ଆସିବା ପରଠାରୁ ଶାସନର ଚିତ୍ର ବଦଳିଯାଇଛି। ମହିଳା ସଶକ୍ତୀକରଣର ବିକାଶ ମଡେଲ ବର୍ତ୍ତମାନ ଜାତୀୟ ସ୍ୱୀକୃତି ଲାଭ କରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଶାହା ଏହି ଅବସରରେ ୮୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସଂଯୁକ୍ତ ଜନତା ଦଳ ନେତା ନୀତୀଶଙ୍କ ନେତୃତ୍ୱରେ ଏନ୍‌ଡିଏ ନିର୍ବାଚନ ଲଢ଼ିବା ଏକପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ଏନ୍‌ଡିଏର ଅନ୍ୟ ସହଯୋଗୀ ଦଳଗୁଡ଼ିକ ମଧ ନୀତୀଶଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି।

# ବାପାଙ୍କୁ ଅନୁସରଣ କଲେ ଶୁଭଶ୍ରୀ

## ବନ୍ଦେ ଉତ୍କଳ ଜନନୀ ଗାନବେଳେ ବସି ରହିଲେ

ସମ୍ବଲପୁର,୩୦।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ଅନ୍ତ୍ୟୋଦୟ ଯୋଜନାର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପଦାଙ୍କ ଅନୁସରଣ କରିଛନ୍ତି ତାଙ୍କ ଝିଅ ଶୁଭଶ୍ରୀ ମିଶ୍ର। 'ବନ୍ଦେ ଉତ୍କଳ ଜନନୀ' ଗୀତ ବାଜିବା କ୍ଷଣି ପ୍ରେକ୍ଷାଳୟରେ ଉପସ୍ଥିତ ସମସ୍ତେ ଛିଡା ହୋଇ ସମ୍ମାନ ଜଣାଇଥିଲେ। ହେଲେ ଜୟନାରାୟଣଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧିଭାବେ ଯୋଗ ଦେଇଥିବା ଝିଅ ଶୁଭଶ୍ରୀ ତାଙ୍କର ଜଣେ ସମର୍ଥକଙ୍କ ସହ ଗୀତ ଚାଲିଥିବାବେଳେ ଆସନରେ ବସି ରହିଥିଲେ। ଏହି ସମୟରେ ପୂର୍ବତନ ରେଙ୍ଗାଲି ବିଧାୟକ ତଥା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ନାଉରୀ ନାୟକଙ୍କ ସମେତ ଭାଜପାର ବହୁ ନେତା ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।

ସୂଚାନଯୋଗ୍ୟ, ଜୟନାରାୟଣ ପୂର୍ବରୁ ମଧ 'ବନ୍ଦେ ଉତ୍କଳ ଜନନୀ' ଗୀତକୁ ରାଜ୍ୟ ସଙ୍ଗୀତ ଭାବେ ଗ୍ରହଣ କରିବାକୁ ମନା କରିବା ସହ ଗୀତ ଗାନବେଳେ ଛିଡ଼ା ହେବାକୁ ମନା କରି ଆସିଛନ୍ତି। ତାଙ୍କୁ ଅନୁସରଣ କରି ଝିଅ ମଧ ସମାନ ବ୍ୟବହାର ଦେଖାଇଛନ୍ତି। ଏ ସଂକ୍ରାନ୍ତରେ ତାଙ୍କୁ ପଚାରିବାରୁ ସେ ପିତାଙ୍କ କଥାକୁ ଦୋହରାଇଛନ୍ତି। ସମ୍ବଲପୁରରେ ଭାଜପାର ଅଧିକାଂଶ କର୍ମୀ ଜୟନାରାୟଣଙ୍କ ସମର୍ଥକ ହୋଇଥିବା ସତ୍ତ୍ୱେ ସେମାନେ ସମସ୍ତେ 'ବନ୍ଦେ ଉତ୍କଳ ଜନନୀ' ବାଜିବା ସମୟରେ ଛିଡା ହେଉଛନ୍ତି। ଏହା ପଛରେ ଦଳର କାର୍ଯ୍ୟାନୁଷ୍ଠାନର ଡର ନା ଗୀତକୁ ସମ୍ମାନ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଆଜି ଜୟନାରାୟଣଙ୍କ ଅନେକ ସମର୍ଥକ ଗୀତ ବାଜିବା ସମୟରେ ଛିଡା ହୋଇ ରହିଥିଲେ।



ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ 'ବନ୍ଦେ ଉତ୍କଳ ଜନନୀ' ଗୀତ ବାଜିବା ସମୟରେ ବସି ରହିଛନ୍ତି।

**Classified Everyday**
0674-2580101, 9692975378



**REAL ESTATE**
**SALE**

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

Duplex sale with gated Society near AIIMS Hospital, Bhubaneswar. 9777433701. D-76253

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

ମୁଁ, ଗୌରୀ ପ୍ରସାଦ ସିଂହ, ପିତା- ସ୍ୱର୍ଗତ ନୀଳକଣ୍ଠ ସିଂହ, ଗ୍ରାମ- ହାଟବଜାର, ପୋଷ୍ଟ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଯୋଗାଯୋଗ ସଂଖ୍ୟା- 8018625848, ସତ୍ୟପାଠ କରି ବିଜ୍ଞାପନ ମାଧ୍ୟମରେ ସୂଚନା ଦେଉଅଛି କି, ମୋର ଓରିଜିନାଲ କବଲା ନମ୍ବର- 3597/1993 ଗତ ତା 04.03.2025 ରିଖରେ ଜଟଣୀରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କବଲା ପାଆନ୍ତି, ତେବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛି । D-3480

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Piyusha Ranjan Panda, S/o- Late Trilochan Panda, Village- Ostapal, P.O.- Ghatipiri, P.S.- Sadar, Dist.- Dhenkanal, PIN- 759015, Odisha declare by this affidavit No.- 2292, dtd. 26.03.2025 that now onwards myself I shall be known as PIYUSH RANJAN PANDA for all future purposes. D-73585

By virtue of an affidavit sworn before Executive Magistrate, Bhubaneswar, dated 28.03.2025, I, Dali Debasmita Sahoo, W/o- Rakesh Kumar Sahoo, Plot No.- 816/ 3273, Nilakantheswar Marg, Baramunda, Bhubaneswar, declare that I have changed my name from Dali Gochhayat to Dali Debasmita Sahoo. Henceforth, I shall be known as Dali Debasmita Sahoo for all purpose.
Dali Debasmita Sahoo
D-3478

**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୩୪୬୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅଜିତ୍ ମୁଦୁଲି**
ବାଲାଜି Complex, Jharpada Jail Road, Bhubaneswar
ଆବିର୍ଭାବ: ୧୦।୦୩।୧୯୬୯
ତିରୋଧାନ: ୨୧।୦୩।୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତୁମର ହତଭାଗ୍ୟ: ମାଳା, ଟୁଟୁ, ଅନୁ, ଲିଟୁ, ପିଙ୍କି, ଆୟୁଷ୍ମାନ, ନେହା ଓ ଆତ୍ମୀୟସ୍ୱଜନବୃନ୍ଦ ।
ଧ-୩୪୨୨

**୧୫ତମ ଶ୍ରାଦ୍ଧବାର୍ଷିକୀ**



**୰ସଦାଶିବ ପ୍ରଧାନ**
ନୀଳଚକ୍ର ନଗର, ପୁରୀ
ଆବିର୍ଭାବ: ୨୫।୦୪।୧୯୪୨
ତିରୋଧାନ: ୧୮।୦୩।୨୦୧୦
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଝିଅ- ମଞ୍ଜୁବାଳା, ମମତା, ଜ୍ୱାଇଁ- କାହ୍ନୁ, ବିଶ୍ୱଜିତ୍, ନାତି- ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ ।
ଧ-୭୫୬୨୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିମାଇଁ ଚରଣ ନାୟକ**
ରାୟଗୁରୁ ବାସୁଦେଇପୁର, ବାଳକାଟୀ, ଖୋର୍ଦ୍ଧା
ଆବିର୍ଭାବ-୧୯୨୪
ତିରୋଧାନ- ତା୨୧।୦୩।୨୦୨୫
ଆପଣ ଆମକୁ ଶୋକ ସାଗରରେ ଭସାଇ ଦେଇ ଗଲେ ଅନେକ ଦୂରକୁ । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଉପଦେଶ, ଆଦର୍ଶକୁ ଓ ଅନୁପସ୍ଥିତିକୁ ଅନୁଭବ କରୁଛୁ ପ୍ରତିଟି ମୁହୂର୍ତ୍ତରେ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
-:ଇତି:-
ଶୋକସନ୍ତପ୍ତ ପୁତ୍ର: ଚକ୍ରଧର, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୭୬୪୩୫

# ଖାଦ୍ୟର ଗୁଣବତ୍ତା ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଆମର ଭାରତୀୟ ପାରମ୍ପରିକ ସ୍ୱାସ୍ଥ୍ୟ ବିଜ୍ଞାନରେ ବର୍ଣ୍ଣିତ ସ୍ୱାସ୍ଥ୍ୟର ହିତ ପାଇଁ ଉପଦେଶଗୁଡ଼ିକ ଆମେ ପାଳନ କରିବା ବିଧେୟ। ତେଣୁ ଋତୁ ଅନୁଯାୟୀ ଆହାର ବିହାର କରିବା ଉଚିତ। ଶରୀର ରୋଗରେ ପୀଡ଼ିତ ହୋଇ ତୀବ୍ର ହେଲେ କିମ୍ବା ରୋଗ ପୁରୁଣା ହେଲେ କେଉଁ ଖାଦ୍ୟ ଖାଇବେ ତାହା ଜାଣିବା ଦରକାର। ଆମର ମୌଳିକ ଚିକିତ୍ସା ଶାସ୍ତ୍ର ମତରେ ଆମ ଶରୀରରେ ହେଉଥିବା ରୋଗ ସାଧାରଣତଃ ଖାଦ୍ୟର ବିଷମତାରୁ ହିଁ ସୃଷ୍ଟି ହୋଇଥାଏ। ଆମ ଶରୀରରେ ଶ୍ୱେତ ରକ୍ତ କଣିକା, ଲୋହିତ ରକ୍ତ କଣିକା ସନ୍ତୁଳିତ ରହିବା ଦରକାର। ତା'ସହ ଶରୀରରେ ଜଳୀୟ ଅଂଶ ଠିକ୍ ରହିବା ଆବଶ୍ୟକ। ଉତ୍ତମ ସ୍ୱାସ୍ଥ୍ୟ ସୁଷମ ଆହାର ସହ ଦିନ, ମାସ, ସମୟ, ଋତୁ ଅନୁଯାୟୀ ଖାଦ୍ୟ ଉପରେ ହିଁ ନିର୍ଭର କରିଥାଏ।''





ଆମ ଦେଶ ଭାରତର ବିଭିନ୍ନ ରାଜ୍ୟରେ ଋତୁ ଅନୁସାରେ ଭିନ୍ନ ଭିନ୍ନ ରକମର ଖାଦ୍ୟ ଓ ଜୀବନଶୈଳୀ ରହିଛି। ଆମେ ଦିନଚର୍ଯ୍ୟା ଓ ଋତୁଚର୍ଯ୍ୟା ପାଳନ କରିବା ସହ ଋତୁ ଅନୁଯାୟୀ ଖାଦ୍ୟ, ବିଭିନ୍ନ ଋତୁରେ ମିଳୁଥିବା ଖାଦ୍ୟଶସ୍ୟ, ପନିପରିବା, ପାଚିଲା ଫଳ ଆଦିକୁ ଖାଦ୍ୟ ଭାବେ ଖାଇବା ଉଚିତ। ଏହାକୁ ଠିକ୍ ଭାବରେ ପାଳନ କଲେ ଆମେ ସର୍ବଦା ସୁସ୍ଥ, ସତେଜ ଓ ଦୀର୍ଘାୟୁ ହୋଇ ରହିପାରିବା। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଋତୁଚର୍ଯ୍ୟା ବିଷୟରେ ବର୍ଣ୍ଣନା କରାଯାଇଛି।

ବିଭିନ୍ନ ଋତୁ ଅନୁସାରେ ଆହାର ବିହାର ଠିକ୍ ଭାବେ ପାଳନ କରିବାକୁ ଋତୁଚର୍ଯ୍ୟା କୁହାଯାଏ। ଆମ ଦେଶରେ ୬ ଋତୁ ମଧ୍ୟରୁ ଶୀତ, ବସନ୍ତ, ଗ୍ରୀଷ୍ମ–ଏହି ତିନୋଟି ଋତୁକୁ 'ଆଦାନ କାଳ' କୁହାଯାଏ। ଏହି ସମୟରେ ଅର୍ଥାତ୍ ଜାନୁଆରୀ ୧୪ରୁ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି। ଏହି ଋତୁରେ ଆମ ଶରୀରରେ କଟୁ, ତିକ୍ତ, କଷାୟ ରସର ପ୍ରଭାବ ବୃଦ୍ଧି ପାଇଥାଏ। ବର୍ଷା, ଶରତ, ହେମନ୍ତ ଏହି ତିନୋଟି ଋତୁକୁ 'ବିସର୍ଗ କାଳ' କୁହାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ହୋଇଥାନ୍ତି। ଏହି ସମୟରେ ଆମ ମଧୁର, ଅମ୍ଳ ଓ ଲବଣ ରସର ପ୍ରଭାବ ହେତୁ ଶରୀରରେ ବଳ ବୃଦ୍ଧି ହୋଇଥାଏ।

ଋତୁ ଅନୁସାରେ କେଉଁ ଖାଦ୍ୟ କେଉଁ ଋତୁରେ ଖାଇବା ତାହା ଜାଣିବା ନିହାତି ଦରକାର। ପୁଣି ସେଗୁଡ଼ିକ ମଧ୍ୟ ସ୍ୱାସ୍ଥ୍ୟପ୍ରଦ ହୋଇଥିବା ଦରକାର। ଏସବୁ ବିଷୟରେ ଆମର ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ଶୀତଋତୁ(ପୌଷ, ମାଘ)ରେ ଶରୀରରେ କଫର ସଞ୍ଚୟ, ବାତର ପ୍ରକୋପ, ପିତ୍ତର କ୍ଷୟ ହୋଇଥାଏ। ଏହି ସମୟରେ ଶରୀରରେ ପାଚନ କ୍ରିୟା (ହଜମ ଶକ୍ତି) ଠିକ୍ ରହିଥାଏ। ତେଣୁ ସ୍ୱାସ୍ଥ୍ୟ ସତେଜ ଓ ସୁସ୍ଥ ରହିଥାଏ, ବସନ୍ତ ଋତୁ(ଫାଲ୍‌ଗୁନ ଓ ଚୈତ୍ର)ରେ ଶରୀରରେ କଫଦୋଷର ପ୍ରକୋପ ପିତ ଦୋଷର ସଞ୍ଚୟ ହୋଇ ବାତ ଦୋଷ ପ୍ରଶମନ ହେବାସହ ପାଚନ କ୍ରିୟା କମ ହୋଇଥାଏ। ତେଣୁ ଦିନବେଳା ନ ଶୋଇବା, ଗରିଷ୍ଠ ଖାଦ୍ୟ ଖାଇବା ଅନୁଚିତ। ଗ୍ରୀଷ୍ମ ଋତୁ (ବୈଶାଖ ଓ ଜ୍ୟେଷ୍ଠ)ରେ ଶରୀରରେ ବାୟୁ ଦୋଷର ସଞ୍ଚୟ, ପିତ୍ତ ପ୍ରକୋପ ସହ କଫ ଦୋଷର ପ୍ରଶମନ ହୋଇଥାଏ। ତେଣୁ ଏହି ଋତୁରେ ଶାରୀରିକ ପରିଶ୍ରମ କରିବା ଅନୁଚିତ। ଶୀତଳ ସ୍ଥାନରେ ରହିବା ସହ ସୂର୍ଯ୍ୟଙ୍କ ତାପରୁ ଦୂରେଇ ରହିବା ଉଚିତ। ଆହାରରେ ମଧୁର, ଶୀତଳ, ବିଭିନ୍ନ ପାଚିଲା ଫଳ ରସ ସେବନ କରିବା ସ୍ୱାସ୍ଥ୍ୟପ୍ରଦ ଅଟେ। ବର୍ଷା ଋତୁ(ଆଷାଢ଼ ଓ ଶ୍ରାବଣ) ଶରୀର ପାଇଁ ଆଦାନ କାଳ ହେତୁ ଏହି ଋତୁରେ ପିତ୍ତ ଦୋଷର ସଞ୍ଚୟ, ବାତର ପ୍ରକୋପ, କଫର ପ୍ରଶମନ ହୋଇଥାଏ। ତେଣୁ ଏ ଋତୁରେ ପାଣିକୁ ଭଲ ଭାବରେ ଫୁଟାଇ ପିଅନ୍ତୁ। ଏ ଋତୁରେ ଦିବାନିଦ୍ରା, ଅତ୍ୟଧିକ ବ୍ୟାୟାମ କରିବା ଅନୁଚିତ। ଶରତ ଋତୁ (ଭାଦ୍ରବ ଓ ଆଶ୍ୱିନ)ରେ ଶରୀରରେ ପିତ୍ତ ଦୋଷର ପ୍ରକୋପ, ବାତର ସଞ୍ଚୟ ଓ କଫ ଦୋଷର ପ୍ରଶମନ ହୋଇଥାଏ। ଏହି ଋତୁରେ ଦିବାନିଦ୍ରା, ଅଧିକ ବ୍ୟାୟାମ କରିବା ଅନୁଚିତ, ହେମନ୍ତ ଋତୁ (କାର୍ତ୍ତିକ ଓ ମାର୍ଗଶିର)ଋତୁ ବିସର୍ଗ କାଳ ଅଟେ। ଏହି ଋତୁରେ ଶରୀରର ଆବଶ୍ୟକତା ଅନୁଯାୟୀ ବ୍ୟାୟାମ କରିବା, ଉଷ୍ମ ଜଳ ସ୍ନାନ, ସେବନ କରିବା ଉଚିତ। ଏହି ଋତୁରେ ଶରୀରରେ ଠିକ୍ ଭାବେ ପାଚନ କ୍ରିୟା ହୋଇଥାଏ। ବର୍ଷର ଋତୁ ଅନୁଯାୟୀ ଆମେ ନିଜର ଖାଦ୍ୟ ଓ ଚାଲିଚଳଣି ଠିକ୍ ରଖିଲେ ଆମ ସ୍ୱାସ୍ଥ୍ୟ ସୁସ୍ଥ ରହିପାରିବ।

ଆମର ଭାରତୀୟ ପାରମ୍ପରିକ ସ୍ୱାସ୍ଥ୍ୟ ବିଜ୍ଞାନରେ ବର୍ଣ୍ଣିତ ସ୍ୱାସ୍ଥ୍ୟର ହିତ ପାଇଁ ଉପଦେଶଗୁଡ଼ିକ ଆମେ ପାଳନ କରିବା ବିଧେୟ। ତେଣୁ ଋତୁ ଅନୁଯାୟୀ, ଆହାର ବିହାର କରିବା ଉଚିତ। ଶରୀର ରୋଗରେ ପୀଡ଼ିତ ହୋଇ ତୀବ୍ର ହେଲେ କିମ୍ବା ରୋଗ ପୁରୁଣା ହେଲେ କେଉଁ ଖାଦ୍ୟ ଖାଇବେ ତାହା ଜାଣିବା ଦରକାର। ଆମର ମୌଳିକ ଚିକିତ୍ସା ଶାସ୍ତ୍ର ମତରେ ଆମ ଶରୀରରେ ହେଉଥିବା ରୋଗ ସାଧାରଣତଃ ଖାଦ୍ୟର ବିଷମତାରୁ ହିଁ ସୃଷ୍ଟି ହୋଇଥାଏ। ଆମ ଶରୀରରେ ଶ୍ୱେତ ରକ୍ତକଣିକା, ଲୋହିତ ରକ୍ତକଣିକା ସନ୍ତୁଳିତ ରହିବା ଦରକାର। ତା'ସହ ଶରୀରରେ ଜଳୀୟ ଅଂଶ ଠିକ୍ ରହିବା ଆବଶ୍ୟକ। ଉତ୍ତମ ସ୍ୱାସ୍ଥ୍ୟ ସୁଷମ ଆହାର ସହ ଦିନ, ମାସ, ସମୟ, ଋତୁ ଅନୁଯାୟୀ ଖାଦ୍ୟ ଉପରେ ହିଁ ନିର୍ଭର କରିଥାଏ। ଏତଦ୍ ସହ ସବୁ ମନୁଷ୍ୟର ନିଜର ଶରୀରରେ ପାଚନକ୍ରିୟା ସମାନତା ନଥାଏ। ସମବୟସ୍କ ହେଲେ ମଧ୍ୟ କେଉଁ ବ୍ୟକ୍ତିଙ୍କ ରୁଟି ଖାଇଲେ ଅମ୍ଳ ଦୋଷ ହେଉଥିବା ବେଳେ ଆଉ କାହାର କ୍ଷୀର ପିଇଲେ ବାୟୁ ଦୋଷ ହୋଇଥାଏ। ତେଣୁ ନିଜ ଶରୀରକୁ ସୁହାଇଲା ଭଳି ଖାଦ୍ୟ ଖାଇବା ଜରୁରୀ। ସେହିପରି ସ୍ଥାନ ତଥା ଜଳବାୟୁ ଅନୁଯାୟୀ ଖାଦ୍ୟ ଖାଇବା ଉଚିତ। ସାଧାରଣତଃ ଆମ ରାଜ୍ୟରେ ଦୈନନ୍ଦିନ ଖାଦ୍ୟ ଭାବେ ଭାତକୁ ଗୁରୁତ୍ୱ ଦେଇଥାଉ। ଛୋଟ ପିଲାଙ୍କୁ ଦୋରନ୍ଧା ଭାତ ଦେଇଥାଉ। ସ୍ଥାନ, ରୁଚି ଏବଂ ଋତୁ ଚକ୍ରର ସମୟ ଅନୁଯାୟୀ ଖାଦ୍ୟ ହିଁ ସ୍ୱାସ୍ଥ୍ୟକାରକ। ଶୀତ ସମୟରେ ଯେଉଁ ଖାଦ୍ୟ ଆମେ ଆହାର ଭାବେ ଗ୍ରହଣ କରିଥାଉ ତାହା ଗ୍ରୀଷ୍ମ ସମୟରେ ବର୍ଜନୀୟ। କାରଣ ଗ୍ରୀଷ୍ମ ସମୟରେ ଶୀତଳ ଥଣ୍ଡା ଖାଦ୍ୟର ଆବଶ୍ୟକତା ଥିବା ବେଳେ ଶୀତ ସମୟରେ ଉଷ୍ମ ଖାଦ୍ୟ ସ୍ୱାସ୍ଥ୍ୟକାରକ। ବାଲ୍ୟ ଅବସ୍ଥା, ଯୁବାବସ୍ଥା, ବୃଦ୍ଧାବସ୍ଥାରେ ପାଚନ କ୍ରିୟା ଅନୁଯାୟୀ ଖାଦ୍ୟ ଖାଇବା ଉଚିତ। ଏସବୁ ସହ ଆମେ ଆମର ଦୈନନ୍ଦିନ ଖାଦ୍ୟର ମାତ୍ରା ଉପରେ ନିୟନ୍ତ୍ରଣ ରଖିବା ଉଚିତ। ତେଣୁ ସବୁବେଳେ ଯେତେ ସମ୍ଭବ କମ୍ ଆହାର ସେବନ ସ୍ୱାସ୍ଥ୍ୟପ୍ରଦ ଅଟେ। ଶାସ୍ତ୍ର ବର୍ଣ୍ଣିତ ଏସବୁକୁ ଆମେ ମାନି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀର ସୁସ୍ଥ ସତେଜ ରହିଥାଏ। ଏହାବ୍ୟତୀତ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ମନୁଷ୍ୟ ଦୀର୍ଘାୟୁ ହେବାରେ ସମ୍ଭାବନା ଅଧିକ ଥାଏ।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ଔଷଧ ଖାଇବା ସମୟରେ...



ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। କିନ୍ତୁ ଔଷଧ କିଣିବା ବେଳେ ହେଉ ଅବା ଖାଇବା ବେଳେ କେତେକ ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକ ପସନ୍ଦ କରିଥାଆନ୍ତି। ଯଦି ଆପଣ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। କୌଣସି ଔଷଧକୁ ନେଇ ମନରେ ଯଦି କିଛି ପ୍ରଶ୍ନ ଆସୁଛି ତେବେ ସେ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ମନକୁ ମନ କିମ୍ବା କୌଣସି ଔଷଧ ବିଷୟରେ ଠିକ୍ ଭାବରେ ନଜାଣି ତାହାକୁ ଆଣନ୍ତୁ ନାହିଁ କି ଖାଆନ୍ତୁ ନାହିଁ। ମନକୁ ମନ ଔଷଧ ଖାଇବା ବନ୍ଦ କରି ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଘରେ ଯଦି କିଛି ମେଡିସିନ୍ ରଖୁଛନ୍ତି ତେବେ ତାହାର ଏକ୍ସପାୟେରି ତାରଖକୁ ଡାଏରୀରେ ଔଷଧ ନାମ ସହ ଲେଖି ରଖନ୍ତୁ।

## ଅଧିକ ସମୟ ଭିଡିଓ ଗେମ୍ ଖେଳୁଥିଲେ...

ଭିଡିଓ ଗେମ୍ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଯୁବପିଢ଼ି ବି ପଛରେ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ, ହେଲେ ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ। ଅନେକଙ୍କର ଏହା ଏବେ ଅଭ୍ୟାସରେ ପଡ଼ିଯାଇଛି। ଭିଡିଓ ଗେମ୍ ଖେଳିବା ଏକ ଅଭ୍ୟାସରେ ପରିଣତ ହୋଇଗଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିଥାଏ। କେବଳ ସେତିକି ନୁହେଁ, ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଭଳି ଅଭ୍ୟାସ ଯୋଗୁଁ କାର୍ଯ୍ୟ କରିବା ପ୍ରତି ଆଗ୍ରହ ମଧ୍ୟ କମିଯାଏ। ବିଶେଷଭାବରେ ପିଲାମାନେ ଏ ନେଇ ସତର୍କ ହେବା ନିହାତି ଦରକାର।

## ଚିନ୍ତାଧାରା ରହିବ ସକାରାତ୍ମକ



ସବୁବେଳେ ଖୁସିରେ ରହିବାକୁ ଅନେକ ଆଶା ରଖନ୍ତି। ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାକୁ କିଏ ବା ନ ଚାହେଁ? ହେଲେ ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଚିନ୍ତାଧାରାରେ ବ୍ୟତିବ୍ୟସ୍ତ ନ ହୋଇ ତାହାର ସମାଧାନ ଉପାୟ ବାହାର କରନ୍ତୁ। ଏଭଳି ପରିବେଶଷର ରୁହନ୍ତୁ ଯେପରି ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିବ। ଚିନ୍ତାଧାରା ଯଦି ସବୁବେରେଳ ନକାରାତ୍ମକ ରହିଲା, ତେବେ ତାହାରି ଖରାପ ପ୍ରଭାବ ଜୀବନଶୈଳୀ ଉପରେ ପଡିଥାଏ। ହାଲକା ମନରେ କାମ କରନ୍ତୁ। ମନ ଯଦି ଭାରାକ୍ରାନ୍ତ ଲାଗୁଛି ତେବେ ମନ କିପରି ପ୍ରଫୁଲ୍ଲ ରହିବ ସେ ନେଇ ଚିନ୍ତା କରନ୍ତୁ। ନିଜର ଦୋଷତ୍ରୁଟିକୁ କେବେ ଅବହେଳା କରନ୍ତୁ ନାହିଁ। ତାହାକୁ ତର୍ଜମା କରନ୍ତୁ। ଅବସାଦ ଏବଂ ଟେନ୍‌ସନ୍ ଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କିଛି ମାନସିକ ସମସ୍ୟା ଥିଲେ ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଅନ୍ୟପକ୍ଷରେ ସବୁବେଳେ ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରନ୍ତୁ।

## ମେଦ ହ୍ରାସର ସହଜ ଉପାୟ

ଅମୃତଭଣ୍ଡାର ଅନେକ ବିଶେଷ ଗୁଣ ରହିଛି, ଯାହା ଆମ ସ୍ୱାସ୍ଥ୍ୟ ବେଶ୍ ଉପଯୋଗୀ। ଆପଣ ମେଦ ବା ଓଜନ ବୃଦ୍ଧି ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅମୃତଭଣ୍ଡା ସାମିଲ କରନ୍ତୁ। ଏଥିରେ ପପେନ୍ ନାମକ ତତ୍ତ୍ୱ ରହିଛି, ଯାହା ଆମ ଶରୀରର ଓଜନ କମାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କେବଳ ସେତିକି ନୁହେଁ, ଅମୃତଭଣ୍ଡାରେ କ୍ୟାଲୋରୀ ପରିମାଣ କମ୍ ଥାଏ। ତେଣୁ ଏହାକୁ ଖାଇବା ଦ୍ୱାରା ଆମ ଶରୀରର ଓଜନ କମିଥାଏ। ଏତଦ୍‌ବ୍ୟତୀତ ଏହାକୁ ଖାଇବା ଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଏଥିରେ ଥିବା ଆଣ୍ଟି–ଅକ୍ସିଡ଼ାଣ୍ଟ ତତ୍ତ୍ୱ ହୃତ୍‌ପିଣ୍ଡ ଓ ମସ୍ତିଷ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ମଧ୍ୟ ପାଚନ କ୍ରିୟାକୁ ଦୃଢ଼ ରଖେ।



## ସୁସ୍ଥ ଶରୀର ଅନ୍ତରାଳେ...



ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆଜିକାଲିର ବ୍ୟସ୍ତମୟ ଜୀବନରେ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ନିହାତି ଦରକାର। ତେଣୁ ନିଜର ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଠିକ୍ ସମୟରେ ଖାଇବା ଏବଂ ଆବଶ୍ୟକ ମୁତାବକ ପାଣି ପିଇବା ଆବଶ୍ୟକ। ନିଜକୁ ସୁସ୍ଥ ରଖିବାକୁ ହେଲେ ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ସବୁଜ ପନିପରିବାରୁ ପ୍ରସ୍ତୁତ ତରକାରି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏକାଥରେ ପୁଳାଏ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆବଶ୍ୟକ ମୁତାବକ ଖାଦ୍ୟ ଖାଆନ୍ତୁ। ଅଧିକ ତୈଳଜାତୀୟ ଖାଦ୍ୟ, ଫାଷ୍ଟଫୁଡ୍ ଯେତେ କମ୍ ଖାଇବେ ତାହା ସେତେ ଭଲ। ବାହାର ଖାଦ୍ୟ ଯଦି ଅଧିକ ଖାଉଛନ୍ତି ତେବେ ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ସବୁବେଳେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିୟମିତ ବ୍ୟାୟାମ କରନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏସବୁ ବ୍ୟତୀତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ନିଜକୁ ସୁସ୍ଥ ରଖିବାକୁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ଜାଣି ରଖନ୍ତୁ



- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ ଭାବରେ ଏହା ଥଣ୍ଡାରୁ ଉପଶମ ଦେଇଥାଏ। ପ୍ରତିଦିନ ସକାଳୁ ଉଷ୍ମ ପାଣି ମହୁ ମିଶାଇ ପିଇପାରନ୍ତି।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଦାନ୍ତଜନିତ ସମସ୍ୟା ଥିଲେ ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା'ସହ ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟରେ ଦାନ୍ତ ଘଷନ୍ତୁ। ଅତିକମ୍‌ରେ ଛଅ ମାସରେ ନିଜ ଟୁଥବ୍ରଶ୍‌କୁ ବଦଳାଇବା ଦରକାର।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଅଭ୍ୟାସ ବଦଳାନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖି ଖୁସିରେ ରହିବା ଭଲ। ଏହା ସେମାନଙ୍କ ମନରେ ସକାରାତ୍ମକ ଭାବନା ବଢ଼ାଇଥାଏ।
- ସକାଳୁ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି କି? ତେବେ କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ଖାଇବା ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ। ଅନ୍ୟପକ୍ଷରେ ଏହା ରକ୍ତ ସଞ୍ଚାଳନକୁ ମଧ୍ୟ ପ୍ରଭାବିତ କରିଥାଏ।
- ଡାଇବେଟିସ୍ ସମସ୍ୟା ଥିଲେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ହୋଇଥାଏ।
- ପ୍ରତିଦିନ ସକାଳୁ ବିଛଣା ଛାଡିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ।
- ଅଧିକ ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହା ଶରୀରରେ କୋଲେଷ୍ଟରଲ୍ ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ବିଶେଷଭାବରେ ଏହାକୁ ବ୍ରେକଫାଷ୍ଟ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।



## ପ୍ଲାଷ୍ଟିକ ସାମଗ୍ରୀ ଓ ସ୍ୱାସ୍ଥ୍ୟ ସମସ୍ୟା



ମନୁଷ୍ୟ ଦୈନନ୍ଦିନ ନିଜର ବ୍ୟବହାର କରୁଥିବା ସାମଗ୍ରୀ ଭିତରେ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନ ଅନ୍ୟତମ। ପ୍ଲାଷ୍ଟିକଜାତ ଦ୍ରବ୍ୟ ଭିତରେ ପ୍ଲାଷ୍ଟିକ ଚେୟାର ଟେବୁଲ, ପିଲାମାନଙ୍କ ପ୍ଲାଷ୍ଟିକ ଖେଳନା ସାମଗ୍ରୀ, କୁରକୁରି, ଅଟା, ଚା'ପତ୍ର, ବିସ୍କୁଟ ଆଦି ବିଭିନ୍ନ ଖାଦ୍ୟ ଦ୍ରବ୍ୟ ରଖାଯାଇଥିବା ପ୍ୟାକେଟ, ପଲିଥିନ ବ୍ୟାଗ, ପାଣିବଟଲ ସମେତ ସାଇକେଲ, ହେଲମେଟ, ଏଆର ବ୍ୟାଗ, ମୋବାଇଲ ଆଦି ବହୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଅନ୍ତର୍ଭୁକ୍ତ। ଆମେ ବ୍ୟବହାର କରିସାରିବା ପରେ ଉକ୍ତ ପ୍ଲାଷ୍ଟିକ ଓ ପଲିଥିନକୁ ଏଣେତେଣେ ଫୋପାଡ଼ି ଦେଇଥାଉ। ଏଗୁଡ଼ିକ କୁଢ଼କୁଢ଼ ଆବର୍ଜନା ଭାବେ ଗଦା ହୋଇ ପରିବେଶକୁ ପ୍ରଦୂଷିତ କରିଥାଏ। ସମୁଦ୍ରରେ ମଧ୍ୟ ହଜାର ହଜାର ଟନ୍ ପ୍ଲାଷ୍ଟିକ ସାମଗ୍ରୀ ଜମାହୋଇ ରହିଥିବାର ଦେଖାଯାଏ। ଏହି ପ୍ଲାଷ୍ଟିକ ସାମଗ୍ରୀ ସହଜରେ ମାଟି, ଜଳ କିମ୍ବା ଜଳବାୟୁରେ ସହଜରେ ଶହଶହ ବର୍ଷ ଧରି ବିଘଟନ ହୋଇ ପାରି ନ ଥାଏ। ଉଭୟ ଜଳଚର ଏବଂ ସ୍ଥଳଚର ପ୍ରାଣୀମାନେ ଏହାକୁ ଖାଇ ବିଭିନ୍ନ ପେଟ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ଆମେ ଦୈନନ୍ଦିନ ପ୍ଲାଷ୍ଟିକ ବୋତଲରେ ପାଣି ରଖି ପିଇବା ଦ୍ୱାରା ପ୍ଲାଷ୍ଟିକ ଓ ପାଣିର ବହୁ ସମୟ ଧରି ରହିବା ଦ୍ୱାରା ରାସାୟନିକ ପ୍ରତିକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶି ଶରୀରକୁ ପ୍ରବେଶ କରେ, ଫଳରେ ପେଟ ଜନିତ ସମସ୍ୟା ସୃଷ୍ଟି କରିଥାଏ। ତା'ସହ ଲିଭର, କିଡ୍‌ନୀ ଏବଂ ରକ୍ତକଣିକାରେ ମିଶି କ୍ୟାନ୍‌ସର, ଶାରୀରିକ ଅକ୍ଷମତା, ରୋଗପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି କରିଥାଏ। ତେଣୁ ଏଭଳି ଜିନିଷ ବ୍ୟବହାର ନେଇ ଆମେ ସଚେତନ ହେବା ଅତ୍ୟନ୍ତ ଜରୁରୀ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୧/୨୦୨୫ Bhubaneswar, Monday, March 31/ 2025

# ଦ୍ୱିତୀୟ ବିଜୟ ସହ ୨ୟରେ ଦିଲ୍ଲୀ

## ୫ ଉଇକେଟ ସହ ଷ୍ଟାର୍କ ପ୍ଲେୟର ଅଫ୍ ଦି ମ୍ୟାଚ



ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ମିଚେଲ ଷ୍ଟାର୍କ।

**ବିଶାଖାପାଟଣା, ୩୦।୩**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରବିବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ଯୋଗୁ ଚର୍ଚ୍ଚାରେ ରହିଥିବା ସନ୍‌ରାଇଜର୍ସ କ୍ରମାଗତ ଦ୍ୱିତୀୟ ଥରପାଇଁ ବଡ଼ ସ୍କୋର କରିବାରେ ବିଫଳ ହୋଇ ଏଠାରେ ୧୮.୪ ଓଭରରେ ୧୬୩ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଜବାବରେ ଦିଲ୍ଲୀ ଦଳ ୧୬ ଓଭରରେ ୩ ଉଇକେଟ ହରାଇ ୧୬୬ ରନକରି ସହଜ ବିଜୟ ହାସଲ କରିଥିଲା। ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ କ୍ୟାପିଟାଲ୍ସ ୪ ପଏଣ୍ଟରେ ପହଞ୍ଚିବା ସହ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ସନ୍‌ରାଇଜର୍ସ ୩ମ୍ୟାଚରୁ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି।

ଟସ୍ ଜିତି ବ୍ୟାଟିଂ ନେଇଥିବା ସନ୍‌ରାଇଜର୍ସ ଅବିଶ୍ୱସନୀୟ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳରେ ତାରକା ଖଚିତ ଖେଳାଳି ଥିଲେ ହେଁ ଅନ୍‌କ୍ୟାପେଡ୍ ଅନିକେତ ବର୍ମା ସର୍ବାଧିକ ୭୪ ରନକରି ଦଳର ସମ୍ମାନ ରଖିଥିଲେ। ହେନରିଚ୍ କ୍ଲାସେନ ୩୨ ଓ ଟ୍ରାଭିସ ହେଡ୍ ୨୨ ରନ କରିଥିଲେ। ହାଇଦ୍ରାବାଦ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ। ସେ ୩୫ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଟପ୍ ଅର୍ଡରରେ ସେ ହେଡ୍‌ଙ୍କ ସମେତ ଇଶାନ କିଶନ (୨) ଓ ନୀତୀଶ ରେଡ୍ଡୀ (୦)ଙ୍କୁ ଶୀଘ୍ର ଆଉଟ କରି ସନ୍‌ରାଇଜର୍ସଙ୍କୁ ଯେଉଁ ଝଟ୍‌କା ଦେଇଥିଲେ ସେଥିରୁ ଦଳ ଶେଷ ପର୍ଯ୍ୟନ୍ତ ମୁକୁଳି ପାରି ନ ଥିଲା। କୁଲଦୀପ ଯାଦବ ମଧ୍ୟ ଭଲ ବୋଲିଂ କରି ୩ଟି ଓ ମୋହିତ ଶର୍ମା ଗୋଟିଏ ଉଇକେଟ ନେଇଥିଲେ।

୧୬୩ ରନ ବିଜୟ ଲକ୍ଷ୍ୟରେ ଦିଲ୍ଲୀର ଦୁଇ ଓପନର ଫାଫ୍ ଡୁପ୍ଲେସି ଓ ଜ୍ୟାକ ଫ୍ରାସର-ମ୍ୟାକଗ୍ରୁକ ପ୍ରଥମ ଉଇକେଟରେ ୫୫ ବଲ୍‌ରୁ ୮୧ ରନ ଯୋଗକରି ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲେ। ଡୁପ୍ଲେସି ୫୦, ମ୍ୟାକଗ୍ରୁକ ୩୮ ଓ ଲୋକେଶ ରାହୁଲ ୧୫ ରନକରି ଆଉଟ ହୋଇଥିବାବେଳେ ଅଭିଷେକ ପୋରେଲ ୧୮ ବଲ୍‌ରୁ ୩୪ (୨ ଚୌକା, ୨ ଛକା) ଓ ଟ୍ରିଷ୍ଟନ ଷ୍ଟବ୍ସ ୧୪ ବଲ୍‌ରୁ ୨୧ ରନରେ ଅପରାଜିତ ରହି ୨୪ଟି ବଲ୍ ବାକିଥାଇ ଦଳକୁ ବିଜୟ ମଣ୍ଡିତ କରିଥିଲେ। ହାଇଦ୍ରାବାଦ ପକ୍ଷରୁ କେବଳ ଜୀଶାନ ଅନସାରି ୩ଟି ଉଇକେଟ ନେଇଥିଲେ। ମିଚେଲ ଷ୍ଟାର୍କ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୧୬୩/ଅଲ୍‌ଆଉଟ (ଅନିକେତ ବର୍ମା-୭୪, ହେନରିଚ କ୍ଲାସେନ-୩୨, ମିଚେଲ ଷ୍ଟାର୍କ-୫/୩୫, କୁଲଦୀପ ଯାଦବ-୩/୨୨, ମୋହିତ ଶର୍ମା-୧/୨୫)। ଦିଲ୍ଲୀ କ୍ୟାପିଟାଲ୍ସ ୧୬ ଓଭରରେ ୧୬୬/୩ (ଫାଫ୍ ଡୁପ୍ଲେସି-୫୦, ଜ୍ୟାକ ଫ୍ରାସର ମ୍ୟାକଗ୍ରୁକ-୩୮, ଅଭିଷେକ ପୋରେଲ-୩୪*, ଜୀଶାନ ଅନସାରୀ-୩/୪୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ କୋଲକାତା**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜସ୍ଥାନ ରୟାଲ୍ସର ପ୍ରଥମ ବିଜୟ

**ଗୁଆହାଟୀ, ୩୦।୩**

ନୀତୀଶ ରାଣାଙ୍କ ବିସ୍ଫୋରକ ୮୧ ରନ ପରେ ୱାନିନ୍ଦୁ ହସରଙ୍ଗାଙ୍କ ପ୍ରଭାବୀ ବୋଲିଂ ସହାୟତାରେ ରାଜସ୍ଥାନ ରୟାଲ୍ସ ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଅନୁଷ୍ଠିତ ରୋମାଞ୍ଚକ ମ୍ୟାଚରେ ଏହି ଦଳ ଚେନ୍ନାଇ ସୁପର କିଙ୍ଗ୍ସକୁ ୬ ରନରେ ପରାସ୍ତ କରିଛି। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୮୨ ରନ କରିଥିଲା। ଜବାବରେ ଋତୁରାଜ ଓ ଜାଡେଜାଙ୍କ ଉଦ୍ୟମ ସତ୍ତ୍ୱେ ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୭୬ ରନ କରି ପାରିଥିଲା। ଗାଏକ୍ୱାଡ୍ ସର୍ବାଧିକ ୬୩ ରନ କରିଥିବାବେଳେ ଜାଡେଜା ୩୨ ରନରେ ଅପରାଜିତ ରହିଥିଲେ। ମହେନ୍ଦ୍ର ସିଂ ଧୋନୀ ୧୧ ବଲ୍‌ରୁ ୧୬ ରନକରି ଆଉଟ ହେବାସହ ଚେନ୍ନାଇ ବିଜୟ ମଳିନ ପଡ଼ି ଯାଇଥିଲା। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ହସରଙ୍ଗା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୩ ମ୍ୟାଚରୁ ଏହାଥିଲା ରାଜସ୍ଥାନର ପ୍ରଥମ ବିଜୟ। ଅନ୍ୟପକ୍ଷରେ ଚେନ୍ନାଇ ଦଳ ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଶୀର୍ଷ ଯଶସ୍ୱୀ ଜୟସ୍ୱାଲଙ୍କ ଉଇକେଟ ହରାଇଥିଲେ ହେଁ ନୀତୀଶ ରାଣାଙ୍କ ଧୂଆଁଧାର ୮୧ ଓ ଅଧିନାୟକ ରିୟାନ ପରାଗଙ୍କ ୩୭ ରନ ସହାୟତାରେ ୧୨ ଓଭର ଶେଷ ବେଳକୁ ୩ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା। ମାତ୍ର ପରବର୍ତ୍ତୀ ୮ ଓଭରରେ ଦଳ ୬ ଉଇକେଟ ହରାଇ ମାତ୍ର ୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ଭାଗରେ ଚେନ୍ନାଇ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଅନ୍ୟପକ୍ଷରେ ରାଜସ୍ଥାନ ଏକଦା ୨୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବା ଆଶା କରାଯାଉଥିଲେ ହେଁ ୧୮୨ରେ ସୀମିତ ରହି ଯାଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଖଲିଲ ଅହମଦ, ନୁର ଅହମଦ ଓ ମାଥିସା ପଥିରାନା ୨ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୮୨/୯ (ନୀନୀଶ ରାଣା-୮୧, ରିୟାନ ପରାଗ-୩୭, ଖଲିଲ ଅହମଦ-୨/୩୮, ନୁର ଅହମଦ-୨/୨୮, ମାଥିସା ପଥିରାନା-୨/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୪୬, ରବୀନ୍ଦ୍ର ଜାଡେଜା-୧/୧୦)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୬/୬ (ଋତୁରାଜ ଗାଏକ୍ୱାଡ୍-୬୩, ରବୀନ୍ଦ୍ର ଜାଡେଜା-୩୨*, ରାହୁଲ ତ୍ରିପାଠୀ-୨୩, ୱାନିନ୍ଦୁ ହସରଙ୍ଗା-୪/୩୫, ଜୋଫ୍ରା ଆର୍ଚର-୧/୧୩, ସନ୍ଦିପ ଶର୍ମା-୧/୪୨)।







INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Finance scheme is at the sole discretion of the financier, subject to its respective T&Cs. Available at select dealerships. Offer amount and combination of offer may vary for model/variant and states and it is applicable on select models only. Ex showroom price of Xtreme 125R in Bhubaneswar. For more details, please visit your nearest authorised Hero outlet. ^^Terms and Conditions apply.

TOLL FREE 1800 266 0018

**Authorized Dealers:** **Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, **Dharma Nagar** - 9289922184, Lakshmi Automotives, **Gajapati Nagar** - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero - 9289922736, **Jagatsinghpur:** Sunny Autobikes - 9289233592, **Authorized HeroSure Dealers:** **Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers:** **Rahama:** Sarala Automobiles - 9937018532, **Nimapara:** Basudev Automobiles -9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:**Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** JK Motors - 9040909925, **Semiliguda:** K P Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara - 9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.

VML.5792.2024

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ